ଧରିତ୍ରୀ
DHARITRI
ରାୟଗଡ଼ା, ଗୁରୁବାର, ଜୁଲାଇ ୮/୨୦୨୧ (୧୨ ପୃଷ୍ଠା) | Rayagada, Thursday, July 8/2021 ★
୧୧ଶ ଭାଗ ୧୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଓଡ଼ିଶା ଏଫ୍‌ସିରେ ଆଇଜାକ୍**
ଆଇଏସ୍‌ଏଲର ଅଷ୍ଟମ ସଂସ୍କରଣ ପୂର୍ବରୁ ୨୪ ବର୍ଷୀୟ ମିଜୋରାମର ଆଇଜାକ୍ ଭାନମାଲସାମାଙ୍କୁ ଦଳରେ ସାମିଲ କରିଛି ଓଡ଼ିଶା ଏଫ୍‌ସି। **୧୨**

**୦୪** **ପ୍ରତିଯୋଗିତା ବିହୀନ ଇଣ୍ଡଷ୍ଟ୍ରୀ ନାହିଁ**
ଅଭିନୟ ଦୁନିଆ ବେଶ୍ ପ୍ରତିଯୋଗିତାପୂର୍ଣ୍ଣ। ତେବେ ଏମିତି କୌଣସି ଇଣ୍ଡଷ୍ଟ୍ରୀ ନାହିଁ ଯେଉଁଠି ପ୍ରତିଯୋଗିତା ନାହିଁ ବୋଲି କହିଛନ୍ତି ଅଭିନେତ୍ରୀ ତାପସୀ ପନ୍ନୁ



# ଧର୍ମେନ୍ଦ୍ରଙ୍କୁ ଶିକ୍ଷା, ବୈଷ୍ଣବଙ୍କୁ ରେଳ

## ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ



ଧର୍ମେନ୍ଦ୍ର ପ୍ରଧାନ



ଅଶ୍ୱିନୀ ବୈଷ୍ଣବ



ବିଶ୍ୱେଶ୍ୱର ଟୁଡୁ

**ନୂଆଦିଲ୍ଲୀ,୭।୭**

ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ନିଜ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ କ୍ୟାବିନେଟ ସମ୍ପ୍ରସାରଣରେ ୩୬ ନୂଆ ମୁହଁଙ୍କୁ ସାମିଲ କରାଯାଇଥିବାବେଳେ ପୂର୍ବରୁ ରାଷ୍ଟ୍ରମନ୍ତ୍ରୀ ଥିବା ୭ ଜଣଙ୍କୁ ପଦୋନ୍ନତି ଦେଇ କ୍ୟାବିନେଟ ମନ୍ତ୍ରୀ କରାଯାଇଛି। ମୋଟ ୧୫ ଜଣ କ୍ୟାବିନେଟ ପାହ୍ୟା ପାଇଥିବାବେଳେ ଅନ୍ୟ ୨୮ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ କରାଯାଇଛି। ଆସନ୍ତା ବର୍ଷ ହେବାକୁ ଥିବା ୫ ରାଜ୍ୟ ବିଧାନସଭା ଭୋଟ ଓ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି କ୍ୟାବିନେଟ ବିସ୍ତାର କରାଯାଇଛି। ମୋଦି ସରକାର ୨.୦ରେ ଉତ୍ତରପ୍ରଦେଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏନ୍‌ଡିଏ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ), ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଏବଂ ଅପ୍‌ନା ଦଳକୁ ପ୍ରତିନିଧିତ୍ୱ ସୁଯୋଗ ମିଳିଛି। ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇଥିବା ପୂର୍ବତନ ଆଇଏଏସ୍ ଅଧିକାରୀ ଅଶ୍ୱିନୀ ବୈଷ୍ଣବ ଏବଂ ମୟୂରଭଞ୍ଜର ଭାଜପା ଏମ୍‌ପି ବିଶ୍ୱେଶ୍ୱର ଟୁଡୁଙ୍କୁ ନୂଆ କ୍ୟାବିନେଟରେ ସାମିଲ କରାଯାଇଛି। ଜାତିଗତ, ବୃତ୍ତିଗତ ଓ ସାମାଜିକ ସମୀକରଣକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଥିବା କୁହାଯାଉଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତ୍ରଣାଳୟ ପରିବର୍ତ୍ତନ ହୋଇଛି। ତାଙ୍କୁ ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଛି।

- **ଶପଥ ନେଲେ ୪୩ ମନ୍ତ୍ରୀ**
- **୧୫ କ୍ୟାବିନେଟ, ୨୮ ରାଷ୍ଟ୍ରମନ୍ତ୍ରୀ**
- **୩୬ ନୂଆ ମୁହଁ ସାମିଲ, ୭ ଜଣଙ୍କୁ ପଦୋନ୍ନତି**

ହରଦୀପ ସିଂ ପୁରୀଙ୍କୁ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର କ୍ୟାବିନେଟ୍ ମନ୍ତ୍ରୀ କରାଯାଇଛି। ସେହିପରି କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଥିବା ଅଶ୍ୱିନୀ ବୈଷ୍ଣବ ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପାଇଛନ୍ତି। ବିଶ୍ୱେଶ୍ୱରଙ୍କୁ ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ କରାଯାଇଛି। ଅନ୍ୟ ପଛୁଆ ବର୍ଗ (ଓବିସି) ଏବଂ ମହିଳାଙ୍କୁ ପୂର୍ବାପେକ୍ଷା ଅଧିକ ସୁଯୋଗ ମିଳିଛି। ସମ୍ପ୍ରସାରଣ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ, ଆଇନ ଏବଂ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ, ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କ ସମେତ ମୋଟ ୧୨ ମନ୍ତ୍ରୀ ବଳି ପଡ଼ିଛନ୍ତି।

ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ବୁଧବାର ସନ୍ଧ୍ୟା ୬ଟାରେ ୪୩ ମନ୍ତ୍ରୀ ଶପଥ ନେଇଥିଲେ। ସେମାନଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ ଓ ଗୋପନୀୟତାର ☞ପୃଷ୍ଠା-୪

### ଇସ୍ତଫା ଦେଲେ ୧୨ ମନ୍ତ୍ରୀ

ନୂଆଦିଲ୍ଲୀ,୭।୭: କେନ୍ଦ୍ର କ୍ୟାବିନେଟ ସମ୍ପ୍ରସାରଣ ପୂର୍ବରୁ ବୁଧବାର ୧୨ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ସେମାନେ ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ, ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ, ସାର ଓ ରସାୟନ ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡ଼ା, ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାର, ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ, ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଦେବଶ୍ରୀ ଚୌଧୁରୀ, ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରତନ ଲାଲ କଟାରିଆ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ। ସେହିପରି କେନ୍ଦ୍ର ଆଇନ ଏବଂ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ରାଷ୍ଟ୍ରମନ୍ତ୍ରୀ ଧୋତ୍ରେ ଏସ୍. ଶାମରାଓ, ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ପଦ ଛାଡ଼ିଥିଲେ। ଏମାନେ ସମସ୍ତେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ନିଜ ଇସ୍ତଫାପତ୍ର ଦେଇଥିଲେ, ଯାହାକି ଗ୍ରହଣ ହୋଇଛି। ଏହା ପୂର୍ବରୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଥାୱରଚନ୍ଦ ଗେହଲଟଙ୍କୁ କର୍ନାଟକ ରାଜ୍ୟପାଳ ନିଯୁକ୍ତ କରାଯାଇଥିବାରୁ ସେ ମଧ୍ୟ କେନ୍ଦ୍ର କ୍ୟାବିନେଟରୁ ଇସ୍ତଫା ଦେଇଥିଲେ।

**ନୂଆ କ୍ୟାବିନେଟ୍ ମନ୍ତ୍ରୀ**

୧. ନାରାୟଣ ତାତୁ ରାଣେ
୨. ସର୍ବାନନ୍ଦ ସୋନୋୱାଲ
୩. ଡ. ବୀରେନ୍ଦ୍ର କୁମାର
୪. ଜ୍ୟୋତିରାଦିତ୍ୟ ମାଧବରାଓ ସିନ୍ଧିଆ
୫. ରାମଚନ୍ଦ୍ର ପ୍ରସାଦ ସିଂ
୬. ଅଶ୍ୱିନୀ ବୈଷ୍ଣବ
୭. ପଶୁପତି କୁମାର ପାରସ
୮. କିରନ୍ ରିଜିଜୁ
୯. ରାଜ କୁମାର ସିଂ
୧୦. ହରଦୀପ ସିଂ ପୁରୀ
୧୧. ମନସୁଖ ମାଣ୍ଡବ୍ୟ
୧୨. ଭୂପେନ୍ଦ୍ର ଯାଦବ
୧୩. ପରଶୋତ୍ତୋମ ରୁପାଲା
୧୪. ଜି. କିଷନ ରେଡ୍ଡୀ
୧୫. ଅନୁରାଗ ସିଂ ଠାକୁର

**ନୂଆ ରାଷ୍ଟ୍ରମନ୍ତ୍ରୀ**

୧୬. ପଙ୍କଜ ଚୌଧରୀ
୧୭. ଅନୁପ୍ରିୟା ସିଂ ପଟେଲ
୧୮. ଡ. ସତ୍ୟପାଲ ସିଂ ବଘେଲ
୧୯. ରାଜୀବ ଚନ୍ଦ୍ରଶେଖର
୨୦. ସୁଶ୍ରୀ ଶୋଭା କରନ୍ଦଲାଜେ
୨୧. ଭାନୁ ପ୍ରତାପ ସିଂ ବର୍ମା
୨୨. ଦର୍ଶନ ବିକ୍ରମ ଜର୍ଦୋଶ
୨୩. ମୀନାକ୍ଷୀ ଲେଖି
୨୪. ଅନ୍ନପୂର୍ଣ୍ଣା ଦେବୀ
୨୫. ଏ. ନାରାୟଣସ୍ୱାମୀ
୨୬. କୌଶଲ କିଶୋର
୨୭. ଅଜୟ ଭଟ୍ଟ
୨୮. ବି.ଏଲ୍. ବର୍ମା
୨୯. ଅଜୟ କୁମାର ମିଶ୍ର
୩୦. ଦେବୁସିଂ ଚୌହାନ
୩୧. ଭଗୱନ୍ତ ଖୁବା
୩୨. କପିଲ ମୋରେଶ୍ୱର ପାଟିଲ
୩୩. ପ୍ରତିମା ଭୌମିକ
୩୪. ଡ. ସୁବାସ ସର୍କାର
୩୫. ଡ. ଭାଗୱତ କିଷନରାଓ କରାଡ
୩୬. ଡ. ରାଜକୁମାର ରଞ୍ଜନ ସିଂ
୩୭. ଡ. ଭାରତୀ ପ୍ରବୀଣ ପାୱାର
୩୮. ବିଶ୍ୱେଶ୍ୱର ଟୁଡୁ
୩୯. ଶାନ୍ତନୁ ଠାକୁର
୪୦. ଡ. ମୁଞ୍ଜାପାରା ମହେନ୍ଦ୍ରଭାଇ
୪୧. ଜନ୍ ବାର୍ଲା
୪୨. ଡ. ଏଲ୍. ମୁରୁଗାନ୍
୪୩. ନିସିଥ ପ୍ରାମାଣିକ

# ଅତୁଳନୀୟ ଅଭିନେତା

**ପରପାରିରେ ଦିଲୀପ କୁମାର**
୧୯୨୨-୨୦୨୧



**ମୁମ୍ବାଇ, ୭।୭**

ଦୀର୍ଘ ଦିନ ଧରି ଅସୁସ୍ଥ ରହିବା ପରେ କିମ୍ବଦନ୍ତୀ ଅଭିନେତା ଦିଲୀପ କୁମାରଙ୍କ ବୁଧବାର ସକାଳେ ପରଲୋକ ହୋଇଛି। ତାଙ୍କୁ ୯୮ ବର୍ଷ ହୋଇଥିଲା। ଗତ ବୁଧବାର ଶ୍ୱାସକ୍ରିୟାରେ ସମସ୍ୟା ଯୋଗୁ ତାଙ୍କୁ ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ବାଇଲାଟେରାଲ ପ୍ଲୁରାଲ ଇଫ୍ୟୁଜନ୍‌ରେ ପୀଡ଼ିତ ଥିବା ଡାକ୍ତର କହିଥିଲେ। ଏହାସହ ଦୀର୍ଘ ଦିନ ଧରି ସେ ପ୍ରୋଷ୍ଟେଟ୍ କ୍ୟାନ୍‌ସରର ସହ ମଧ୍ୟ ଲଢ଼େଇ କରୁଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସ୍ତ୍ରୀ ସାଇରାବାନୁ ମଙ୍ଗଳବାର ସୂଚନା ଦେଇଥିଲେ। ତେବେ ବୁଧବାର ସକାଳ ପ୍ରାୟ ସାଢ଼େ ୭ଟାରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ବଲିଉଡ୍ ଟ୍ରାଜେଡି କିଙ୍ଗ୍। ସକାଳ ୮ଟାରେ ଏ ନେଇ ତାଙ୍କ ବନ୍ଧୁ ଫୈଜଲ ଫାରୁକି ଦିଲୀପ କୁମାରଙ୍କ ଟୁଇଟର ଆକାଉଣ୍ଟରେ ଟୁଇଟ୍ କରି ଜଣାଇଥିଲେ। ତାଙ୍କ ପରଲୋକରେ ସିନେମା ଜଗତ ସମେତ କୋଟି କୋଟି ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସନ୍ଧ୍ୟାରେ ମୁମ୍ବାଇର ଜୁହୁ କବରସ୍ଥାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସକାଳବେଳେ ପଦ୍ମ ବିଭୂଷଣ ଦିଲୀପ କୁମାରଙ୍କ ମରଶରୀରକୁ ତ୍ରିରଙ୍ଗାରେ ଆଚ୍ଛନ୍ନ କରାଯାଇଥିଲା। ବିବାହ ପରଠାରୁ ଜୀବନର ସବୁ ସମୟରେ ତାଙ୍କ ପାଖେ ପାଖେ ରହିଥିବା ସାଇରାବାନୁ ତାଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ। ବଲିଉଡ୍‌ର ବହୁ କଳାକାର ☞ପୃଷ୍ଠା-୪

# ତେଜିଲା ଅସନ୍ତୋଷ

## ତୈଳଦର ବୃଦ୍ଧି ଥମୁନି

### ୧୫ରେ ଓଡ଼ିଶା ବନ୍ଦ

**ଭୁବନେଶ୍ୱର,୭।୭(ବ୍ୟୁରୋ)**

ତୈଳ ଦର ବୃଦ୍ଧି ଥମୁନାହିଁ। ପ୍ରାୟ ପ୍ରତିଦିନ ମୂଲ୍ୟ ବଢ଼ିଚାଲିଛି। ପେଟ୍ରୋଲ, ଡିଜେଲ ଦର ୧୦୦ ଟଙ୍କା ଟପିଲାଣି। ଏହାର ପ୍ରଭାବରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆକାଶଛୁଆଁ ହୋଇଥିବାରୁ ଜନ ଅସନ୍ତୋଷ ତୀବ୍ର ହେଲାଣି। ଏହି କ୍ରମରେ ରାଜ୍ୟର ବାମପନ୍ଥୀ ଦଳ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍) ଲିବରେଶନ ଓ ଫରୱାର୍ଡ ବ୍ଲକ ପକ୍ଷରୁ ଆସନ୍ତା ୧୫ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ମିଳିତ ଖବରଦାତା ସମ୍ମିଳନୀରେ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ଏହି ଘୋଷଣା କରାଯାଇଛି। ଉକ୍ତ ଦିନ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଖବରଦାତା ସମ୍ମିଳନୀରେ ☞ପୃଷ୍ଠା-୪

### ସବୁ ବ୍ଲକ୍‌ରେ କଂଗ୍ରେସର ପ୍ରତିବାଦ

**ଭୁବନେଶ୍ୱର,୭।୭(ବ୍ୟୁରୋ)**

ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ରାଜ୍ୟ କଂଗ୍ରେସ ରାସ୍ତାକୁ ଓହ୍ଲାଇଛି। ଆସନ୍ତା ୧୭ ତାରିଖ ଯାଏ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ କରାଯିବ। ବୁଧବାରଠାରୁ ସବୁ ବ୍ଲକରେ କଂଗ୍ରେସ କର୍ମୀ ବିକ୍ଷୋଭ କରୁଥିବାବେଳେ ଆସନ୍ତା ୯ ତାରିଖରେ ଜିଲାସ୍ତରରେ ଧାରଣା ଓ ୧୪ ତାରିଖରେ ଭୁବନେଶ୍ୱରରେ ବିକ୍ଷୋଭ କରିବାକୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଘୋଷଣା କରାଯାଇଛି। ୧୫ ତାରିଖରେ ଦିନିକିଆ ପେଟ୍ରୋଲ, ଡିଜେଲ ବର୍ଜନ କରିବାକୁ ଦଳ ପକ୍ଷରୁ ଆହ୍ୱାନ କରାଯାଇଛି। ୧୭ରେ ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପରୁ ଲୋକଙ୍କ ଦସ୍ତଖତ ସଂଗ୍ରହ କରିବାକୁ କଂଗ୍ରେସ ☞ପୃଷ୍ଠା-୪

### ପେଟ୍ରୋଲ ୩୫, ଡିଜେଲ ୧୮ ପଇସା ବଢ଼ିଲା



**ଭୁବନେଶ୍ୱର,୭।୭**

ଦିନକର ବିରତି ପରେ ପେଟ୍ରୋଲ ଓ ଡିଜେଲ ଦର ପୁଣି ବୃଦ୍ଧି ପାଇଛି। ଗତ ୧୦ ସପ୍ତାହ ମଧ୍ୟରେ ପେଟ୍ରୋଲ ୩୬ ଥର ଏବଂ ଡିଜେଲ ୩୪ ଥର ବଢ଼ିଲାଣି। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୯.୮୯ ଟଙ୍କା ଏବଂ ଡିଜେଲ ୯.୫୯ ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ମହାମାରୀ ଓ ଅସମାନତା

# ହାଇତି ରାଷ୍ଟ୍ରପତିଙ୍କୁ ହତ୍ୟା

**ପୋର୍ଟ-ଆଉ-ପ୍ରିନ୍ସ, ୭।୭**

ହାଇତି ରାଷ୍ଟ୍ରପତି ଜୋଭେନେଲ୍ ମୋଇସ୍‌ଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ହତ୍ୟା କରିଛନ୍ତି। ସେମାନେ ମୋଇସ୍‌ଙ୍କ ଘରୋଇ ବାସଭବନରେ ପ୍ରବେଶ କରି ଆକ୍ରମଣ କରିଥିଲେ ବୋଲି ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ କ୍ଲାଉଡେ୍ ଜୋସେଫ୍ କହିଛନ୍ତି। ଆକ୍ରମଣରେ ରାଷ୍ଟ୍ରପତିଙ୍କ ସ୍ତ୍ରୀ ତଥା ଫାଷ୍ଟ ଲେଡ଼ି ମାର୍ଟିନ୍ ମୋଇସ୍ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏଭଳି ଆକ୍ରମଣକୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଘୃଣିତ, ଅମାନବୀୟ ତଥା ବର୍ବରୋଚିତ କାର୍ଯ୍ୟ ବୋଲି ବର୍ଣ୍ଣନା କରିଛନ୍ତି। ତେବେ ଗଣତନ୍ତ୍ର ଓ ସାଧାରଣତନ୍ତ୍ରର ବିଜୟ ହେବ ବୋଲି ସେ କହିଛନ୍ତି। ଘଟଣାସ୍ଥଳରେ ହାଇତି ନ୍ୟାଶନାଲ ପୋଲିସ ଓ ସଶସ୍ତ୍ର ସୁରକ୍ଷା ବଳ ମୁତୟନ ଥିବାବେଳେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ବୁଧବାର ସକାଳେ ହାଇତି ରାଜଧାନୀ ପୋର୍ଟ-ଆଉ-ପ୍ରିନ୍ସର ରାସ୍ତାଘାଟ ଶୂନ୍‌ଶାନ ରହିଥିଲା। ତେବେ ଗୋଟିଏ ଅଞ୍ଚଳରେ ☞ପୃଷ୍ଠା-୪



ଜୋଭେନେଲ୍ ମୋଇସ୍

**ଆରପାରିରେ ଦିଲୀପ କୁମାର**





# ପୂର୍ବତନ କେନ୍ଦ୍ରମନ୍ତ୍ରୀ କୁମାରମଙ୍ଗଳମ୍‌ଙ୍କ ସ୍ତ୍ରୀଙ୍କୁ ହତ୍ୟା

**ନୂଆଦିଲ୍ଲୀ, ୭।୭**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି.ଆର୍. କୁମାରମଙ୍ଗଳମ୍‌ଙ୍କ ସ୍ତ୍ରୀ କିଟ୍ଟି କୁମାରମଙ୍ଗଳମ୍‌ଙ୍କୁ ମଙ୍ଗଳବାର ରାତିରେ ତାଙ୍କ ଦିଲ୍ଲୀ ବାସଭବନରେ ହତ୍ୟା କରାଯାଇଛି। ଦକ୍ଷିଣ ଦିଲ୍ଲୀର ବସନ୍ତ ବିହାରସ୍ଥିତ ବାସଭବନରୁ ୬୭ ବର୍ଷୀୟ କିଟ୍ଟିଙ୍କ ମୃତଦେହ ମିଳିଛି। ପ୍ରାରମ୍ଭିକ ଅନୁଧ୍ୟାନ ଅନୁଯାୟୀ ତାଙ୍କ ମୁହଁକୁ ତକିଆରେ ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ଜଣାପଡ଼ିଛି ବୋଲି ପୋଲିସ କହିଛି। ରାତି ୯ଟା ବେଳେ କିଟ୍ଟି ଘରେ ଜଣେ ସହାୟକଙ୍କ ସହ ରହିଥିଲାବେଳେ ତାଙ୍କ ପାଇଁ ରଜକ କାମ କରୁଥିବା ଜଣେ ବ୍ୟକ୍ତି ଅନ୍ୟ ଦୁଇଜଣଙ୍କ ସହ ଡକାୟତି କରିବା ଉଦ୍ଦେଶ୍ୟରେ ଘରେ ପଶିଥିଲେ। ☞ପୃଷ୍ଠା-୪



କିଟ୍ଟି କୁମାରମଙ୍ଗଳମ୍

# ଟ୍ରାଜେଡି କିଙ୍ଗ୍

**ବଲିଉଡ୍‌ର ଜୀବନ୍ତ କିମ୍ବଦନ୍ତୀ ଦିଲୀପ କୁମାର, ବହୁ ଯୁବ କଳାକାରଙ୍କ ପାଇଁ ସାଜିଥିଲେ ରୋଲ୍ ମଡେଲ। 'ଟ୍ରାଜେଡି କିଙ୍ଗ୍' ଭାବରେ ପରିଚିତ ଥିଲେ ଏହି ମହାନ୍ କଳାକାର...**



"କୌନ କମ୍ବକ୍ତ ହୈ ଜୋ ବରଦାସ୍ତ କର୍‌ନେ କେ ଲିୟେ ପିତା ହୈ, ମେଁ ତୋ ପିତା ହୁଁ କି ବସ୍ ସାଁସ୍ ଲେ ସକୁଁ'–(ଚଳଚ୍ଚିତ୍ର 'ଦେବଦାସ'ରେ ଦିଲୀପ କୁମାରଙ୍କ ବହୁଚର୍ଚ୍ଚିତ ଡାଏଲଗ୍)

## ଚର୍ଚ୍ଚିତ ବିବାହ



ସ୍ତ୍ରୀ ସାଇରାବାନୁଙ୍କ ସହ ଦିଲୀପ

**ବ**ଲିଉଡ୍‌ରେ କେବଳ ଅଭିନୟ ନୁହେଁ, ନିଜର ପ୍ରେମ ବିବାହ ପାଇଁ ବେଶ୍ ଚର୍ଚ୍ଚିତ ହୋଇଥିଲେ ଦିଲୀପ। ୧୯୬୬ରେ ସେ ସାଇରାବାନୁଙ୍କୁ ଧର୍ମପତ୍ନୀ ଭାବରେ ଗ୍ରହଣ କରିଥିଲେ। ସେତେବେଳେ ଦୁହିଁଙ୍କ ଭିତରେ ବୟସର ପାର୍ଥକ୍ୟ ଥିଲା ୨୨ ବର୍ଷ, ଅର୍ଥାତ୍ ଦିଲୀପଙ୍କୁ ସେହିସମୟରେ ୪୪ ବର୍ଷ ଏବଂ ସାଇରାବାନୁଙ୍କୁ ୨୨ ବର୍ଷ ବୟସ ହୋଇଥିଲା। ଏପରିକି ସେତେବେଳେ ତାଙ୍କ ସହ କେତୋଟି ସିନେମାରେ ଅଭିନୟ ଅଫରକୁ ପ୍ରତ୍ୟାଖ୍ୟାନ କରିଥିଲେ ଦିଲୀପ। କିନ୍ତୁ ଶେଷରେ ନିଜ ପ୍ରେମ ମିଶନରେ ସଫଳ ହୋଇଥିଲେ ଉଭୟ ସାଇରାବାନୁ ଏବଂ ଦିଲୀପ। ୧୯୮୧ରେ ଦିଲୀପ ଦ୍ୱିତୀୟ ବିବାହ କରିଥିଲେ। ହେଲେ ଆସମା ସାହିବାଙ୍କ ସହ ତାଙ୍କର ଏହି ସେକେଣ୍ଡ ମ୍ୟାରେଜ ମାତ୍ର ଦୁଇ ବର୍ଷ ଟିକ୍ତି ଥିଲା। ବିବାହ ପୂର୍ବରୁ ମଧୁବାଲାଙ୍କ ସହ ଦିଲୀପ କୁମାରଙ୍କ ସମ୍ପର୍କକୁ ନେଇ ବେଶ୍ ଆଲୋଚନା ହୋଇଥିଲା।

**ମହମ୍ମଦ ୟୁସୁଫ ଖାଁରୁ ଦିଲୀପ :** ତାଙ୍କର ପ୍ରକୃତ ନାମ ଥିଲା ମହମ୍ମଦ ୟୁସୁଫ ଖାଁ। ହେଲେ ଦେବୀକାରାଣୀ ଏହି ନାମକୁ ପରିବର୍ତ୍ତନ କରିବାକୁ ଚାହିଁଥିଲେ। ଯେତେବେଳେ ସେ ତାଙ୍କୁ ଅଭିନୟ ଜଗତରେ ପ୍ରବେଶ କରିବାକୁ ପ୍ରସ୍ତାବ ଦେଲେ ସେତେବେଳେ ଦିଲୀପଙ୍କ ଖୁସି କହିଲେ ନ ସରେ। ହେଲେ ତା' ପୂର୍ବରୁ ତାଙ୍କର ନାମକୁ ମହମ୍ମଦ ୟୁସୁଫଙ୍କୁ ବଦଳାଇ ଦିଲୀପ କୁମାର ରଖିଥିଲେ ଦେବୀକାରାଣୀ।

**ପେଶାଓ୍ୱାରରୁ ନାସିକ :** ୧୯୨୨ ଡିସେମ୍ବର ୧୧ରେ ସେ ପେଶାଓ୍ୱାର (ବର୍ତ୍ତମାନ ପାକିସ୍ତାନରେ)ରେ ଜନ୍ମଗ୍ରହଣ କରିଥିଲେ। ଦିଲୀପ କୁମାରଙ୍କୁ ସେତେବେଳେ ହୋଇଥାଏ ମାତ୍ର ୧୮ ବର୍ଷ। ଥରେ ତାଙ୍କର ବାପାଙ୍କ ସହ ମତାନ୍ତର ହୋଇଥିଲା। ବାସ୍, ତା'ପରେ ସେ ଘରୁ ଲୁଚି ଭାରତ ପଳାଇ ଆସିଥିଲେ। ଦିଲୀପ କୁମାରଙ୍କର ଯୁବାବସ୍ଥା କଟିଥିଲା ନାସିକରେ। ସେଠାରେ ସ୍କୁଲରେ ପଢ଼ିବା ସମୟରେ ତାଙ୍କର ଜଣେ ପିଲା ସହ ଭେଟ ହୋଇଥିଲା। ଆଉ ଧୀରେ ଧୀରେ ଏହି ସମ୍ପର୍କ ନିବିଡ ବନ୍ଧୁତାରେ ପରିଣତ ହୋଇଥିଲା। ସେ ଥିଲେ ବଲିଉଡ୍‌ର ଶୋ' ମ୍ୟାନ୍ ଭାବରେ ଖ୍ୟାତ ରାଜ କପୁର।



ପଦ୍ମ ବିଭୂଷଣ ସମ୍ମାନ ପ୍ରଦାନ ଅବସରରେ...

**୭ଥର ଫିଲ୍ମ ଫେୟାର ପୁରସ୍କାର :** ଦିଲୀପ କୁମାରଙ୍କ ଅଭିନୟ କେତେ ବଳିଷ୍ଠ ତାହା ସେ ଅଭିନୟ କରିଥିବା ସିନେମାଗୁଡ଼ିକରୁ ସ୍ପଷ୍ଟ ବାରିହୋଇପଡ଼େ। ଏଥିପାଇଁ ତାଙ୍କୁ ମିଳିଥିଲା ଅନେକ ପୁରସ୍କାର। ସେ ସମୟରେ ସେ ସାତ ଥର ଫିଲ୍ମ ଫେୟାର ପୁରସ୍କାର ହାସଲ କରି ରେକର୍ଡ କରିଥିଲେ। ୧୯୫୬ରେ ଶ୍ରେଷ୍ଠ ଅଭିନେତା ଭାବରେ ପ୍ରଥମ ଥର ପାଇଁ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ ସେ। ୨୦୧୧ରେ ଶାହରୁଖ ଖାଁ ୭ ଥର ଏହି ପୁରସ୍କାର ପାଇ ତାଙ୍କ ରେକର୍ଡ ସହ ସମକକ୍ଷ ହୋଇଥିଲେ।

**ଗିନିଜ୍ ରେକର୍ଡରେ ଦିଲୀପ :** ନିଜ ନାମକୁ ଗିନିଜ ଓ୍ୱାର୍ଲ୍ଡ ରେକର୍ଡରେ ସାମିଲ କରାଇବାରେ ସକ୍ଷମ ହୋଇଥିଲେ ଦିଲୀପ। ୭ ଥର ଫିଲ୍ମ ଫେୟାର ପୁରସ୍କାର (ଶ୍ରେଷ୍ଠ ଅଭିନେତା), ଫିଲ୍ମ ଫେୟାର ଲାଇଫ ଟାଇମ୍ ଆଚିଭମେଣ୍ଟ ପୁରସ୍କାର, ଫିଲ୍ମ ଫେୟାର ପୁରସ୍କାର ଲାଗି ଶ୍ରେଷ୍ଠ ଅଭିନେତା କାଟାଗୋରିରେ ସେ ସର୍ବାଧିକ ୧୯ ଥର ଚୟନ ତାଲିକାରେ ନିଜ ନାମକୁ ସାମିଲ କରିଥିଲେ। ୧୯୯୪ରେ ତାଙ୍କୁ ସମ୍ମାନଜନକ ଦାଦାସାହେବ ଫାଲ୍‌କେ ପୁରସ୍କାର, ୧୯୯୧ରେ ପଦ୍ମଭୂଷଣ ଏବଂ ୨୦୧୫ରେ ପଦ୍ମ ବିଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା।

**ଥରେ ସାଜିଥିଲେ ପ୍ରଯୋଜକ :** କେବଳ ଅଭିନୟ ନୁହେଁ ପରବର୍ତ୍ତୀ ସମୟରେ ଦିଲୀପ କୁମାର ଚଳଚ୍ଚିତ୍ର ପ୍ରଯୋଜନା ପାଇଁ ମନ ବଳାଇଥିଲେ। ହୋମ ବ୍ୟାନରରେ ସେ ନିର୍ମାଣ କରିଥିଲେ 'ଗଙ୍ଗା ଯମୁନା'। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ଏହାର ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରିଥିଲେ ସେ। ଏଥିରେ ତାଙ୍କର ନାୟିକା ସାଜିଥିଲେ ବୈଜୟନ୍ତୀମାଳା। ଦିଲୀପଙ୍କ ଭାଇ ନାସୀର ଖାଁ ମଧ୍ୟ ଏଥିରେ ଅଭିନୟ କରିଥିଲେ। ୧୯୬୧ରେ ମୁକ୍ତିଲାଭ କରିଥିବା ଉକ୍ତ ସିନେମାର ନିର୍ଦ୍ଦେଶନା ଦେଇଥିଲେ ନୀତୀନ ବୋଷ। କିନ୍ତୁ ପରେ ଦିଲୀପ ଆଉ ସିନେମା ପ୍ରଯୋଜନା କରିବାକୁ ମନ ବଳାଇ ନ ଥିଲେ।



'ଗଙ୍ଗା ଯମୁନା' ଚଳଚ୍ଚିତ୍ରରେ ଦିଲୀପ

**ପ୍ରଥମ ସିନେମା ଫ୍ଲପ୍ :** ଦେବୀକାରାଣୀଙ୍କ ଅନୁରୋଧ ରକ୍ଷା କରି ଦିଲୀପ କୁମାର ଅଭିନୟ ଦୁନିଆରେ ପାଦ ଥାପିଥିଲେ। ୧୯୪୪ ମସିହାରେ ମୁକ୍ତିଲାଭ କରିଥିବା ହିନ୍ଦୀ ସିନେମା 'ଜ୍ୱାର ଭଟ୍ଟା' ଥିଲା ତାଙ୍କ ଅଭିନୀତ ପ୍ରଥମ ସିନେମା। ହେଲେ ତାହା ଫ୍ଲପ୍ ହୋଇଥିଲା। ସେଥିରେ ଭାଙ୍ଗି ପଡି ନଥିଲେ ଏହି ଅଭିନେତା। ସତେଯେମିତି ଆଗକୁ ସଫଳତା ତାଙ୍କର ବାଟ ଚାହିଁ ବସିଥିଲା। ୧୯୪୭ରେ ପରଦା ଉପରକୁ ଆସିଥିଲା 'ଜୁଗ୍‌ନୁ'। ଏଥିରେ ତାଙ୍କର ନାୟିକା ଭାବରେ ଅବତୀର୍ଣ୍ଣ ହୋଇଥିଲେ ନୂର ଜାହାଁ। ଫିଲ୍ମଟି ବକ୍ସ ଅଫିସରେ ହିଟ୍ ହେବା ସହ ବଲିଉଡ୍‌ରେ ଦିଲୀପଙ୍କ ଭାଗ୍ୟ ଖୋଲି ଯାଇଥିଲା।

**'ମୁଗଲ-ଇ-ଆଜମ୍' ବଦଳାଇଥିଲା ଭାଗ୍ୟ:** ମନେପକାନ୍ତୁ ନା ସେହି ସୁପରଡୁପର ହିଟ୍ ଗୀତ 'ପ୍ୟାର୍ କିୟା ତୋ ଡରନା କ୍ୟା'କୁ। ବଲିଉଡ୍ ଇତିହାସର ଅନ୍ୟତମ ସ୍ମରଣୀୟ ଚଳଚ୍ଚିତ୍ର 'ମୁଗଲ-ଇ-ଆଜମ୍' (୧୯୬୦)ରେ ସଂଯୋଜିତ ଏହି ଗୀତରେ ମଧୁବାଲାଙ୍କ ନୃତ୍ୟ ଚିର ସ୍ମରଣୀୟ ହୋଇ ରହିବ। କେବଳ ସେତିକି ନୁହେଁ, କେ. ଆସିଫଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଉକ୍ତ ସିନେମାରେ ଦିଲୀପଙ୍କ ଅଭିନୟ ଅତୁଳନୀୟ। ଏହି ଫିଲ୍ମଟି ବଲିଉଡ୍‌ରେ ଦିଲୀପଙ୍କୁ ରାତାରାତି ଷ୍ଟାର ଅଭିନେତାର ମାନ୍ୟତା ଦେଇଥିଲା।

### ଅଲ୍‌ବିଦା ଟ୍ରାଜେଡି କିଙ୍ଗ୍

**ଭୂ**ମିକାଟି ଯେପରି ହେଉ ନା କାହିଁକି ତାହାକୁ ନିଖୁଣ ଭାବେ ତୁଲାଇବାରେ ଦିଲୀପ ଥିଲେ ବେଶ୍ ସିଦ୍ଧହସ୍ତ। ବିଶେଷଭାବରେ ଭାବପ୍ରବଣ ଭୂମିକାରେ ଏପରି ଅଭିନୟ କରୁଥିଲେ ଯେ ସେ ସମୟରେ ତାଙ୍କୁ ବଲିଉଡ୍‌ର 'ଟ୍ରାଜେଡି କିଙ୍ଗ୍' ଭାବରେ ନାମିତ କରାଯାଇଥିଲା। 'ମୁଗଲ-ଇ-ଆଜମ୍'ରେ ପ୍ରିନ୍ସ ସଲିମ୍ ହେଉ ଅବା 'ମଧୁମତୀ'ରେ ଆନନ୍ଦ (ଏହି ଭୂମିକା ପାଇଁ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ) ଭୂମିକାକୁ ସିନେପ୍ରେମୀ କଦାପି ଭୁଲି ପାରିବେ ନାହିଁ। ଏହାବ୍ୟତୀତ ବି.ଆର. ଚୋପ୍ରାଙ୍କ ପ୍ରଯୋଜିତ 'ନୟା ଦୌର'ରେ ତାଙ୍କର ଟ୍ରାଜେଡି ରୋଲ୍ କୌଣସି ଗୁଣରେ କମ୍ ନ ଥିଲା। ଟ୍ରାଜେଡି ଭୂମିକାର ଦିଲୀପ ଅଭିନୟ କରିଥିବା ଚଳଚ୍ଚିତ୍ରଗୁଡିକ ମଧ୍ୟରୁ ଅନ୍ୟତମ ଥିଲା 'ରାମ ଔର ଶ୍ୟାମ'। ଦୁଇ ଜଣ ଯମଜ ଭାଇ ଜନ୍ମ ସମୟରେ କିପରି ଅଲଗା ହୋଇଯାଉଛନ୍ତି ତାହା ଏହି ସିନେମାରେ ଦେଖିବାକୁ ମିଳିଛି। ଏଥିରେ ଓ୍ୱାହିଦା ରହେମାନ ଏବଂ ମମତାଜଙ୍କୁ ନାୟିକା ଭାବରେ ଦେଖିବାକୁ ମିଳିଥିଲା।

## ରାଜ୍ୟ ସଭାରେ ଦିଲୀପ

**ଦି**ଲୀପ କୁମାର କେବଳ ଅଭିନୟ ଭିତରେ ନିଜକୁ ବାନ୍ଧି ରଖି ନ ଥିଲେ। ୨୦୦୦-୨୦୦୬ ପର୍ଯ୍ୟନ୍ତ ସେ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ତା'ପୂର୍ବରୁ ୧୯୭୯-୧୯୮୨ ପର୍ଯ୍ୟନ୍ତ ସେ ମହାରାଷ୍ଟ୍ର ସରକାରଙ୍କ ତରଫରୁ 'ସେରିଫ ଅଫ ବମ୍ବେ' ଭାବରେ ଦାୟିତ୍ୱ ତୁଲାଇଥିଲେ।



**ସଂଳାପ ରଚନାରୁ ଆରମ୍ଭ:** ୧୯୪୨ରେ ପୁଣେରୁ ବମ୍ବେ ଆସିଥିଲେ ଦିଲୀପ। ବମ୍ବେ ଟକିଜରେ କାମ କରିବାର ସୁଯୋଗ ପାଇଲେ। ସତେଯେମିତି ଭାଗ୍ୟଦେବୀ ସେଠି ତାଙ୍କୁ ଅପେକ୍ଷା କରି ବସିଥିଲେ। ବମ୍ବେ ଟକିଜର ମାଲିକାଣୀ ଥିଲେ ଦେବୀକାରାଣୀ। ଉର୍ଦ୍ଦୁ ଭାଷାରେ ତାଙ୍କର ଦକ୍ଷତା ଥିବାରୁ ତାଙ୍କୁ ପ୍ରଥମେ ସଂଳାପ ରଚନା କରିବାକୁ ଦିଆଯାଇଥିଲା। ସେଥିପାଇଁ ସେ ମାସିକ ୧୨୫୦ ଟଙ୍କା ପାଉଥିଲେ।



'ମୁଗଲ-ଇ-ଆଜମ୍' ଚଳଚ୍ଚିତ୍ରରେ ମଧୁବାଲା –ଦିଲୀପ

### ବଢ଼ିଥିଲା ଚିନ୍ତା

**ଦି**ଲୀପଙ୍କ ଅଭିନୀତ ହିଟ୍ ସିନେମାର ତାଲିକା ବେଶ୍ ଲମ୍ବା। 'ଗଙ୍ଗା ଯମୁନା', 'ଲିଡର', 'ଦିଲ୍ ଦିୟା ଦର୍ଦ୍ଦ ଲିୟା', 'ରାମ୍ ଔର ଶ୍ୟାମ୍', 'ଦେବଦାସ', 'ଆଦମୀ', 'ନୟାଦୌର', 'ଦିଦାର', 'ହଲଚଲ୍', 'ବବଲୁ', 'ମଧୁମତୀ' 'କର୍ମା', 'ସୌଦାଗର' ଆଦି ଚଳଚ୍ଚିତ୍ରରେ ତାଙ୍କ ଅଭିନୟର ନିଖୁଣ ଛାପ ସ୍ମରଣୀୟ ହୋଇ ରହିବ। ଅଭିନୟ କ୍ୟାରିୟରର ପ୍ରାରମ୍ଭରେ ସଫଳତା ପାଇବା ଲାଗି ତାଙ୍କୁ ୫ବର୍ଷ ଅପେକ୍ଷା କରିବାକୁ ପଡିଥିଲା। କିନ୍ତୁ ୧୯୫୦ରେ ତାଙ୍କ ଅଭିନୀତ କେତେକ ସିନେମା ଫ୍ଲପ୍ ହେବା ପରେ ଦିଲୀପ ନିଜ କ୍ୟାରିୟରକୁ ନେଇ ଚିନ୍ତାରେ ପଡିଥିଲେ। ଏପରି କି ସେତେବେଳେ ସେ କେତୋଟି ସିନେମାର କ୍ଷୁଦ୍ର ଭୂମିକାରେ ଅଭିନୟ କରିବାକୁ ପଛାଇ ନ ଥିଲେ। କିନ୍ତୁ ତା'ପରେ ନିଜର ବଳିଷ୍ଠ ଅଭିନୟ ତାଙ୍କୁ ହିନ୍ଦୀ ସିନେମାରେ ଦେଇଥିଲା ନୂଆ ପରିଚୟ।

**ବିକିଥିଲେ ସ୍ୟାଣ୍ଡଓ୍ୱିଚ୍ :** ନାସିକ୍‌ରୁ ପୁଣେ ଯିବା ପରେ ସେଠାରେ ତାଙ୍କର ଜଣେ କ୍ୟାଣ୍ଟିନ୍ କଣ୍ଟ୍ରାକ୍ଟରଙ୍କ ସହ ଭେଟ ହେଲା। ଇଂଲିଶ ଭଲଭାବରେ ଜାଣିଥିବାରୁ ଚାକିରିଟିଏ ପାଇବାରେ ସକ୍ଷମ ହୋଇଥିଲେ। ସେଠାରେ ସ୍ୟାଣ୍ଡଓ୍ୱିଚ୍ ବିକ୍ରି କରି ସେତେବେଳେ ନିଜର ଗୁଜରାଣ ମେଣ୍ଟାଉଥିଲେ ଦିଲୀପ।

### ସ୍ମରଣୀୟ 'ସୌଦାଗର'

**ବ**ଲିଉଡ୍‌ର ଆଗଧାଡ଼ିର ଅନ୍ୟତମ ନିର୍ଦ୍ଦେଶକ ସୁବାସ ଘାଇ ନିର୍ମାଣ କରିଥିଲେ 'ସୌଦାଗର'। ଏହି ବିଗ୍ ବଜେଟ ଫିଲ୍ମରେ ପ୍ରଥମ ଥର ପାଇଁ ହିନ୍ଦୀ ସିନେମାର ଦୁଇ ଜଣ ଲୋକପ୍ରିୟ ଅଭିନେତାଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ସେ ଦୁହେଁ ହେଲେ ଦିଲୀପ କୁମାର ଏବଂ ରାଜ କୁମାର। ଉକ୍ତ ଚଳଚ୍ଚିତ୍ରର କାହାଣୀ, ଉପସ୍ଥାପନା, ଡାଏଲଗ ଏବଂ ଗୀତ ଏହାକୁ ସୁପରହିଟ୍ କରାଇଥିଲା। ଏଥିରେ ଏ ଦୁହେଁ ଦୁଇ ସାଙ୍ଗ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମରେ ଦିଲୀପଙ୍କ ଡାଏଲଗ୍ 'ହକ୍ ହମୈସା ସର୍ ଝୁକାକେ ନହିଁ, ସର୍ ଉଠାକେ ମାଙ୍ଗା ଜାତା ହୈ' ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା।

**ଫ୍ଲପ୍ ପାଇଁ ପାଞ୍ଚ ବର୍ଷ ବ୍ରେକ୍ :** ନିଜ ଅଭିନୟ କ୍ୟାରିୟରରେ ଦିଲୀପ କୁମାର ପାଞ୍ଚ ବର୍ଷ ବ୍ରେକ୍ ନେଇଥିଲେ। ୧୯୭୦ରୁ ତାଙ୍କ ଅଭିନୀତ ଅଧିକାଂଶ ସିନେମା ଫ୍ଲପ୍ ହେବା ପରେ ଭାଙ୍ଗି ପଡିଥିଲେ। ତେଣୁ ସେ ୧୯୭୬ରୁ ୧୯୮୧ ପର୍ଯ୍ୟନ୍ତ ବଲିଉଡ୍‌ରୁ ସାମୟିକ ବ୍ରେକ୍ ନେଇଥିଲେ। ତା'ପରେ ସେ 'କ୍ରାନ୍ତି', 'ବିଧାତା', 'ଶକ୍ତି', 'ମଶାଲ', 'ଧରମ ଅଧିକାରୀ', 'କାନୁନ ଅପନା ଅପନା' ଏବଂ 'ସୌଦାଗର' ପରି ଚଳଚ୍ଚିତ୍ରରେ ଅଭିନୟ କରି ନିଜ ଲୋକପ୍ରିୟତାକୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲେ।

## ହଲିଉଡ୍ ଅଫରକୁ ନା

**ହ**ଲିଉଡ୍ ଫିଲ୍ମ 'ଲରେନ୍ସ ଅଫ ଆରବିୟା'ର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଦିଲୀପଙ୍କୁ ଅଫର ମିଳିଥିଲା। କିନ୍ତୁ କେତେକ କାରଣରୁ ସେ ଏହି ଅଫରଟିକୁ ପ୍ରତ୍ୟାଖାନ କରିଥିଲେ। ଯଦି ସେ ସେତେବେଳେ ରାଜି ହୋଇଥାଆନ୍ତେ ତେବେ ସେହି ସମୟର ଲୋକପ୍ରିୟ ହଲିଉଡ୍ ଅଭିନେତ୍ରୀ ଏଲିଜାବେଥ ଟେଲରଙ୍କ ସହ ଅଭିନୟ କରିବାର ସୁଯୋଗ ପାଇଥାଆନ୍ତେ। ପରେ ଏହି ଭୂମିକା ପାଇଁ ଇଜିପ୍ଟର ଓମାର ସରିଫଙ୍କୁ ସାଇନ୍ କରାଯାଇଥିଲା।

**ସ୍ମୃତିରେ 'ଦେବଦାସ':** ୧୯୫୫ରେ ପରଦା ଉପରକୁ ଆସିଥିଲା ବିମଳ ରୟଙ୍କ 'ଦେବଦାସ'। ହିନ୍ଦୀ ସିନେମା ଜଗତରେ ଏହି ଚିତ୍ରଟି କେତେ ସଫଳତା ହାସଲ କରିଥିଲା ତାହା କହିବା ଅନାବଶ୍ୟକ। ଏହାର ଟାଇଟଲ ଭୂମିକାରେ ଦିଲୀପଙ୍କ ଅଭିନୟ ଥିଲା ବେଶ୍ ହୃଦୟସ୍ପର୍ଶୀ। ତାଙ୍କର ଏହି ରୋଲ୍ ସିନେପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା।



'ରାମ୍ ଔର ଶ୍ୟାମ୍' ଚଳଚ୍ଚିତ୍ରରେ ଓ୍ୱାହିଦା ରହେମାନ-ଦିଲୀପ



ଯଦି ସବୁକିଛି ଠିକ୍‌ରେ ଚାଲେ ତେବେ ତା'ର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେଇଥାଆନ୍ତି। କିନ୍ତୁ କିଛି ଭୁଲ୍ ହୋଇଗଲେ ମନ୍ତ୍ରୀଙ୍କୁ ଦାୟୀ କରାଯାଏ। ମନ୍ତ୍ରୀମାନେ ନିଜ ଅନୁପାଳନ ଓ ଦାସତ୍ୱ ପାଇଁ ମୂଲ୍ୟ ଦେଇଛନ୍ତି।

-ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା

## ସଂକ୍ଷେପରେ

### ୟୁପିରୁ ସର୍ବାଧିକ ମନ୍ତ୍ରୀ

**ନୂଆଦିଲ୍ଲୀ,୭।୭:** ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବା ଉତ୍ତରପ୍ରଦେଶରୁ ସର୍ବାଧିକ ୭ ଜଣଙ୍କୁ କେନ୍ଦ୍ରରେ ମନ୍ତ୍ରୀପଦ ମିଳିଛି। ସେମାନେ ହେଲେ କୌଶଲ କିଶୋର, ଏସ୍.ପି. ବଘେଲ, ପଙ୍କଜ ଚୌଧରୀ, ବି.ଏଲ୍. ବର୍ମା, ଅଜୟ୍ କୁମାର, ଭାନୁ ପ୍ରତାପ ବର୍ମା ଏବଂ ଅନୁପ୍ରିୟା ପଟେଲ। କୌଶଲ ମୋହନଲାଲ୍‌ଗଞ୍ଜରୁ ଏମ୍‌ପି ଥିବାବେଳେ ଏସ୍.ପି. ବଘେଲ ଆଗ୍ରାରୁ ୫ ଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ସେହିପରି ପଙ୍କଜ ୟୁପିର ମହାରାଜଗଞ୍ଜରୁ ୬ ଥର ଏମ୍‌ପି ହୋଇଥିବାବେଳେ ବି.ଏଲ୍. ବର୍ମା ଉତ୍ତରପ୍ରଦେଶରୁ ରାଜ୍ୟ ସଭା ସଦସ୍ୟ ଅଛନ୍ତି। ସେହିପରି ଅଜୟ୍ କୁମାର ଖେରି ଆସନରୁ ଦୁଇଥର ଲୋକ ସଭାକୁ ଯାଇଥିବାବେଳେ ଭାନୁପ୍ରତାପ ୫ ଥର ନିର୍ବାଚିତ ହୋଇଛନ୍ତି। ଅନୁପ୍ରିୟା ମିର୍ଜାପୁରରୁ ଲୋକ ସଭା ସଦସ୍ୟ ଅଛନ୍ତି। ଏହା ବ୍ୟତୀତ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଗୁଜରାଟ ଓ ବିହାରକୁ ପ୍ରାଧାନ୍ୟ ଦିଆଯାଇଛି।

### ମନ୍ତ୍ରିମଣ୍ଡଳରେ ୭ ପ୍ରଶାସନିକ ଅଧିକାରୀ

କେନ୍ଦ୍ର କ୍ୟାବିନେଟ ସମ୍ପ୍ରସାରଣରେ ଉଭୟ ଅଭିଜ୍ଞ ଏବଂ ନୂଆ ମୁହଁଙ୍କୁ ସାମିଲ କରାଯାଇଛି। ଅଭିଜ୍ଞତା ସମ୍ପନ୍ନ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଆଇନଜୀବୀ, ଡାକ୍ତର, ଇଞ୍ଜିନିୟର, ରିସର୍ଚ୍ଚ ଡିଗ୍ରୀଧାରୀ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ୪୬ ଜଣ ପୂର୍ବରୁ କେନ୍ଦ୍ର ସରକାରରେ କାର୍ଯ୍ୟ କରିଛନ୍ତି। ୧୮ ଜଣ ପୂର୍ବତନ ରାଜ୍ୟମନ୍ତ୍ରୀଙ୍କୁ କେନ୍ଦ୍ର କ୍ୟାବିନେଟରେ ନିଆଯାଇଛି। ମନ୍ତ୍ରିମଣ୍ଡଳରେ ୧୩ ଆଇନଜୀବୀ, ୬ ଡାକ୍ତର, ୫ ଇଞ୍ଜିନିୟର, ୭ ସିଭିଲ୍ ସର୍ଭ୍ୟାଣ୍ଟ, ୭ ରିସର୍ଚ୍ଚ ଡିଗ୍ରୀଧାରୀ ହୋଇଥିବାବେଳେ ୩ ଜଣଙ୍କର ବ୍ୟବସାୟରେ ଡିଗ୍ରୀ ରହିଛି।

### ଶୀର୍ଷ ହିଜ୍‌ବୁଲ କମାଣ୍ଡର ନିହତ

ଶ୍ରୀନଗର, ୭।୭(ଆଇଏଏନ୍‌ଏସ୍) ସୁରକ୍ଷା ବଳ ସହ ଗୁଳିବିନିମୟ ବେଳେ ଆତଙ୍କବାଦୀ ସଂଗଠନ ହିଜ୍‌ବୁଲ ମୁଜାହିଦ୍ଦିନ୍‌ର ଜଣେ ଶୀର୍ଷ କମାଣ୍ଡର ନିହତ ହୋଇଛନ୍ତି। ବୁଧବାର ଉତ୍ତର କଶ୍ମୀରର ହନ୍ଦୱାରାରେ ଏହି ଗୁଳି ବିନିମୟ ଘଟିଥିଲା। ମେହରାଜ-ଉଦ୍-ଦିନ୍ ହଲୱାଇ ଓରଫ ଉବିଆଦ୍ ଦୀର୍ଘବର୍ଷ ହେଲା ଉତ୍ତର କଶ୍ମୀରରେ ସକ୍ରିୟ ରହିବା ସହ ବହୁ ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ୱାଟ୍‌ୟେନ ହନ୍ଦୱାରାରେ ସୁରକ୍ଷା ବଳ କୋଭିଡ୍ କଟକଣା ପାଳନ ହେଉଛି କି ନାହିଁ ଯାଞ୍ଚ ବେଳେ ଜଣେ ବ୍ୟକ୍ତିଙ୍କ ବ୍ୟବହାରକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ସୁରକ୍ଷା ବଳ ଉକ୍ତ ବ୍ୟକ୍ତିଙ୍କୁ କାବୁ କରି ଜେରା କଲାବେଳେ ସେ ହିଜ୍‌ବୁଲ୍ ମୁଜାହିଦ୍ଦିନ କମାଣ୍ଡର ବୋଲି ନିଜ ପରିଚୟ ଦେଇଥିଲେ।

### ଷ୍ଟାନ୍ ସ୍ୱାମୀଙ୍କ ମୃତ୍ୟୁର ତଦନ୍ତ ଦାବି: ଜେଲରେ ଅନଶନ

**ନୂଆଦିଲ୍ଲୀ, ୭।୭:** ଫାଦର ଷ୍ଟାନ୍ ସ୍ୱାମୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାବିରେ ନଭି ମୁମ୍ବାଇସ୍ଥିତ ତାଲୋଜା କେନ୍ଦ୍ରୀୟ ଜେଲ୍‌ରେ ଏଲ୍‌ଗାର ପରିଷଦ ମାମଲାର ଅଭିଯୁକ୍ତମାନେ ବୁଧବାର ଦିନସାରା ଅନଶନ କରିଥିଲେ। ସେମାନଙ୍କ ବିରୋଧରେ ମାମଲାର ଶୁଣାଣି ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଷ୍ଟାନ୍‌ଙ୍କ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି। ସେମାନେ ଏନେଇ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଅନୁରୋଧ କରିବା ପାଇଁ ଯୋଜନା କରିଛନ୍ତି। ଭୀମା କୋରେଗାଁଓ ଏଲ୍‌ଗାର ପରିଷଦ ମାମଲାରେ ଷ୍ଟାନ୍ ସ୍ୱାମୀଙ୍କ ସମେତ ୧୬ ଜଣଙ୍କୁ ଏନ୍‌ଆଇଏ ଗିରଫ କରିଥିଲା। ୮୪ ବର୍ଷୀୟ ଷ୍ଟାନ୍‌ଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଇଞ୍ଜିନ ଖରାପ, ଡବା ବଦଳିଲା

ନୂଆଦିଲ୍ଲୀ,୭।୭

ଇଞ୍ଜିନ ଖରାପ ହୋଇଯାଇ ଥିବାବେଳେ ଡବା ବଦଳାଯାଉଛି। ମୋଦି କ୍ୟାବିନେଟର ସମ୍ପ୍ରସାରଣକୁ ନେଇ କଂଗ୍ରେସ ପକ୍ଷରୁ ଏପରି ପ୍ରତିକ୍ରିୟା ଆସିଛି। ଏଆଇସିସି ମୁଖପାତ୍ର ରଣଦୀପ ସୁର୍ଜେୱାଲା ବୁଧବାର କହିଛନ୍ତି, ଏହା ହେଉଛି କ୍ଷମତା ଲୁଣ୍ଠନର ବଣ୍ଟନ ଏବଂ ଦଳଡିଆଁଙ୍କ ଥଇଥାନ। ସରକାରରେ ପ୍ରଦର୍ଶନକୁ ନେଇ ମନ୍ତ୍ରୀ କରାଯାଉ ନାହିଁ। ଯଦି ପ୍ରଦର୍ଶନ ଆଧାରରେ କ୍ୟାବିନେଟ ସମ୍ପ୍ରସାରଣ କରାଯାଉଥାଆନ୍ତା ତେବେ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କରୋନା ମହାମାରୀ ସମୟରେ ସୁଶାସନ ଦେବାରେ ତାଙ୍କ ବିଫଳତା ପାଇଁ ବରଖାସ୍ତ କରାଯାଇଥାଆନ୍ତା। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ସେମାନଙ୍କ ଦୁର୍ବଳ ଭୂମିକା ପାଇଁ ବାହାର କରାଯାଇଥାଆନ୍ତା।

### କ୍ୟାବିନେଟ ସମ୍ପ୍ରସାରଣ ଅର୍ଥହୀନ: କଂଗ୍ରେସ

କ୍ୟାବିନେଟ ସମ୍ପ୍ରସାରଣ ଦ୍ୱାରା କେନ୍ଦ୍ର ସରକାରର ପ୍ରଦର୍ଶନ କିମ୍ବା ଶାସନରେ ଉନ୍ନତି ଆସିବ ନାହିଁ, ବରଂ ଏହା ନଷ୍ଟ କ୍ଷମତାର ବଣ୍ଟନ ଏବଂ ଦଳବଦଳକାରୀଙ୍କୁ ଥଇଥାନ ପାଇଁ ଉଦ୍ଦିଷ୍ଟ ବୋଲି କଂଗ୍ରେସ ମୁଖ୍ୟ ମୁଖପାତ୍ର ସୁର୍ଜେୱାଲା କହିଛନ୍ତି। ଭାଜପା ଦେଶକୁ ଉପଯୁକ୍ତ ଭାବେ ଶାସନ କରିବାରେ ବିଫଳ ହୋଇଥିବାରୁ କ୍ୟାବିନେଟ ସମ୍ପ୍ରସାରଣ ଅର୍ଥହୀନ ବୋଲି ବୁଧବାର କଂଗ୍ରେସ କହିଛି। ମନ୍ତ୍ରିମଣ୍ଡଳ ନୁହେଁ, ଦୂରଦୃଷ୍ଟିର ସମ୍ପ୍ରସାରଣ ଆବଶ୍ୟକ ବୋଲି କଂଗ୍ରେସ ମୁଖପାତ୍ର ଜୟବୀର ଶେରଗିଲ୍ କହିଛନ୍ତି। ଅର୍ଥନୀତି, ନିଯୁକ୍ତି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଜାତୀୟ ସୁରକ୍ଷା ସବୁଥିରେ ଭାଜପା ସମ୍ପୂର୍ଣ୍ଣ ଅସଫଳ ହୋଇଥିବା ସେ ମତ ଦେଇଛନ୍ତି।

### ବିଦା ହେଲେ



ରବିଶଙ୍କର ପ୍ରସାଦ | ରତନ ଲାଲ କଟାରିଆ | ସନ୍ତୋଷ ଗଙ୍ଗୱାର | ବାବୁଲ ସୁପ୍ରିୟୋ



ଦେବଶ୍ରୀ ଚୌଧୁରୀ | ଥାୱରଚନ୍ଦ ଗେହଲଟ | ସଦାନନ୍ଦ ଗୌଡ଼ା | ରମେଶ ପୋଖରିୟାଲ



ପ୍ରକାଶ ଜାଭଡେକର | ସଞ୍ଜୟ ଧୋତ୍ରେ | ଡ. ହର୍ଷବର୍ଦ୍ଧନ | ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

# ନୂଆ ମନ୍ତ୍ରୀଙ୍କୁ ଅଭିନନ୍ଦନ

ନୂଆ ମନ୍ତ୍ରୀ ଭାବେ ବୁଧବାର ସନ୍ଧ୍ୟାରେ କେନ୍ଦ୍ର କ୍ୟାବିନେଟରେ ସାମିଲ ହୋଇଥିବା ୪୩ ଜଣଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଅଭିନନ୍ଦନ ଜଣାଇଛନ୍ତି। ନୂଆ ମନ୍ତ୍ରୀ ଭାବେ ଶପଥ ନେଇଥିବା ସମସ୍ତ ସହକର୍ମୀଙ୍କୁ ଅଭିନନ୍ଦନ ଜଣାଇବା ସହ ମନ୍ତ୍ରିତ୍ୱ କାଳରେ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ କାମନା କରୁଛି ବୋଲି ମୋଦି ଟୁଇଟ୍ କରିଛନ୍ତି। ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବା ଏବଂ ଦୃଢ଼ ତଥା ସମୃଦ୍ଧ ଭାରତ ଗଠନ ଦିଗରେ କାର୍ଯ୍ୟ କରିବା ବୋଲି ସେ ଲେଖିଛନ୍ତି। ସେହିପରି ଅମିତ୍



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଶାହା ନୂଆ ମନ୍ତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ସମ୍ପୂର୍ଣ୍ଣ କ୍ୟାବିନେଟ ସରକାରଙ୍କ କଲ୍ୟାଣକାରୀ ନୀତି କାର୍ଯ୍ୟକାରୀ କରିବା ସହ ଅତ୍ମନିର୍ଭର ଭାରତ ଗଠନ ଦିଗରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବ ବୋଲି ଟୁଇଟ୍ କରିଛନ୍ତି।

# ଓବିସିରୁ ୨୭, ଏସ୍‌ସିରୁ ୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ କ୍ୟାବିନେଟରେ ଓବିସିରୁ ୨୭ ଜଣ ସ୍ଥାନ ପାଇଛନ୍ତି। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଜାତି, ଧର୍ମ ଓ ଅଭିଜ୍ଞତାର ଉପଯୁକ୍ତ ସମନ୍ୱୟ ରଖାଯାଇଥିବା ସରକାରୀ ସୂତ୍ରରୁ କୁହାଯାଇଛି। ଓବିସିରୁ ମନ୍ତ୍ରୀ ହୋଇଥିବା ୨୭ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ କ୍ୟାବିନେଟ ପାହ୍ୟା ମିଳିଛି। ଅନୁସୂଚିତ ଜାତିରୁ ୧୨ ଜଣ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କ୍ୟାବିନେଟ ପାହ୍ୟା ମିଳିଛି। ସେହିପରି ଅନୁସୂଚିତ ଜନଜାତିରୁ ୮ ଜଣ ଅରୁଣାଚଳପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା ଓ ଆସାମରୁ ମନ୍ତ୍ରୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ କ୍ୟାବିନେଟ ପାହ୍ୟା ପାଇଛନ୍ତି। ଏହା ବ୍ୟତୀତ ମୁସଲମାନ, ଶିଖ୍ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟରୁ ଜଣେ ଲେଖାଏ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ମଧ୍ୟରୁ ୨ ଜଣ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ୩ କ୍ୟାବିନେଟ ମନ୍ତ୍ରୀ ଧର୍ମୀୟ ସଂଖ୍ୟାଲଘୁ। ୧୪ ଜଣ ମନ୍ତ୍ରୀଙ୍କ ବୟସ ୫୦ ବର୍ଷରୁ କମ୍ ରହିଛି।

# କ୍ୟାବିନେଟରେ ୭ ମହିଳା

କେନ୍ଦ୍ର କ୍ୟାବିନେଟ ସମ୍ପ୍ରସାରଣରେ ୭ ଜଣ ମହିଳା ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଅନୁପ୍ରିୟା ସିଂ ପଟେଲ ଉତ୍ତରପ୍ରଦେଶ ମିର୍ଜାପୁରରୁ ଦୁଇଥର ନିର୍ବାଚିତ ହୋଇଥିବାବେଳେ ପୂର୍ବ ମୋଦି ସରକାରରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଥିଲେ। ସେହିପରି ସୁଶ୍ରୀ ଶୋଭା କରନ୍ଦଲାଜେ କର୍ଣ୍ଣାଟକର କୁଡୁପି ଚିକ୍‌ମାଗାଲୁରରୁ ଦୁଇଥର ଏମ୍‌ପି ହୋଇଛନ୍ତି। କର୍ଣ୍ଣାଟକ ସରକାରରେ ସେ କ୍ୟାବିନେଟ ମନ୍ତ୍ରୀ ଥିଲେ। ଦର୍ଶନା ବିକ୍ରମ ଜର୍ଦୋସ ଗୁଜରାଟ ସୁରଟରୁ ୩ ଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ମୀନାକ୍ଷୀ ଲେଖି ନୂଆଦିଲ୍ଲୀରୁ ୨ ଥର ଲୋକ ସଭାକୁ ଯାଇଛନ୍ତି। ସେ ସୁପ୍ରିମକୋର୍ଟର ଆଇନଜୀବୀ ଏବଂ ସାମାଜିକ କର୍ମୀ। ଅନ୍ନପୂର୍ଣ୍ଣା ଦେବୀ ଝାଡ଼ଖଣ୍ଡର କୋଡର୍ମାରୁ ପ୍ରଥମ ଥର ଏମ୍‌ପି ହୋଇଛନ୍ତି। ତେବେ ସେ ଝାଡ଼ଖଣ୍ଡ ସରକାରରେ କ୍ୟାବିନେଟ ମନ୍ତ୍ରୀ ଥିଲେ। ପ୍ରତିମା ଭୌମିକ ତ୍ରିପୁରା ୱେଷ୍ଟରୁ ପ୍ରଥମ ଥର ନିର୍ବାଚିତ ହୋଇଛନ୍ତି। ଭାରତୀ ପ୍ରବୀଣ ପାୱାର ମହାରାଷ୍ଟ୍ରର ଡିଣ୍ଡୋରିରୁ ପ୍ରଥମ ଥର ଏମ୍‌ପି ହୋଇଛନ୍ତି। ରାଜନୀତିକୁ ଆସିବା ପୂର୍ବରୁ ସେ ଜଣେ ଡାକ୍ତର ଭାବେ କାର୍ଯ୍ୟ କରୁଥିଲେ।

# ସିଆଇସି, ଏସ୍‌ଆଇସିରେ ଖାଲିସ୍ଥାନ ପୂରଣ ରାୟର ଅନୁପାଳନ ରିପୋର୍ଟ ଦିଅ

ନୂଆଦିଲ୍ଲୀ, ୭।୭(ପି.ଟି.)

ସୂଚନା ଅଧିକାର ଆଇନରେ ସିଆଇସିରେ ସୂଚନା କମିଶନର ଏବଂ ରାଜ୍ୟ ପ୍ୟାନେଲ ଏସ୍‌ଆଇସିରେ ଥିବା ଖାଲି ପଦବୀ ଧାର୍ଯ୍ୟ ସମୟ ମଧ୍ୟରେ ପୂରଣ ଲାଗି ୨୦୧୯ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହାର ଅନୁପାଳନ ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ଲାଗି ସର୍ବୋଚ୍ଚ ଅଦାଲତ ବୁଧବାର କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ



କେନ୍ଦ୍ର, ରାଜ୍ୟଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଦେଇଛନ୍ତି। କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ଏବଂ ରାଜ୍ୟ ସୂଚନା କମିଶନ (ଏସ୍‌ଆଇସି)ରେ କେତେ ଖାଲିସ୍ଥାନ ରହିଛି ଏବଂ ସେଗୁଡ଼ିକର ପୂରଣ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି, ତାହାର ସବିଶେଷ ରିପୋର୍ଟ ୪ ସପ୍ତାହ ମଧ୍ୟରେ ଦାଖଲ କରିବା ପାଇଁ ଜଷ୍ଟିସ୍ ଏସ୍. ଅବଦୁଲ ନାଜିରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ରାୟ ଅନୁଯାୟୀ ସିଆଇସି ଏବଂ ଏସ୍‌ଆଇସିରେ ଖାଲିସ୍ଥାନରେ ନିଯୁକ୍ତି ଦେବା ପାଇଁ ଆର୍‌ଟିଆଇ କର୍ମୀ ଅଞ୍ଜଳି ଭରଦ୍ୱାଜ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

# ମମତାଙ୍କୁ ୫ ଲକ୍ଷ ଜରିମାନା

ନୂଆଦିଲ୍ଲୀ/କୋଲକାତା, ୭।୭

କାଲକାଟା ହାଇକୋର୍ଟରେ ବିଚାରପତି କୌଶିକ୍ ଚନ୍ଦା ଏକ ମାମଲାର ଶୁଣାଣିରୁ ଓହରିଯିବା ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ପୈଠ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଭାଜପା ବିଧାୟକ ଶୁଭେନ୍ଦୁ ଅଧିକାରୀଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରାଯାଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ସ୍ୱାର୍ଥକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିବାବେଳେ ବିଚାରପତିଙ୍କୁ ଉକ୍ତ ମାମଲାରୁ



କୌଶିକ୍ ଚନ୍ଦା | ମମତା ବାନାର୍ଜୀ

ଓହରିଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତେବେ ମାମଲା ଛାଡ଼ିବା ପୂର୍ବରୁ ବିଚାରପତି କେତେକ ଉତ୍ତେଜନାପୂର୍ଣ୍ଣ ମତାମତ ଦେଇଛନ୍ତି। ଜଣେ ବିଚାରପତିଙ୍କୁ ନିନ୍ଦା କରିବା ପାଇଁ ମମତା ସୁଚିନ୍ତିତ ଯୋଜନା କରିଥିଲେ। ଏହା ତାଙ୍କ ସାମ୍ବିଧାନିକ କ୍ଷମତାର ଉଲ୍ଲଂଘନ ବୋଲି ବିଚାରପତି ମାମଲାରୁ ଓହରିବା ପୂର୍ବରୁ କହିଛନ୍ତି।

# କଟକଣା କଡ଼ାକଡ଼ି କରନ୍ତୁ ୯ ରାଜ୍ୟ

ନୂଆଦିଲ୍ଲୀ, ୭।୭(ପି.ଟି.)

ସଂକ୍ରମଣ ବଢୁଥିବା ଓଡ଼ିଶା ସମେତ ୯ ରାଜ୍ୟରେ କୋଭିଡ୍ ନିୟନ୍ତ୍ରଣ ପଦକ୍ଷେପକୁ ଜୋର୍‌ଦାର କରିବା ଲାଗି କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ହେଲେ ଅରୁଣାଚଳପ୍ରଦେଶ, ଆସାମ, ମଣିପୁର, କେରଳ, ମେଘାଳୟ, ତ୍ରିପୁରା, ନାଗାଲାଣ୍ଡ ଓ ସିକ୍କିମ୍। ଏହିସବୁ ରାଜ୍ୟରେ କୋଭିଡ୍ ପରୀକ୍ଷା ଓ ଟିକାକରଣ ବଢ଼ାଇବା ସହ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଯୋଜନା ଏବଂ ଚିକିତ୍ସା ପରିଚାଳନାରେ ଉନ୍ନତି ଆଣିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବୁଧବାର କହିଛି। ସଂକ୍ରମଣ



### ସଂକ୍ରମଣ ରୋକିବାକୁ କେନ୍ଦ୍ରର ପରାମର୍ଶ

ରୋକିବା ଲାଗି ଏହି ରାଜ୍ୟଗୁଡ଼ିକରେ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ପତ୍ର ଲେଖି ଜଣାଇଛନ୍ତି। ଅରୁଣାଚଳପ୍ରଦେଶରେ ପଜିଟିଭିଟି ହାର ୧୬.୨ ପ୍ରତିଶତ ରହିଛି। ସେହିପରି ଆସାମର ୪ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି।

ବୁଧବାର ସାରା ଦେଶରେ ୪୩,୭୩୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୪,୫୯,୯୨୦କୁ ହ୍ରାସ ପାଇଛି। ୨୪ ଘଣ୍ଟାରେ ୯୩୦ ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୪,୦୪,୨୧୧ରେ ପହଞ୍ଚିଛି। ମଙ୍ଗଳବାର ଦେଶରେ ମୋଟ ୧୯,୦୭,୨୧୬ କୋଭିଡ୍ ପରୀକ୍ଷା ହୋଇଥିବାବେଳେ ଦୈନିକ ସଂକ୍ରମଣ ହାର ୨.୨୯ ରହିଛି।

DSPL-81

ଓଡ଼ିଶା ସରକାର
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

ପ୍ରେସ ବିଜ୍ଞପ୍ତି

୧. ରାଜ୍ୟରେ ଇତି ମଧ୍ୟରେ କୋଭିଡ୍ ପଜିଟିଭ୍ ହାର ଯଥେଷ୍ଟ ଭାବରେ ହ୍ରାସ ପାଇଛି। ଆଜି ରାଜ୍ୟର ମୋଟାମୋଟି ପଜିଟିଭିଟି ହାର ୩.୪୯ ଅଛି। ୧୦ ଜିଲ୍ଲାରେ ଏହି ହାର ୧% ତଳେ ରହିଛି। ମାତ୍ର ୬ ଜିଲ୍ଲାରେ ୫%ରୁ ସାମାନ୍ୟ ଉପରେ ରହିଛି। ବର୍ତ୍ତମାନ ରାଜ୍ୟରେ କୋଭିଡ୍‌ର ସଂକ୍ରମଣର ହାର ଯଥାଶୀଘ୍ର ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଯାଇପାରେ ବୋଲି ସହଜରେ ଅନୁମାନ କରାଯାଇପାରେ।

୨. ସମଗ୍ର ରାଜ୍ୟରେ ଥିବା କୋଭିଡ୍ ଶଯ୍ୟା ମଧ୍ୟରୁ ମୋଟାମୋଟି ୬୦% ଗୁରୁତର ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଶଯ୍ୟା, ୬୨% ଆଇ.ସି.ୟୁ. ଶଯ୍ୟା ଏବେ ଖାଲି ଅଛି। ମାତ୍ର ୧୩% ଶଯ୍ୟାରେ ରୋଗୀ ଅଛନ୍ତି ଓ ପାଖାପାଖି ୯୦% ଶଯ୍ୟା ଖାଲି ଅଛି। କୋଭିଡ୍ ରୋଗୀଙ୍କ ସଂଖ୍ୟା ଯଥେଷ୍ଟ ଭାବରେ ହ୍ରାସ ପାଇବାରୁ ଧିରେ ଧିରେ କୋଭିଡ୍ କେୟାର ହୋମ ଗୁଡ଼ିକୁ ପ୍ରତ୍ୟାହାର କରାଯାଉଛି। ମେଡ଼ିକାଲ କଲେଜ, ଏବଂ ପ୍ରାଇଭେଟ୍ ହସ୍ପିଟାଲ୍ ସହାୟତାରେ ଚାଲୁଥିବା କୋଭିଡ୍ ହସ୍ପିଟାଲ ଗୁଡ଼ିକ ବର୍ତ୍ତମାନ ପାଇଁ ଚାଲୁ ରହିବ। ସମ୍ଭାବ୍ୟ ତୃତୀୟ ଲହରକୁ ଆଖି ଆଗରେ ରଖି ଯେ କୌଣସି ସମୟରେ ଆବଶ୍ୟକତା ଅନୁଯାୟୀ ଶଯ୍ୟା ଗୁଡ଼ିକ ତୁରନ୍ତ ପୁନଃ କାର୍ଯ୍ୟକ୍ଷମ କରିବାର ବ୍ୟବସ୍ଥା କରାଯାଇଛି।

୩. ରାଜ୍ୟରେ ଅକ୍ସିଜେନ୍ ଏବଂ ଅନ୍ୟାନ୍ୟ ଜରୁରୀ ଔଷଧ ଯଥେଷ୍ଟ ପରିମାଣରେ ମହଜୁଦ କରି ରଖାଯାଇଛି। ଇତି ମଧ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟର ସମସ୍ତ ଜିଲ୍ଲାରେ ଅକ୍ସିଜେନ ପ୍ଲାଣ୍ଟ (LMO ଏବଂ PSO)ର ଶିଳାନ୍ୟାସ କରାଯାଇଛି ଓ ବ୍ରହ୍ମପୁର ମେଡିକାଲ୍ କଲେଜରେ ଏହି କାର୍ଯ୍ୟ ଶେଷ ହୋଇଛି।

୪. କଳାଫିମ୍ପି ରୋଗରେ ରାଜ୍ୟରେ ଏପର୍ଯ୍ୟନ୍ତ ୧୪୦ ଜଣ ଆକ୍ରାନ୍ତ ହୋଇଛନ୍ତି, ୨୦ ଜଣ ପ୍ରାଣ ହରାଇଛନ୍ତି ଏବଂ ୨୧ ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସାରିଲେଣି। ସରକାର ଏହାର ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ଆମ୍ଫୋଟେରିସିନ-ବି, କୋଶୋକୋନାଜୋଲ ଔଷଧ ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ରଖିଛନ୍ତି।

୫. ରାଜ୍ୟରେ କୋଭିଡ୍ ସଂକ୍ରମିତ ରୋଗୀଙ୍କୁ ଚିହ୍ନଟ କରିବା ପାଇଁ ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀଙ୍କୁ ନେଇ ଗଠିତ ଟିମ୍ ଘର ଘର ବୁଲି ତିନି ମାସ ବ୍ୟାପି ସର୍ଭେ କରୁଛନ୍ତି। ମେ ମାସ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ଅଗଷ୍ଟ ୨୩ ରେ ଶେଷ ହେବ। ଏ ପର୍ଯ୍ୟନ୍ତ ଏହି ସର୍ଭେରେ ୧୧୫୧୬୨ କୋଭିଡ୍ ପଜିଟିଭ୍ ବ୍ୟକ୍ତିଙ୍କୁ ଚିହ୍ନଟ ଓ ଚିକିତ୍ସା କରାଯାଇଥିବା ବେଳେ ୭୫୦୦୦ ଅନ୍ୟ ଅଣସଂକ୍ରାମକ ରୋଗୀଙ୍କୁ ଚିହ୍ନଟ ଓ ଚିକିତ୍ସା କରାଯାଇଛି।

୬. ପ୍ରତ୍ୟେକ କୋଭିଡ୍ ହସ୍ପିଟାଲରେ ଘଟୁଥିବା ମୃତ୍ୟୁ ଏକ ତ୍ରିସ୍ତରୀୟ ପର୍ଯ୍ୟବେକ୍ଷଣ ପରେ ପ୍ରକୃତ କୋଭିଡ୍ ଜନିତ ମୃତ୍ୟୁ ଏବଂ ଅନ୍ୟାନ୍ୟ କାରଣ ଜନିତ ମୃତ୍ୟୁ ଭାବରେ ଚିହ୍ନଟ କରାଯାଇଥାଏ। ଏଥିପାଇଁ ହସ୍ପିଟାଲ ସ୍ତରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧ୍ୟକ୍ଷତାରେ ପ୍ରଥମ କମିଟି, ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ କମିଟି ଓ ରାଜ୍ୟସ୍ତରରେ ଡି.ଏମ୍.ଇ.ଟି. ଙ୍କ ଅଧ୍ୟକ୍ଷତାରେ ତୃତୀୟ କମିଟି ଏହାର ଯାଞ୍ଚ କରିଥାନ୍ତି। ଯାହା ପ୍ରକୃତ ପକ୍ଷେ ସମୟ ସାପେକ୍ଷ ଅଟେ। ମେ' ଓ ଜୁନ୍ ମାସରେ ଡାକ୍ତରମାନେ ରୋଗୀଙ୍କ ଚିକିତ୍ସା ଓ ଜୀବନରକ୍ଷାରେ ବ୍ୟସ୍ତ ରହି ଏଥିପାଇଁ ସମୟ ଦେଇପାରି ନଥିଲେ। 'ୟାସ୍' ବାତ୍ୟା ବିପନ୍ନ ଜିଲ୍ଲା ଗୁଡ଼ିକର ରିପୋର୍ଟ ମଧ୍ୟ ଆସିପାରି ନଥିଲା। ବର୍ତ୍ତମାନ ମେ ଓ ଜୁନ ମାସର ପୁରୁଣା କେସ୍ ଗୁଡ଼ିକର ତର୍ଜମା କରାଯାଇ ପ୍ରକୃତ କାରଣ ନିର୍ଦ୍ଧାରଣ ପରେ କୋଭିଡ୍ ମୃତ୍ୟୁ ଜନିତ ତଥ୍ୟ ପ୍ରକାଶ କରାଯାଉଛି। ସପ୍ତାହେ ଦୁଇ ସପ୍ତାହ ମଧ୍ୟରେ ଏହା ସରିଯିବ।

୭. ଟୀକାଦାନ ଆମ ରାଜ୍ୟରେ ବ୍ୟାପକ ଭାବରେ ଚାଲିଛି। ଭୁବନେଶ୍ୱରରେ ସଂଖ୍ୟାଧିକ ଲୋକଙ୍କ ଟୀକାକରଣ ସରିଲାଣି। ଏ ଦୃଷ୍ଟିରୁ କୋଭାକ୍ସିନ୍ ଟୀକା ଗଞ୍ଜାମ ଜିଲ୍ଲାରେ ଦେବାର ବ୍ୟବସ୍ଥା କରାଯାଇଛି। ଅନ୍ୟ ସ୍ଥାନରେ କୋଭିସିଲ୍ଡ୍ ଟୀକା ଦିଆ ଚାଲିଛି। ବର୍ତ୍ତମାନ ରାଜ୍ୟରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଦ୍ୱିତୀୟ ଡୋଜ ଟୀକା ଦେବାକୁ ୨୮ ଲକ୍ଷ ଟୀକା ଆବଶ୍ୟକ ଅଛି। ମାତ୍ର ଯେଉଁମାନେ ପ୍ରଥମ ଡୋଜ ନେଇ ନାହାନ୍ତି ତାଙ୍କ ପାଇଁ ୧୫ ଲକ୍ଷ ଡୋଜ ଦରକାର। ଆଜି ଆମ ପାଖରେ ୫ ଲକ୍ଷ କୋଭିସିଲ୍ଡ୍ ଟୀକା ମହଜୁଦ ଅଛି।

୮. ରାଜ୍ୟରେ ସମ୍ଭାବ୍ୟ ତୃତୀୟ ଲହର ପାଇଁ ଆମକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ହେବ। ଏଥିରେ ଶିଶୁମାନେ ଅଧିକ ସଂଖ୍ୟାରେ ଆକ୍ରାନ୍ତ ହୋଇ ପାରନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ୩୦୦୦ ଶିଶୁ କୋଭିଡ୍ ବେଡ୍, ୬୧୦ ଆଇ.ସି.ୟୁ. ବେଡ୍‌ର ବ୍ୟବସ୍ଥା କରାଯିବା ସହ ପ୍ରାୟ ୪୦୦୦ ଡାକ୍ତରଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ବିଭିନ୍ନ ବର୍ଗର ଡାକ୍ତର ମାନଙ୍କର ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ସବୁ ଜିଲ୍ଲାରେ ଆର୍.ଟି.ପି.ସି.ଆର୍ ଲ୍ୟାବ୍ ପ୍ରତିଷ୍ଠା କାର୍ଯ୍ୟ ଅଗଷ୍ଟ ୧୫ ମଧ୍ୟରେ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ୯ଟି ଏକମୋ ମେସିନ ଅଗଷ୍ଟ ୧୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଡାକ୍ତର, ପାରାମେଡିକାଲ କର୍ମଚାରୀଙ୍କ ତାଲିମ ଜୁଲାଇ ୩୧ ମଧ୍ୟରେ କଲିକତାରେ ଶେଷ ହେବ। ସମସ୍ତେ କଡ଼ାକଡ଼ି ଭାବରେ କୋଭିଡ୍ ନିୟମ ପାଳିଲେ ଓ ଠିକ୍ ସମୟରେ ଟିକାନେଲେ ଆଗକୁ ମଧ୍ୟ କୋଭିଡ୍ ସଂକ୍ରମଣ କମ୍ ରହିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଜ୍ୟୋତିର୍ମୟୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପ୍ରତିଯୋଗିତା ବିହୀନ ଇଣ୍ଡଷ୍ଟ୍ରୀ ନାହିଁ



ନୂଆଦିଲ୍ଲୀ: ଏମିତି କୌଣସି ଇଣ୍ଡଷ୍ଟ୍ରୀ ନାହିଁ ଯେଉଁଠି ପ୍ରତିଯୋଗିତା ନାହିଁ। ଏଥିଯୋଗୁ ବହୁତ ଚାପଗ୍ରସ୍ତ ଅଛି ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ। ବଲିଉଡ୍‌ରେ ଜୀବନ କେତେ ଦ୍ରୁତଗାମୀ ଏବଂ କିପରି ଏହା ସମାଲୋଚନାରେ ଭରପୂର ସେ ଉପରେ ନିଜ ପ୍ରତିକ୍ରିୟା ରଖି ତାପସୀ କହିଛନ୍ତି, ଅଭିନୟ ଦୁନିଆ ବେଶ୍ ପ୍ରତିଯୋଗିତାପୂର୍ଣ୍ଣ। କ୍ୟାମେରା ସମ୍ମୁଖରେ ଆମେ ଅଭିନୟ କଲାବେଳେ ଲୋକଙ୍କ ପାଇଁ ତାହା ସମାଲୋଚନାର ବିଷୟ ପାଲଟିଯାଏ। ଏଥିଯୋଗୁ ମାନସିକ ଚାପର ସମ୍ମୁଖୀନ ହେବାକୁ ପଡେ। ଯେ ଏପରି ଅବସ୍ଥା ଦେଇ ଗତି କରିଥିବେ କେବଳ ସେ ହିଁ ଏ ବିଷୟରେ ଅବଗତ ଥିବେ ବୋଲି ସେ କହିଛନ୍ତି। ନିକଟରେ ତାପସୀଙ୍କ ଫିଲ୍ମ 'ହସିନ୍ ଦିଲ୍‌ରୁବା' ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେଉଁ କଥାକୁ,**
**ନାଆ ପେଲି ଦେଲି କଲିକତାକୁ।**
କେତେକ ବ୍ୟକ୍ତି କୌଣସି କଥାକୁ ସେତେଟା ଗୁରୁତ୍ୱ ଦେଇ ନ ଥା'ନ୍ତି। ଏଇ ସାମାନ୍ୟ କଥାଟା ହୋଇପାରିବନି ଯେ, ଏତେ ଚିନ୍ତା ବୋଲି କହି ଫୁତ୍କାରରେ ଉଡ଼େଇ ଦେଇଥାନ୍ତି। କଥାକୁ ଗୁରୁତ୍ୱ ସହକାରେ ନ ନେଇ ବେପରୁଆ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାର୍ତ୍ତିକରେ ନ ଥାଏ ଅଫୁଲା,**
**ମଗୁଶୁରରେ ନ ଥାଏ ଅପାଚିଲା।**
ସାଧାରଣତଃ କାର୍ତ୍ତିକ ମାସ ବେଳକୁ ଧାନ ଗଛରେ ଥୋଡ଼ ବାହାରି ଯାଇଥାଏ। ସେହିପରି ମାର୍ଗଶିର ମାସ ବେଳକୁ ଗଛରେ ଧାନ ପାଚି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## classifieds Everyday
0674-2580101, 2549302

real estate

**SALE**

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71112

Twincity ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16ରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 7008175202. D-70856

business

Offering Project Franchisee for capable Regd. NGO, SHG. 8260052422, 9337358992. D-21035

**LOST**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମୋର ଏକ ଓରିଜିନାଲ ଦଲିଲ ନଂ. ୧୫୩୩, ତାରିଖ: ୧୪।୦୬।୧୯୮୨ (ଜଟଣୀ ସବ୍ ରେଜିଷ୍ଟ୍ରାରଙ୍କ ଅଫିସରେ ପଞ୍ଜିକୃତ) ଏବଂ ଏକ ଓରିଜିନାଲ ପଟ୍ଟା (ଖତିୟାନ ନଂ. ୨୯୯/୧୫, ମୌଜା: ମୁଣ୍ଡଳ, ଜିଲ୍ଲା: ଖୋର୍ଦ୍ଧା), ମୋର ଭୁବନେଶ୍ୱରରେ ଗମନାଗମନ ସମୟରେ ତା।୨୫।୦୬।୨୦୨୧ରିଖରେ କେଉଁଠି ହଜିଯାଇଛି। ଉକ୍ତ ଦଲିଲ ଏବଂ ପଟ୍ଟାକୁ ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି ତେବେ ନିମ୍ନ ଠିକଣାରେ ଫେରେଇଦେବାକୁ ଅନୁରୋଧ ଏବଂ କେହି ଯଦି ଏହି ଦଲିଲ ଓ ପଟ୍ଟାକୁ କୌଣସି କାର୍ଯ୍ୟରେ ବ୍ୟବହାର କରନ୍ତି ତାଙ୍କର ଉକ୍ତ କାର୍ଯ୍ୟ ଅସିଦ୍ଧ ଘୋଷଣା ହେବ ଏବଂ ସେଥିପାଇଁ ମୁଁ ଦାୟୀ ରହିବି ନାହିଁ। ଶ୍ରୀ ହୃଷୀକେଶ ସ୍ୱାଇଁ, ପିତା: ସ୍ୱର୍ଗତ ଦିଗମ୍ବର ସ୍ୱାଇଁ, ଗ୍ରାମ: ମୁଣ୍ଡଳ, ପୋ.: କନ୍ତିଆ, ଥାନା: ଏଆରଫିଲ୍ଡ, ଜିଲ୍ଲା: ଖୋର୍ଦ୍ଧା। D-21037

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ଧର୍ମେନ୍ଦ୍ରଙ୍କୁ ଶିକ୍ଷା, ...

ଶପଥ ପାଠ କରାଇଥିଲେ। ୧୩ କ୍ୟାବିନେଟ ମନ୍ତ୍ରୀ ହିନ୍ଦୀରେ ଓ ୨ ଜଣ ଇଂଲିଶରେ ଶପଥ ନେଇଥିଲେ। ପ୍ରଥମେ ଶପଥ ନେଇଥିବା କ୍ୟାବିନେଟ ମନ୍ତ୍ରୀଙ୍କ ମଧ୍ୟରେ ରହିଛନ୍ତି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ନାରାୟଣ ରାଣେ। ୬୯ ବର୍ଷୀୟ ରାଣେଙ୍କ ପରେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଶପଥ ନେଇଥିଲେ। ୫୮ ବର୍ଷୀୟ ସର୍ବାନନ୍ଦ ପୂର୍ବରୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଥିଲେ। ଆସାମ ବିଧାନସଭା ନିର୍ବାଚନ ପରେ ହିମନ୍ତ ବିଶ୍ୱଶର୍ମାଙ୍କୁ ମୁଖ୍ୟମନ୍ତ୍ରୀ ଆସନ ଛାଡ଼ିଦେଇଥିବାରୁ ତାଙ୍କୁ କେନ୍ଦ୍ରରେ ଥଇଥାନ କରାଯାଇଥିବା କୁହାଯାଉଛି। ସେହିପରି ଗତବର୍ଷ କଂଗ୍ରେସରୁ ଭାଜପାକୁ ଆସି ମଧ୍ୟପ୍ରଦେଶରେ କମଲନାଥ ସରକାରଙ୍କ ପତନର କାରଣ ସାଜିଥିବା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମଧ୍ୟ ମୋଦି ନୂଆ କ୍ୟାବିନେଟରେ ସୁଯୋଗ ଦେଇଛନ୍ତି। ୫୦ ବର୍ଷୀୟ ରାଜ୍ୟ ସଭା ସଦସ୍ୟ ସିନ୍ଧିଆ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାରରେ ଶକ୍ତି, ବାଣିଜ୍ୟ ଓ ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଥିଲେ। ମଧ୍ୟପ୍ରଦେଶର ଟିକମ୍‌ଗଡ଼ ଏମ୍‌ପି ଡ. ବୀରେନ୍ଦ୍ର କୁମାର, ଓଡ଼ିଶାରୁ ରାଜ୍ୟ ସଭାକୁ ନିର୍ବାଚିତ ଅଶ୍ୱିନୀ ବୈଷ୍ଣବ, ବିହାରରୁ ଉଚ୍ଚ ସଦନରେ ପ୍ରତିନିଧିତ୍ୱ କରୁଥିବା ଜେଡିୟୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାମଚନ୍ଦ୍ର ପ୍ରସାଦ ସିଂ, ହାଜିପୁରର ଏଲ୍‌ଜେପି ଏମ୍‌ପି ପଶୁପତି କୁମାର ପାରସ ମଧ୍ୟ କ୍ୟାବିନେଟ ମନ୍ତ୍ରୀ ରୂପେ ଶପଥ ନେଇଛନ୍ତି।
ଅରୁଣାଚଳ(ୱେଷ୍ଟ) ଏମ୍‌ପି କିରନ ରିଜିଜୁ, ବିହାରର ଆର୍‌ହା ଏମ୍‌ପି ରାଜକୁମାର ସିଂ, ପୂର୍ବତନ କୂଟନୀତିଜ୍ଞ ହରଦୀପ ସିଂ ପୁରୀ, ବନ୍ଦର ଓ ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ଗୁଜରାଟରୁ ରାଜ୍ୟ ସଭାକୁ ନିର୍ବାଚିତ ପରଷୋତ୍ତମ ରୁପାଲା, ତେଲଙ୍ଗାନାର ସିକନ୍ଦରାବାଦ ଏମ୍‌ପି ତଥା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ହିମାଚଳ ପ୍ରଦେଶର ହମିରପୁର ଏମ୍‌ପି ତଥା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁରଙ୍କୁ ଏଥର କ୍ୟାବିନେଟ ପାହ୍ୟାକୁ ଉନ୍ନୀତ କରାଯାଇଛି। ଏମାନେ ସମସ୍ତେ ପୂର୍ବରୁ ରାଷ୍ଟ୍ରମନ୍ତ୍ରୀ ଥିଲେ। ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ଭୂପେନ୍ଦ୍ର ସିଂଙ୍କୁ ମଧ୍ୟ ନୂଆ କ୍ୟାବିନେଟରେ ସ୍ଥାନ ମିଳିଛି। ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଥିବା ୨୮ ଜଣଙ୍କ ମଧ୍ୟରେ ଅଛନ୍ତି ୟୁପିର ମହାରାଜଗଞ୍ଜ ଏମ୍‌ପି ପଙ୍କଜ ଚୌଧରୀ, ଅପ୍‌ନା ଦଳ ନେତ୍ରୀ ତଥା ୟୁପିର ମିର୍ଜାପୁର ଏମ୍‌ପି ଅନୁପ୍ରିୟା ସିଂ ପଟେଲ, ଆଗ୍ରା ଏମ୍‌ପି ପ୍ରଫେସର ସତ୍ୟପାଲ ସିଂ ବଘେଲ, ବ୍ୟବସାୟୀରୁ ରାଜନେତା ପାଲଟିଥିବା ରାଜ୍ୟ ସଭା ସଦସ୍ୟ ରାଜୀବ ଚନ୍ଦ୍ରଶେଖର, କର୍ଣ୍ଣାଟକର ଉଡୁପି ଏମ୍‌ପି ସୁଶ୍ରୀ ଶୋଭା କରନ୍ଦଲାଜେ, ୟୁପିର ଜଲାଉନ୍‌ରୁ ୫ ଥର ଏମ୍‌ପି ହୋଇଥିବା ଭାନୁ ପ୍ରତାପ ସିଂ ବର୍ମା, ଗୁଜରାଟର ସୁରଟରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ଦର୍ଶନା ବିକ୍ରମ ଜର୍ଦୋଶ, ନୂଆଦିଲ୍ଲୀ ଏମ୍‌ପି ମୀନାକ୍ଷୀ ଲେଖି, ଝାଡ଼ଖଣ୍ଡର କୋଡରମା ଏମ୍‌ପି ଅନ୍ନପୂର୍ଣ୍ଣା ଦେବୀ, କର୍ଣ୍ଣାଟକର ଚିତ୍ରଦୁର୍ଗ ଏମ୍‌ପି ଏ. ନାରାୟଣସ୍ୱାମୀ, ୟୁପିର ଲାଲଗଞ୍ଜ ଏମ୍‌ପି କୌଶଲ କିଶୋର, ଉତ୍ତରାଖଣ୍ଡ ଭାଜପା ଅଧ୍ୟକ୍ଷ ତଥା ଉଦ୍ଧମ ସିଂନଗର ଏମ୍‌ପି ଅଜୟ ଭଟ୍ଟ, ୟୁପି ଭାଜପା ଉପାଧ୍ୟକ୍ଷ ତଥା ରାଜ୍ୟ ସଭା ସଦସ୍ୟ ବି.ଏଲ୍. ବର୍ମା, ୟୁପିର ଖେରିରୁ ପ୍ରଥମ ଥର ପାଇଁ ଏମ୍‌ପି ହୋଇଥିବା ଅଜୟ କୁମାର ମିଶ୍ର, ଗୁଜରାଟର ଖେଡ଼ା ଏମ୍‌ପି ଦେବୁସିଂ ଚୌହାନ, କର୍ଣ୍ଣାଟକର ବିଦର ଏମ୍‌ପି ଭଗୱନ୍ତ ଖୁବା ଏବଂ ମହାରାଷ୍ଟ୍ରରେ ଭାଜପାର ଓବିସି ଚେହେରା ତଥା ଭିୱାଣ୍ଡି ଆସନରୁ ଲୋକ ସଭାକୁ ନିର୍ବାଚିତ କପିଲ ମୋରେଶ୍ୱର ପାଟିଲ। ସେହିପରି ପ୍ରତିମା ତ୍ରିପୁରା ୱେଷ୍ଟ ଏମ୍‌ପି ଭୌମିକ, ପଶ୍ଚିମବଙ୍ଗର ବାଙ୍କୁରା ଆସନରୁ ଜିତିଥିବା ଡାକ୍ତର ସୁବାସ ସର୍କାର, ମହାରାଷ୍ଟ୍ରରୁ ରାଜ୍ୟ ସଭାକୁ ନିର୍ବାଚିତ ଡାକ୍ତର ଭାଗୱତ କିଷନରାଓ କରାଡ, ଇନର୍ ମଣିପୁର ଏମ୍‌ପି ଡ. ରାଜକୁମାର ରଞ୍ଜନ ସିଂ, ମହାରାଷ୍ଟ୍ରର ଡିନ୍ଦୋରି ଏମ୍‌ପି ଡ. ଭାରତୀ ପ୍ରବୀଣ ପାୱାର, ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ, ପଶ୍ଚିମବଙ୍ଗର ବନ୍‌ଗାଓଁ ଏମ୍‌ପି ଶାନ୍ତନୁ ଠାକୁର, ଗୁଜରାଟର ସୁରେନ୍ଦ୍ର ନଗର ଏମ୍‌ପି ଡ. ମୁଞ୍ଜାପାରା ମହେନ୍ଦ୍ରଭାଇ, ପଶ୍ଚିମବଙ୍ଗର ଆଲିପୁରଦୁରାସ୍ ଏମ୍‌ପି ଜନ୍ ବାର୍ଲା, ତାମିଲନାଡୁ ଭାଜପା ସଭାପତି ଡ. ଏଲ୍. ମୁରୁଗାନ୍ ଏବଂ ପଶ୍ଚିମବଙ୍ଗର କୁଚ୍‌ବିହାର ଏମ୍‌ପି ନିଶିଥ ପ୍ରାମାଣିକଙ୍କ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଭରସା କରି ରାଷ୍ଟ୍ରମନ୍ତ୍ରୀ ପଦରେ ଅବସ୍ଥାପିତ କରିଛନ୍ତି। ଯୁବବର୍ଗଙ୍କୁ ନୂଆ ମନ୍ତ୍ରିମଣ୍ଡଳରେ ସୁଯୋଗ ମିଳିଥିବାରୁ ଏହି କ୍ୟାବିନେଟକୁ ଭାରତର ଇତିହାସରେ କନିଷ୍ଠତମ ବୋଲି କୁହାଯାଉଛି। ନୂଆ ମନ୍ତ୍ରୀମାନଙ୍କୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଦିଲ୍ଲୀ ନ ଛାଡ଼ିବାକୁ କୁହାଯାଇଛି। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୧୯ରେ ଆରମ୍ଭ ହେବାକୁ ଥିବାରୁ ତୁରନ୍ତ ନିଜ ନିଜ ମନ୍ତ୍ରଣାଳୟର ଦାୟିତ୍ୱ ସମ୍ଭାଳିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଅତୁଳନୀୟ....

ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଦିଲୀପ କୁମାର ନିଜ ଭିତରେ ଉଦୟମାନ ଭାରତର ଏକ ଇତିହାସ ସୃଷ୍ଟି କରିଥିଲେ। ତାଙ୍କ ଅଭିନୟର ଯାଦୁକରୀ ସବୁ ସୀମା ଡେଇଁ ଉପମହାଦେଶରେ ଭଲପାଇବା ସାଉଁଟିଥିଲା। ତାଙ୍କ ପରଲୋକରେ ଗୋଟିଏ ଯୁଗର ଅବସାନ ଘଟିଛି। ଭାରତର ହୃଦୟରେ ସେ ସର୍ବଦା ବଞ୍ଚିରହିବେ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଟୁଇଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲେଖିଛନ୍ତି, ସିନେମା କିମ୍ବଦନ୍ତୀ ଭାବେ ଦିଲୀପ କୁମାର ସର୍ବଦା ମନେ ରହିବେ। ସେ ଅଦ୍ଭୁତ ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ଆଶୀର୍ବାଦ ଲାଭ କରିଥିଲେ, ଯାହାକୁ ପିଢୀ ପରେ ପିଢ଼ି ଦେଖି ମନ୍ତ୍ରମୁଗ୍ଧ ହୋଇଥିଲେ। ତାଙ୍କ ପରଲୋକ ସାଂସ୍କୃତିକ ଜଗତ ପାଇଁ ଏକ କ୍ଷତି। ପରିବାର, ବନ୍ଧୁ ପରିଜନ ଓ ଅସଂଖ୍ୟ ପ୍ରଶଂସକଙ୍କୁ ସମବେଦନା।
୧୯୨୨ ଡିସେମ୍ବର ୧୧ରେ ପାକିସ୍ତାନର ପେଶାୱରଠାରେ ଜନ୍ମଗ୍ରହଣ କରିଥିଲେ ଦିଲୀପ କୁମାର। ତାଙ୍କ ମୂଳ ନାଁ ଥିଲା ମହମ୍ମଦ ୟୁସୁଫ୍ ଖାନ୍। ବଲିଉଡ୍‌ର 'ଟ୍ରାଜେଡି କିଙ୍ଗ୍', 'ଦି ଫାଷ୍ଟ ଖାନ୍' ନାମରେ ମଧ୍ୟ ସେ ଜଣାଶୁଣା। ସିନେମା ଜଗତକୁ ଆସିବା ପରେ ତାଙ୍କୁ ଲୋକେ ଦିଲୀପ କୁମାର ନାମରେ ଜାଣିଥିଲେ। ୧୯୪୪ରେ 'ବମ୍ବେ ଟକିଜ୍' ଦ୍ୱାରା ପ୍ରଯୋଜିତ ଫିଲ୍ମ 'ଜ୍ୱାର ଭଟ୍ଟା' ମାଧ୍ୟମରେ ସେ ସିନେମା ଜଗତରେ ଏଣ୍ଟ୍ରି କରିଥିଲେ। ୫ ଦଶନ୍ଧିର କ୍ୟାରିୟର ମଧ୍ୟରେ ସେ ୬୫ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଛନ୍ତି। ୧୯୪୯ରେ ରୋମାଣ୍ଟିକ୍ ଫିଲ୍ମ ଅନ୍ଦାଜ, ୧୯୫୨ରେ ଆନ୍, ଦାଗ୍, ୧୯୫୫ରେ ଦେବଦାସ୍, ଆଜାଦ, ୧୯୬୦ରେ ଐତିହାସିକ ଫିଲ୍ମ ମୁଗ୍‌ଲ-ଇ-ଆଜମ୍, ୧୯୬୧ରେ ଗଙ୍ଗା ଯମୁନା, ୧୯୬୭ରେ ରାମ୍ ଔର ଶାମ୍ ଭଳି ହିଟ୍ ଚଳଚ୍ଚିତ୍ର ସେ ତାଙ୍କ ପ୍ରଶଂସକଙ୍କୁ ଭେଟି ଦେଇଥିଲେ। ୧୯୬୬ରେ ଅଭିନେତ୍ରୀ ସାଇରା ବାନୁଙ୍କୁ ସେ ବିବାହ କରିଥିଲେ। ୧୯୭୬ରେ ୫ ବର୍ଷର ବ୍ରେକ୍ ନେଇ ୧୯୮୧ରେ କ୍ରାନ୍ତି ଫିଲ୍ମ ଯୋଗେ ସେ ପୁଣି ବଲିଉଡ୍‌କୁ ଫେରିଥିଲେ। ୧୯୯୮ରେ 'କିଲା' ଦିଲୀପ କୁମାରଙ୍କ ଶେଷ ଚଳଚ୍ଚିତ୍ର ଥିଲା।
୧୯୯୧ରେ ଦିଲୀପ କୁମାରଙ୍କୁ ପଦ୍ମଭୂଷଣ, ୨୦୧୫ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୯୯୫ରେ ତାଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଅଭିନେତା ଭାବେ ସେ ୮ ଥର ଫିଲ୍ମଫେୟାର ପୁରସ୍କାର ହାସଲ କରିଛନ୍ତି। ଏହା ବ୍ୟତୀତ ୧୯୯୮ରେ ପାକିସ୍ତାନ ସରକାର ତାଙ୍କୁ ନିଶାନ-ଏ-ଇମ୍ତିଆଜ୍ ସମ୍ମାନରେ ସମ୍ମାନିତ କରିଥିଲେ। ଏହି ପୁରସ୍କାର ଗ୍ରହଣ ନିମନ୍ତେ ଦିଲୀପ କୁମାର ପାକିସ୍ତାନ ଯାଇଥିଲେ।

### ୧୫ରେ ଓଡ଼ିଶା ...

ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସିପିଆଇ (ଏମ୍‌ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଫରୱାର୍ଡ ବ୍ଲକ ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର କହିଛନ୍ତି, ଡିଜେଲ ଓ ପେଟ୍ରୋଲ ଉପରେ ଟିକସ ବୃଦ୍ଧି ଯୋଗୁ ଲିଟର ପିଛା ଦର ୧୦୦ ଟଙ୍କାରୁ ଅଧିକ ହେଲାଣି। ଏହାର ସିଧା ପ୍ରଭାବ ମାଲ୍ ଓ ଯାତ୍ରୀ ପରିବହନ ଉପରେ ପଡୁଛି। କରୋନା ମହାମାରୀ ଯୋଗୁ ସାଧାରଣ ଲୋକଙ୍କ ଜୀବନ ଓ ଜୀବିକା ସଙ୍କଟାପନ୍ନ ହୋଇଛି। ତୈଳଜାତ ସାମଗ୍ରୀର ଦର ବୃଦ୍ଧି ସାଙ୍ଗକୁ ୨୩ଟି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷକୁ ଅତ୍ୟାବଶ୍ୟକ ଦ୍ରବ୍ୟ ତାଲିକାରୁ ହଟାଇଦେବା ଫଳରେ ଖାଇବା ତେଲ, ଡାଲି, ଆଳୁ, ପିଆଜ, ଚିନି ଓ ଔଷଧ ଇତ୍ୟାଦିର ଦର ଆକାଶଛୁଆଁ ହୋଇଛି। ଏହି ଦର ବୃଦ୍ଧି ଗରିବ ଓ ମଧ୍ୟବିତ୍ତଙ୍କ ଆର୍ଥିକ ମେରୁଦଣ୍ଡ ଉପରେ ପ୍ରଚଣ୍ଡ ଆକ୍ରମଣ।
୨୦୧୪-୧୫ରେ ଭାଜପା ପରିଚାଳିତ ମୋଦି ସରକାର ଡିଜେଲ ଓ ପେଟ୍ରୋଲ ଉପରୁ ଅବକାରୀ ଶୁଳ୍କ ବାବଦରେ ୭୪,୧୫୮ କୋଟି ଟଙ୍କା ଆଦାୟ କରିଥିବାବେଳେ ୨୦୨୦ ଏପ୍ରିଲରୁ ୨୦୨୧ ଜାନୁୟାରୀ ସୁଦ୍ଧା ୨ଲକ୍ଷ ୯୫ ହଜାର କୋଟି ଟଙ୍କା ୧୦ ମାସରେ ଆଦାୟ କରିଛନ୍ତି। ରାଜ୍ୟ ସରକାରଙ୍କ ପେଟ୍ରୋଲ ଉପରେ ୩୨ ଭାଗ ଓ ଡିଜେଲ ଉପରେ ୨୮ ଭାଗ ଟିକସ ଆଦାୟ କରୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ମିଶି ଆଦାୟ କରୁଥିବାରୁ ଏଭଳି ଦରବୃଦ୍ଧି ଘଟୁଛି। ଏହା ସହିତ ଗୋଟିଏ ବର୍ଷରେ ଖାଦ୍ୟ ସାମଗ୍ରୀର ଦର ୭୦ରୁ ୮୦ ଭାଗ ବୃଦ୍ଧି ପାଇଛି। ବେଆଇନ ମହଜୁଦ ଓ କଳାବଜାର ବ୍ୟାପକ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଡିଜେଲ ଓ ପେଟ୍ରୋଲ ଉପରୁ ଟିକସ ହ୍ରାସ କରି ଦର କମାଇବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ବନ୍ଦ କରିବା, କଳାବଜାରକାରୀ ଓ ମହଜୁଦକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପ୍ରତି ପରିବାରକୁ ମୁଣ୍ଡପିଛା ୧୦କେଜି ଚାଉଳ କିମ୍ବା ଗହମ, ଖାଇବା ତେଲ, ଡାଲି, ଚିନି, ଚା ଇତ୍ୟାଦି ରାଶନ କିଟ୍ ମାଗଣାରେ ଯୋଗାଇବା, ଆୟକର ଦେଉ ନ ଥିବା ସମସ୍ତ ପରିବାରକୁ ମାସିକ ୭୫୦୦ ଟଙ୍କା ୬ ମାସ ପର୍ଯ୍ୟନ୍ତ ପ୍ରଦାନ କରିବାକୁ ବାମଦଳ ଦାବି କରିଛନ୍ତି। ମିଳିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଜନାର୍ଦ୍ଦନ ପତି, ଦିବାକର ନାୟକ, ରାମକୃଷ୍ଣ ପଣ୍ଡା, କ୍ଷୀରୋଦ ସିଂଦେଓ, ମହେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ସବୁ ବ୍ଲକ୍‌ରେ କଂଗ୍ରେସର...

ନିଷ୍ପତ୍ତି ନେଇଛି। ଏହି କ୍ରମରେ ତୈଳ ଦର ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି।
ଏହି ଅବସରରେ ଭୁବନେଶ୍ୱର ଜିଲା କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ସେବା ଦଳର ମିଳିତ ସହଯୋଗରେ ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ପ୍ରତିବାଦ କରାଯାଇଛି। ସେଠାରେ ଅନୁଷ୍ଠିତ ସଭାରେ ବହୁ କଂଗ୍ରେସ ନେତୃବୃନ୍ଦ ଯୋଗଦେଇ ଝାଞ୍ଜ, ଘଣ୍ଟ, ଖଞ୍ଜଣି, ଥାଳି, ଡାଟିଆ, କଂସା ଆଦି ବଜାଇ ତୈଳ ଦର ବୃଦ୍ଧିର ପ୍ରତିବାଦ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ନେଇ ବିଷୋଦଗାର କରିଛନ୍ତି। କରୋନା ମହାମାରୀ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଟ୍ୟାକ୍ସ ଓ ଭାଟ୍ ବଢ଼ାଇ ତୈଳ ଦର ବୃଦ୍ଧି କରି ସାଧାରଣ ଜନତାଙ୍କୁ ଲୁଟୁଛନ୍ତି। ସେହିପରି ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି କରି ସିଧା ହାଣ୍ଡିଶାଳରେ ଚୋଟ ମାରିଛନ୍ତି। ୨୦୧୪ ପୂର୍ବରୁ କଂଗ୍ରେସ ସରକାର ଥିବାବେଳେ ତୈଳ ଦର କିଛି ପଇସା ବଢୁଥିଲା, ସେତେବେଳେ ବିଜେଡି, ଭାଜପା ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରୁଥିଲେ। ଏବେ ବିଜେଡି ଓ ଭାଜପା କାହିଁକି ଚୁପ୍ ଅଛନ୍ତି ବୋଲି କଂଗ୍ରେସ ନେତାମାନେ ପ୍ରଶ୍ନ କରିଛନ୍ତି। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୫୦ ରୁ ୬୫ ଡଲାର ଥିବାବେଳେ ଦେଶରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୧୦୦ ଟଙ୍କା ପାର୍ କରିଗଲାଣି । ସରକାର ତୁରନ୍ତ ପଦକ୍ଷେପ ନେଇ ତୈଳ, ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦର କମାନ୍ତୁ ବୋଲି ଦାବି କରିଛନ୍ତି। ଏହି ପ୍ରତିବାଦ ସଭାରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଭୁବନେଶ୍ୱର ଜିଲା କମିଟି ସଭାପତି ବିଶ୍ୱଜିତ୍ ଦାସ, ଛାତ୍ର କଂଗ୍ରେସ ସଭାପତି ୟାସିର୍ ନବାଜ୍, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ମନୋରଞ୍ଜନ ଦାସ, ରଶ୍ମି ମହାପାତ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ, ମାନସ ଆଚାର୍ଯ୍ୟ, ଦୀପକ ମହାପାତ୍ରଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ।

### ପେଟ୍ରୋଲ ୩୫, ଡିଜେଲ ...

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ର ସୂଚନା ଅନୁସାରେ ବୁଧବାର ଭୁବନେଶ୍ୱରରେ ପେଟ୍ରୋଲ ୩୫ ଏବଂ ଡିଜେଲ ୧୮ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୧.୦୧ ଟଙ୍କା ଏବଂ ଡିଜେଲ ୯୭.୫୭ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ପେଟ୍ରୋଲ ଲିଟର ପିଛା ୧୦୧.୩୩ ଟଙ୍କା ଏବଂ ଡିଜେଲ ୯୭.୮୮ ଟଙ୍କାରେ କାରବାର ହେଉଛି। ଏହି ଦର ବୃଦ୍ଧି ଫଳରେ ସାରା ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଟପିଯାଇଛି। ସେହିଭଳି ବଲାଙ୍ଗୀର, ଗଜପତି, କଳାହାଣ୍ଡି, କୋରାପୁଟ, ରାୟଗଡା, ନୂଆପଡା, ନବରଙ୍ଗପୁର ଓ ମାଲକାନଗିରି ଭଳି ୮ ଜିଲାରେ ଡିଜେଲ ଦର ମଧ୍ୟ ୧୦୦ ଟଙ୍କା ଉପରେ ରହିଥିବା ସୂଚନା ମିଳିଛି। ବୁଧବାର ଜଗତସିଂହପୁରରେ ପେଟ୍ରୋଲ ଲିଟର ପିଛା ପ୍ରାୟ ୧୦୧ ଟଙ୍କା ଥିବାବେଳେ ମାଲକାନଗିରି ସର୍ବାଧିକ ପ୍ରାୟ ୧୦୭ ଟଙ୍କାରେ ବିକ୍ରି ହେଉଥିବା ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲରେ ଯଥାକ୍ରମେ ୩୨.୯୦ ଏବଂ ୩୧.୮୦ ଟଙ୍କା କେନ୍ଦ୍ରୀୟ ଶୁଳ୍କ ଆକାରରେ ନେଉଥିବାବେଳେ ରାଜ୍ୟ ସରକାର ମଧ୍ୟ ପେଟ୍ରୋଲ ଓ ଡିଜେଲ ଉପରେ ଯଥାକ୍ରମେ ୨୩.୬୫ ଏବଂ ୨୦.୮୯ ଟଙ୍କା ରାଜ୍ୟ ଶୁଳ୍କ ଆକାରରେ ସଂଗ୍ରହ କରୁଛନ୍ତି।
ଅପରପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ୩୫ ଏବଂ ଡିଜେଲ ୧୭ ପଇସା ବଢିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୦.୨୧ ଟଙ୍କା ଏବଂ ଡିଜେଲ ୮୯.୫୩ ଟଙ୍କାରେ ପହଞ୍ଚିଛି। ମେ' ୪ ପରଠାରୁ ଦିଲ୍ଲୀରେ ପେଟ୍ରୋଲ ଉପରେ ୯.୮୧ ଟଙ୍କା ଏବଂ ଡିଜେଲ ୮.୮୦ ଟଙ୍କା ବୃଦ୍ଧି ପାଇଥିବା ଜଣାପଡିଛି। ଏହି ଦର ବୃଦ୍ଧି ଫଳରେ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ପ୍ରଥମ ଥର ପାଇଁ ଶହେ ଟପିଯାଇଛି। ଦିଲ୍ଲୀ ସମେତ ଦେଶର ୧୬ ପ୍ରମୁଖ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ଜମ୍ମୁ-କାଶ୍ମୀର, ଓଡିଶା, ତାମିଲନାଡୁ, ବିହାର, କେରଳ, ପଞ୍ଜାବ, ସିକିମ, ପଶ୍ଚିମବଙ୍ଗ ଓ ଲଦାଖରେ ପେଟ୍ରୋଲ ମୂଲ୍ୟ ୧୦୦ ଟଙ୍କା ଟପି ରେକର୍ଡ ସ୍ତରରେ ପହଞ୍ଚିଛି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୦୧.୦୬ ଟଙ୍କା, ୧୦୦.୨୩ ଟଙ୍କା ଏବଂ ୧୦୬.୨୫ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଏହି ସବୁ ମେଟ୍ରୋ ସହରରେ ଡିଜେଲ ଦର ଯଥାକ୍ରମେ ୯୪.୦୬ ଟଙ୍କା, ୯୨.୫୦ ଟଙ୍କା ଏବଂ ୯୭.୦୯ ଟଙ୍କାରେ ପହଞ୍ଚିଛି।

### ହାଇତି ରାଷ୍ଟ୍ରପତିଙ୍କୁ ...

ଉତ୍ତ୍ୟକ୍ତ ଲୋକେ ଦୋକାନ ବଜାର ଭଙ୍ଗାରୁଜା କରିଥିଲେ। ସହରର ବିଭିନ୍ନ ସ୍ଥାନକୁ ପୋଲିସ ଓ ସୁରକ୍ଷା ବଳ ପଠାଯାଇଥିବା ପ୍ରଧାନମନ୍ତ୍ରୀ ଜୋସେଫ୍ କହିଛନ୍ତି। କେତେଜଣ ଆକ୍ରମଣକାରୀ ସ୍ପାନିଶ୍ ଭାଷାରେ କଥା ହେଉଥିଲେ ବୋଲି ସେ ସୂଚନା ଦେଇଛନ୍ତି। ୧.୧ କୋଟି ଜନସଂଖ୍ୟାବିଶିଷ୍ଟ ହାଇତିରେ ମୋଇସ୍‌ଙ୍କ ଶାସନରେ ଅସ୍ଥିରତା ଏବଂ ଅସନ୍ତୋଷ ବୃଦ୍ଧି ପାଇଥିଲା। ରାଜଧାନୀରେ ହିଂସାକାଣ୍ଡ ଲାଗି ରହିଥିବାବେଳେ ଖାଦ୍ୟ ଓ ଇନ୍ଧନ ମୁଦ୍ରାସ୍ଫୀତି ବହୁତ ବଢ଼ିଯାଇଛି। ଦେଶର ୬୦%ରୁ ଊର୍ଦ୍ଧ୍ୱ ଲୋକଙ୍କର ଦୈନିକ ରୋଜଗାର ୨ ଡଲାରରୁ କମ୍। ୨୦୧୦ ଭୂକମ୍ପ ଏବଂ ୨୦୧୬ର ହରିକେନ୍ ମାଥ୍ୟୁ ପ୍ରଭାବରୁ ହାଇତି ଏପର୍ଯ୍ୟନ୍ତ ମୁକୁଳି ନାହିଁ। ନିର୍ବାଚନ ହୋଇ ନ ପାରିବାରୁ ୫୩ ବର୍ଷୀୟ ମୋଇସ୍ ଡିକ୍ରି ବଳରେ ଦୁଇବର୍ଷ ହେଲା ଶାସନ ଚଳାଉଥିଲେ।

### ପୂର୍ବତନ କେନ୍ଦ୍ରମନ୍ତ୍ରୀ ...

ସେମାନେ ଘରୋଇ ସହାୟକଙ୍କୁ ଗୋଟିଏ ଘରେ ବନ୍ଦ କରିଦେବା ପରେ କିଟ୍ଟିଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ ବୋଲି ପୋଲିସ ଅଧିକାରୀ କହିଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। କିଟ୍ଟି ସୁପ୍ରିମକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ୱାମୀ କୁମାରମଙ୍ଗଳମ୍ ୧୯୮୪ରେ ଲୋକ ସଭାକୁ ନିର୍ବାଚିତ ହୋଇ ଆଇନ, କମ୍ପାନୀ ବ୍ୟାପାର, ସଂସଦୀୟ ବ୍ୟାପାର ଓ ଶକ୍ତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ହଠାତ୍ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି କାର୍ଯ୍ୟକାରୀ ହୋଇଯିବ। ଯାତ୍ରା ଓ ସାନ୍ଧ୍ୟ ଭ୍ରମଣରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। ଭୁଲ୍ ବୁଝାମଣା କାରଣରୁ କୌଣସି ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ**
କେତେକ ବ୍ୟତିକ୍ରମ ଲାଗି ରହିଥିଲେ ମଧ୍ୟ ମନକଥା ମନରେ ମାରି ଚଳିବାକୁ ବାଧ ହେବେ। ବନ୍ଧୁଙ୍କ ସହାନୁଭୂତି ଲଭିବା ଫଳରେ ବିବାଦୀୟ ଘଟଣା ଓ ଆର୍ଥିକ ସମସ୍ୟାର ସମାଧାନ ଘଟିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ପରିସ୍ଥିତି ସାମାନ୍ୟ ରହିବ। ସାମାଜିକ ସ୍ତରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ।

**ମିଥୁନ**
ନିଜର ଫାଇଦା ହାସଲ ପାଇଁ କିମ୍ବା ଅର୍ଥପ୍ରାପ୍ତି ଲାଳସାରେ ବନ୍ଧୁମାନେ ମନଲୋଭା କଥା କହି ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବ। ଆକସ୍ମିକ ଭାବରେ ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବାର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ।

**କର୍କଟ**
ଦୀର୍ଘଦିନର ସ୍ଥଗିତ କାମକୁ ଆରମ୍ଭ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେବ। ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବେ। ଆଜିର ପ୍ରତ୍ୟୁଷଯାତ୍ରାରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ**
ଆଜି ଯାତ୍ରା,ବାଣିଜ୍ୟ,ବ୍ୟବସାୟ ପ୍ରଭୃତି ଦିଗରୁ ଶୁଭଫଳ ପାଇବେ। ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଭାବରେ ଆଶ୍ୱସ୍ତି ଲାଭ କରିବେ।

**କନ୍ୟା**
ଆପଣ ଅନ୍ୟମାନଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନେ ତାହାକୁ ସହଜରେ ଗ୍ରହଣ କରି ପାରିବେ ନାହିଁ। ଚିନ୍ତା କରିଥିବା କାମଗୁଡ଼ିକ ଆଜି ପରିସ୍ଥିତିବଶତଃ ବାସ୍ତବରେ ଓଲଟା ହେବାରୁ ଚିନ୍ତା ପ୍ରକଟ କରିବେ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାହିତ୍ୟ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା**
ସମସ୍ୟା ମଧ୍ୟରେ ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା**
ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ଆରମ୍ଭକରିବାକୁ ମନ ବଳାଇବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ବ୍ୟବସାୟରେ ମତାନ୍ତର ଦେଖା ଦେଇପାରେ। ସାହାଯ୍ୟ କରିବାକୁ ବନ୍ଧୁ କହିପାରନ୍ତି, ଏହି କଥା ମନରେ ଚିନ୍ତାକରି ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବାର ସୂଚନା ରହିଛି।

**ଧନୁ**
ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। କ୍ରନିକ୍ ରୋଗ କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ହାତକୁ ନେଇଥିବା ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାର ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର**
ଆଜି ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ସଫଳତା ପାଇବେ। ଘରେ ବନ୍ଧୁ ମିଳନ ଜନିତ ଆମୋଦ ପ୍ରମୋଦର ସୁଅ ଛୁଟିବ। ମନ ବୁଝିଲାଭଳି କଥା କହି ପାଖ ପଡ଼ୋଶୀମାନେ ନିଜର କାର୍ଯ୍ୟ ହାସଲ କରିନେବେ। ଶ୍ରବଣାର ହଠାତ୍ ସମସ୍ୟା ସୃଷ୍ଟି ହେବା କାରଣରୁ ପୂର୍ଣ୍ଣାଙ୍ଗ ହେବାକୁ ଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ।

**କୁମ୍ଭ**
ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସାମାନ୍ୟ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ଅତିବାହିତ ହେବ।

**ମୀନ**
କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି କର୍ମମୁଖର ରହିବେ। ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ ନିଜ କାମରେ ମନ ଦେଇପାରନ୍ତି। ଅଫିସ୍‌ରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ।

ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ଗୁରୁବାର, ଅନବସର ଚତୁର୍ଦ୍ଦଶୀ, ଚକାଅପସାରଣ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଜୁଲାଇ ୮ ତାରିଖ, ରାଶିନକ୍ଷତ୍ର-ମୃଗଶିରା / ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, କନ୍ୟା ରାଶିର ଘାତଚନ୍ଦ୍ର, ଦିବା ଘ.୦୩।୪୮ ଗତେ ଘ.୦୬।୨୫ ମଧ୍ୟେ ଅମୃତବେଳା । ସକାଳ ଘ.୦୫।୧୭ ଗତେ ଘ.୦୬।୧୦ ମଧ୍ୟେ, ଘ.୦୯।୪୦ ଗତେ ଘ୧୧।୨୫ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ. ୦୧।୩୦ ଗତେ ଘ.୦୩।୦୮ ମଧ୍ୟେ ରାହୁକାଳ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୫୬,୨୯,୫୮୫ | ୪୦,୧୩,୦୫୨ | ୧୬,୯୮,୭୬,୯୬୧ |
| ଭାରତ | ୩,୦୭,୦୮,୦୯୨ | ୪,୦୫,୦୫୪ | ୨,୯୮,୩୬,୩୭୦ |
| ଓଡ଼ିଶା | ୯,୨୯,୭୮୮ | ୪୩୫୮(+୫୩) | ୯,୦୦,୨୮୨ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପ୍ରମୋଦ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ



**ଭୁବନେଶ୍ୱର, ୭।୭(ବ୍ୟୁରୋ):** ସୂଚନା ଓ ଲୋକ ସମ୍ପର୍କ ବିଭାଗର ବରିଷ୍ଠ ସୂଚନା ସେବା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ଦିଆଯାଇଛି। ଏହା ପୂର୍ବରୁ ସେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ସେ ନୂତନ ପଦବୀରେ ଯୋଗଦାନ କରିଛନ୍ତି। ବିଭାଗୀୟ କାର୍ଯ୍ୟରେ ଦୀର୍ଘଦିନର ଅଭିଜ୍ଞତା ଥିବା ମଲ୍ଲିକ ପୂର୍ବରୁ ମାଲକାନଗିରି, ରାୟଗଡ଼ା,କୋରାପୁଟ, କେନ୍ଦୁଝର, ବାଲେଶ୍ୱର, କଟକ, ସମ୍ବଲପୁରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ କେନ୍ଦ୍ରାଞ୍ଚଳ (କଟକ)ଓ ଦକ୍ଷିଣାଞ୍ଚଳ (ବ୍ରହ୍ମପୁର)ର ବିଭାଗୀୟ ଉପନିର୍ଦ୍ଦେଶକ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି।

### କୋଭିଡ୍ ସ୍ଥିତି ଯାଞ୍ଚ କଲେ କେନ୍ଦ୍ରୀୟ ଟିମ୍

**ପୁରୀ ଅଫିସ,୭।୭:** ଜିଲାରେ କୋଭିଡ୍ ସଂକ୍ରମଣର ମାତ୍ରା କମୁ ନାହିଁ। ସଂକ୍ରମଣର ହାର କ୍ରମାଗତ ଭାବେ ଉପର ତଳ ହେଉଛି। ତେବେ ଏଭଳି ହେବା ପଛର କାରଣ କ'ଣ ତାହା ଖୋଜିବା ପାଇଁ କେନ୍ଦ୍ରୀୟ ଡାକ୍ତରୀ ଟିମ୍ ବୁଧବାର ପୁରୀରେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଟିମ୍‌ରେ କଲିକତା ବିଶ୍ୱବିଦ୍ୟାଳୟର ଡ. ଶିବାନୀ ଦତ୍ତ ଓ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ପ୍ରଶାନ୍ତ ମହାପାତ୍ର ରହିଥିଲେ। ଟିମ୍ ସିଡିଏମ୍‌ଓଙ୍କୁ ଭେଟି ଜିଲାର କୋଭିଡ୍ ସ୍ଥିତି ସମ୍ପର୍କରେ ବିସ୍ତୃତ ଧାରଣା ନେଇଥିଲେ। ସିଡିଏମ୍‌ଓଙ୍କ ପକ୍ଷରୁ ପିପିଟି ମାଧ୍ୟମରେ କୋଭିଡ୍ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପିତ କରାଯାଇଥିଲା। ସଂକ୍ରମିତ ଓ ମୃତକଙ୍କ ଦୈନିକ ହାର, ଟେଷ୍ଟିଂ ସଂଖ୍ୟା ଓ କୋଭିଡ୍‌ର ପୁରୁଣା ରେକର୍ଡ ସମ୍ପର୍କିତ ବିବରଣୀ ଟିମ୍ ନିକଟରେ ଉପସ୍ଥାପିତ କରାଯାଇଥିଲା। ତେବେ ଟିମ୍ ଆଲୋଚନା କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ ମଧ ଜିଲାର କୋଭିଡ୍ ସ୍ଥିତି ଓ ସଂକ୍ରମଣର ସଂଖ୍ୟା ଉଲ୍ଲେଖନୀୟ ଭାବେ ନ କମିବାର କାରଣ ସମ୍ପର୍କରେ କହି ନ ଥିଲେ। କେଉଁ କେଉଁ ତଥ୍ୟ ଉପସ୍ଥାପିତ ହେଲା ସେ ସମ୍ପର୍କରେ କୌଣସି ସ୍ପଷ୍ଟ ମତ ରଖି ନ ଥିଲେ। ଏ ନେଇ ଏମ୍ସର ପ୍ରଶାନ୍ତ ମହାପାତ୍ର କହିଛନ୍ତି, ଜିଲାରେ ସଂକ୍ରମଣ ସଂଖ୍ୟା ଧୀରେ ଧୀରେ କମୁଛି। ଯାହା ତଥ୍ୟ ଉପସ୍ଥାପିତ କରିଛନ୍ତି ତାହାକୁ ନେଇ ଟିମ୍ ସନ୍ତୁଷ୍ଟ ଅଛନ୍ତି। ତେବେ ରିପୋର୍ଟ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ କରାଯାଇପାରିବ ନାହିଁ। ଯାହା କହିବା କଥା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିବେ। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ମଧ ସମାନ ଆଇନରେ ଟିମ୍‌କୁ କେଉଁ ତଥ୍ୟ ଉପସ୍ଥାପନା କରାଗଲା ସେସମ୍ପର୍କରେ କହିବାକୁ ପଛଘୁଞ୍ଚା ଦେଇଥିଲେ। ଟିମ୍ ସହ ଆଲୋଚନା ପ୍ରସଙ୍ଗରେ ସେ କହିଥିଲେ, ପୁରୀରେ ଏବେ ୩୬ଶହରୁ ୩୭ଶହ ଟେଷ୍ଟିଂଦୈନିକ କରାଯାଉଛି। ତେବେ ସଂକ୍ରମଣ ଶହେ ତଳକୁ ଆଣିବାକୁ ପ୍ରୟାସ ଚାଲିଛି। ଡାକ୍ତରୀ ଟିମ୍ ସିଡିଏମ୍‌ଓଙ୍କ ସହ ଆଲୋଚନା ପରେ ପୁରୀ ଆଇଡିଏଚ୍ କୋଭିଡ୍ ହସ୍ପିଟାଲ୍‌ରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ।

# ଏନ୍‌ଜିଟିରେ ବିଆର୍‌ପିଏଲ୍ ମାମଲା: ସାନି ତଦନ୍ତ ନିର୍ଦ୍ଦେଶ

### ପଦାରେ ପଡ଼ିଲା ଏସ୍‌ପିସିବିର କାରଖାନା ପ୍ରୀତି

ଯାଜପୁର ଅଫିସ,୭।୭

କଳିଙ୍ଗନଗର ବ୍ରାହ୍ମଣୀ ରିଭର୍ସ ପେଲେଟ ଲିଃ (ବିଆର୍‌ପିଏଲ୍) କାରଖାନା ପରିସରରୁ ବାହାରକୁ ବର୍ଜ୍ୟଜଳ ନିର୍ଗତ ଅଭିଯୋଗ ଜଟିଳ ହେବାରେ ଲାଗିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଦ୍ୱାରା ଦାଖଲ ହୋଇଥିବା ତଦନ୍ତ ରିପୋର୍ଟକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଅଗ୍ରାହ୍ୟ କରିବା ସହ ସାନି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟିର ବିଚାରବିଭାଗୀୟ ସଦସ୍ୟ ବି. ଅମିତ ଷ୍ଟାଲେକର ଏବଂ ଶୈବାଳ ଦାସଗୁପ୍ତାଙ୍କ ପୀଠ କାରଖାନା ଚାଲୁଥିବା ସମୟରେ ସାନି ତଦନ୍ତ କରି ସପ୍ତାହକ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ସୁସ୍ଥ ପରିବେଶ ନିମନ୍ତେ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଏସ୍‌ପିସିବିର କାରଖାନା ପ୍ରୀତି ଏବେ ପଦାରେ ପଡ଼ିଛି।

ବିଆର୍‌ପିଏଲ୍ କାରଖାନାର ବର୍ଜ୍ୟଜଳ ବାହାରକୁ ଛାଡ଼ି ଗଣ୍ଡାନାଳକୁ ପ୍ରଦୂଷଣ କରୁଥିବା ନେଇ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଏନ୍‌ଜିଟିରେ ଏକ ମାମଲା(ନଂ.୧୪୯/୨୦୧୭/ଇଜେଡ) ରୁଜୁ ହୋଇଥିଲା। ଉକ୍ତ ମାମଲାର ଶୁଣାଣି କରି ୫।୭।୨୦୨୧ସୁଦ୍ଧା ଏସ୍‌ପିସିବି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଗତ ମାସ ୧୫ତାରିଖରେ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଗତ ୨୪ତାରିଖରେ ଏସ୍‌ପିସିବି ପକ୍ଷରୁ ପରିବେଶ ଯନ୍ତ୍ରୀ ହିରଣ୍ୟ କୁମାର ନାୟକ ଓ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ରକ୍ଷଣାବେକ୍ଷଣ ପାଇଁ ଅଚଳ ଥିବା ବିଆର୍‌ପିଏଲ୍ ପ୍ଲାଣ୍ଟ ପରିସରକୁ ଯାଇ ନିରୀକ୍ଷଣ କରିଥିଲେ। ଏହାପରେ ଗତ ୧ ତାରିଖରେ ଏସ୍‌ପିସିବି ପକ୍ଷରୁ ଏନଜିଟିରେ ତଦନ୍ତ ରିପୋର୍ଟ ଦାଖଲ ହୋଇଥିଲା। ତେବେ କମ୍ପାନୀ ବନ୍ଦ ଥିବା ସମୟରେ ପ୍ରଦୂଷଣ ସମ୍ପର୍କିତ ତଦନ୍ତ କରାଯିବା ଏବଂ ଏହାର ରିପୋର୍ଟ ବିରୋଧରେ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଏନ୍‌ଜିଟିରେ ଗତ ୨ତାରିଖରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ବିଆର୍‌ପିଏଲ୍ କାରଖାନା ପରିସରରେ ଏସ୍‌ପିସିବି ପକ୍ଷରୁ କରାଯାଇଥିବା ତଦନ୍ତ ସମୟରେ କାରଖାନାର ପରିଚାଳନା ନିର୍ଦ୍ଦେଶକଙ୍କ ଉପସ୍ଥିତି ତଦନ୍ତକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିଥିବା ସତ୍ୟପାଠରେ ଉଲ୍ଲେଖ ରହିଥିଲା। ଏପରି କି ଅଭିଯୋଗକାରୀ ଯେତେବେଳେ ବର୍ଜ୍ୟଜଳ ନିର୍ଗତ ହେଉଥିବା ସ୍ଥାନକୁ ନିରୀକ୍ଷଣ କରିବାକୁ ଅନୁରୋଧ କରିଥିଲେ ତାଙ୍କ କଥା କେହି ଶୁଣି ନ ଥିଲେ। ଏସ୍‌ପିସିବିର ତଦନ୍ତ ଅଧିକାରୀଙ୍କ ଦ୍ୱାରା ଅନେକ ତ୍ରୁଟିପୂର୍ଣ୍ଣ ନିରୀକ୍ଷଣ ଓ ରିପୋର୍ଟ ପ୍ରତିବାଦରେ ସମିତି ପକ୍ଷରୁ ୨୧ପାରା ସମ୍ବଳିତ ଏନ୍‌ଜିଟିରେ ସତ୍ୟପାଠ ଦାଖଲ ହୋଇଥିଲା। ଉଭୟ ପକ୍ଷରୁ ଦାଖଲ ରିପୋର୍ଟକୁ ଅନୁଧ୍ୟାନ କରି ଏସ୍‌ପିସିବିର ରିପୋର୍ଟ ଉପରେ ଏନ୍‌ଜିଟି କ୍ଷୋଭ ପ୍ରକାଶ କରିଥିବା ଜଣାପଡ଼ିଛି। ପରବର୍ତ୍ତୀ ଶୁଣାଣି ୩୦।୭।୨୦୨୧କୁ ଧାର୍ଯ୍ୟ ହୋଇଛି। ତେବେ ସାନି ତଦନ୍ତ ସମୟରେ ଏସ୍‌ପିସିବି ପକ୍ଷରୁ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ସମିତି ପକ୍ଷରୁ ଆଶା କରାଯାଉଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି,ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।



# ୧୧ରେ ଲଘୁଚାପ

### ୫ ଦିନ ଯାଏ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର,୭।୭(ବ୍ୟୁରୋ)

ଆସନ୍ତା ୧୧ ତାରିଖରେ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ କେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ବର୍ଷା ହେବ ।

ଏଥିସହିତ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୫ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ଜଗତ୍‌ସିଂହପୁର, କଟକ, ଦେବଗଡ଼, ସମ୍ବଲପୁର, ସୋନପୁର ଏବଂ ବରଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ସେହିପରି ୯ ତାରିଖରେ ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ଏଥିସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା,ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ଖୋର୍ଦ୍ଧା ଏବଂ ପୁରୀ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୧୦ ତାରିଖରେ କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୧୧ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ସହ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି।

ସମ୍ଭାବ୍ୟ ବର୍ଷା ଓ ଲଘୁଚାପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ୨୪.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ୫୪.୪, ଅନୁଗୋଳ ୩୩, ଭବାନୀପାଟଣା ୩୦ ଏବଂ ଟିଟିଲାଗଡ଼ରେ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ସଲାମ୍ ଦିଲୀପ ସାହେବ ...




ପୁରୀ ବେଳାଭୂମିରେ ବୁଧବାର ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବଲିଉଡ୍ ବରିଷ୍ଠ ଅଭିନେତା ଦିଲୀପ କୁମାରଙ୍କୁ ବାଲୁକା କଳାରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ଓଡ଼ିଶା ପାଇଁ ୧,୦୬୨ କୋଟି

### ମଧ୍ୟାହ୍ନଭୋଜନ ବାର୍ଷିକ ଅଟକଳ

ଭୁବନେଶ୍ୱର, ୭।୭(ବ୍ୟୁରୋ)

ଓଡ଼ିଶା ପାଇଁ ମଧ୍ୟାହ୍ନଭୋଜନ ବାର୍ଷିକ ଅଟକଳ ଓ ଯୋଜନା ବୈଠକ ବୁଧବାର ଭାରତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭାଗୀୟ ସଚିବ ଅନିତା କରୱାଲ୍ ସଭାପତିତ୍ୱ କରିଥିଲେ। ଯୁଗ୍ମ ସଚିବ ରାମଚନ୍ଦ୍ର ମୀନା, ନିର୍ଦ୍ଦେଶକ ବିଜୟ ଭାସ୍କର ଗୁରାଲା ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ରହି ଓଡ଼ିଶା ମଧ୍ୟାହ୍ନଭୋଜନ ପରିଚାଳନା ଓ ବାର୍ଷିକ ଅଟକଳର ଆଲୋଚନାରେ ଭାଗ ନେଇଥିଲେ। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ରାଜ୍ୟ ନୋଡାଲ ଅଧିକାରୀ (ମଧ୍ୟାହ୍ନଭୋଜନ) ବଜେଟ୍ ଉପସ୍ଥାପନ କରିବା ସହିତ ରାଜ୍ୟରେ ଚାଲିଥିବା ବିଭିନ୍ନ ଅଭିନବ ପଦକ୍ଷେପ ଉପସ୍ଥାପନ କରିଥିଲେ। ଶିକ୍ଷା ସଚିବ ଅନିତା କରୱାଲ୍ ଓଡ଼ିଶାର ମଧ୍ୟାହ୍ନ ଭୋଜନ ସଚେତନତା ମେଳା, ରକ୍ତହୀନତା ଦୂରୀକରଣ ଅଭିଯାନ, ମଲ୍ଟିକ୍ୟାପ୍ ମଲ୍ଟି କ୍ୟାପ୍ ହାତଧୁଆ ଯୋଜନା, କିଚେନ୍ ଗାର୍ଡେନ୍, ରନ୍ଧନ ଗ୍ୟାସ ସଂଯୋଗ, ମଧ୍ୟାହ୍ନ ଭୋଜନ ପରିଚାଳନାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଭୂମିକା, ମଧ୍ୟାହ୍ନ ଭୋଜନର ଗୁଣବତ୍ତା ଓ ପରିଚାଳନା ସୁଦୃଢ଼ ପାଇଁ ବିଶ୍ୱ ଖାଦ୍ୟ ସଙ୍ଗଠନ, ୟୁନିସେଫ୍, ଅକ୍ଷୟ ପାତ୍ର ଫାଉଣ୍ଡେଶନ୍ ଟ୍ରଷ୍ଟ ଏବଂ ମାନ୍ନା ଟ୍ରଷ୍ଟ ପ୍ରଭୃତିର ସହଭାଗିତାକୁ ଉଚ୍ଚ ପ୍ରଶଂସା କରିଥିଲେ। ଓଡ଼ିଶା ପକ୍ଷରୁ ଉପସ୍ଥାପନ ହୋଇଥିବା ୧,୦୬୨ କୋଟି ଟଙ୍କାର ମଧ୍ୟାହ୍ନଭୋଜନ ବାର୍ଷିକ ଅଟକଳ ଯୋଜନାକୁ ବିଚାରକୁ ନେଇ କେନ୍ଦ୍ର ଶିକ୍ଷା ବିଭାଗ ଯଥାଶୀଘ୍ର ପଦକ୍ଷେପ ନେବ ବୋଲି ସେ କହିଛନ୍ତି। ଓଡ଼ିଶାରେ ଏସ୍‌ସିଇଆର୍‌ଟି ପକ୍ଷରୁ ନିଆଯାଇଥିବା ପଦକ୍ଷେପ 'ଶିକ୍ଷାନବିସମାନଙ୍କର ବିକଳ୍ପ ଇଣ୍ଟର୍ନଶିପ୍ ପ୍ରୋଗ୍ରାମ' ପ୍ରଶଂସନୀୟ ପ୍ରୟାସ ବୋଲି ସେ ଅଭିହିତ କରିଛନ୍ତି। ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା କରିକୁଲମ୍‌ରେ ଓଡ଼ିଶାକୁ ଅଗ୍ରଣୀ ଭୂମିକା ନେବା ପାଇଁ ସଚିବ କରୱାଲ୍ ଆହ୍ୱାନ ଦେଇଛନ୍ତି।

# ଶିକ୍ଷକ ତାଲିମ ନେଉଥିବା ଛାତ୍ରୀଛାତ୍ର ପଢ଼ାଇବେ ପାଠ

### ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ପିଲାଙ୍କ ପାଇଁ ଯୋଜନା

ଭୁବନେଶ୍ୱର, ୭।୭(ବ୍ୟୁରୋ)

ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ପାଇଁ ଗଣଶିକ୍ଷା ବିଭାଗ ନୂଆ ଯୋଜନା କରିଛି। ଶିକ୍ଷକତା ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ଇଣ୍ଟରନେଟ ନ ଥିବା ଉପାନ୍ତ ଅଞ୍ଚଳରେ ଘରକୁ ଘର ବୁଲି ପାଠ ପଢ଼ାଇବେ। ଇଣ୍ଟର୍ନଶିପ୍ ପ୍ରୋଗ୍ରାମ ମାଧ୍ୟମରେ ସେମାନେ ଶିକ୍ଷାଦାନ କରିବେ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସିବିଟି ମାଧ୍ୟମରେ ଶିକ୍ଷକତା ଅଧ୍ୟୟନ କରୁଥିବା ୧୦ ହଜାର ଛାତ୍ରୀଛାତ୍ରଙ୍କୁ ଏଥିନିମନ୍ତେ ଚୟନ କରାଯିବ। ଏମାନେ ୧୦ ହଜାର ଗାଁରେ ଶିକ୍ଷାଦାନ କରିବେ। ଜଣେ ଲେଖାଏ ଛାତ୍ର ୧୦ ଜଣ ପିଲାଙ୍କୁ ପାଠ ପଢ଼ାଇବେ। ଟିଚର୍ ଏଜୁକେଟର୍ ସେମାନଙ୍କୁ ଗାଇଡ୍ କରିବେ। ଆଉ ଅବଶିଷ୍ଟ ପିଲାଙ୍କ ପାଇଁ କ'ଣ ବ୍ୟବସ୍ଥା କରାଯିବ ସେନେଇ ସମୀକ୍ଷା ଚାଲିଥିବା ମନ୍ତ୍ରୀ କହିଛନ୍ତି। ସେହିପରି ଜୁଲାଇ ଶେଷ ମଧ୍ୟରେ ଯୁକ୍ତ୨ ରେଜଲ୍ଟ ପ୍ରକାଶ କରିବାକୁ ଯୋଜନା ଚାଲିଛି। ପରିଷଦ ମଧ୍ୟ ସେଥିପାଇଁ କାର୍ଯ୍ୟ କରୁଛି ବୋଲି ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଖୁଣ୍ଟାପାଳରୁ କେନ୍ଦ୍ର ମନ୍ତ୍ରିମଣ୍ଡଳ

### ରାଷ୍ଟ୍ରମନ୍ତ୍ରୀ ଇଂ.ବିଶ୍ୱେଶ୍ୱର ଟୁଡୁଙ୍କୁ ଶୁଭେଚ୍ଛା

ବାରିପଦା ଅଫିସ,୭।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଟିମ୍‌ରେ ସାମିଲ ହୋଇଛନ୍ତି ମୟୂରଭଞ୍ଜ ଏମ୍‌ପି ଇଂ.ବିଶ୍ୱେଶ୍ୱର ଟୁଡୁ। ଆଦିବାସୀ ଅଧ୍ୟୁଷିତ ମୋରଡ଼ା ବ୍ଲକ ଅଧୀନ ସାନମୁଣ୍ଡାବଣି ପଞ୍ଚାୟତ ଖୁଣ୍ଟାପାଳ ଗ୍ରାମରୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବାରୁ ଜିଲାବାସୀ ତାଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଛନ୍ତି। ଜିଲା ଭାଜପା କର୍ମୀ ମହଲରେ ଖୁସିର ଲହରି ଖେଳିଯାଇଛି। ଜିଲା କାର୍ଯ୍ୟାଳୟରେ ଏନେଇ ବିଜୟ ଉତ୍ସବ ପାଳନ କରାଯାଉଛି।

ପିତା ସୁକୁଲ ଟୁଡୁ ଓ ମାତା ବୁଧୁଜ୍ ଟୁଡୁଙ୍କ ସୁପୁତ୍ର ବିଶ୍ୱେଶ୍ୱର ଗାଁ ସ୍କୁଲରେ ପାଠ ପଢ଼ି ଛାତ୍ର ଜୀବନରୁ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଡ଼ିତ ଥିଲେ । ଡିପ୍ଲୋମା ଇନ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ ନିଜର ଦକ୍ଷତା ହାସଲ କରିବା ପରେ କୁଏତ୍‌ର ଏକ ବେସରକାରୀ ସଂସ୍ଥାରେ ଚାକିରି କରୁଥିଲେ। କିଛିଦିନ ପରେ ରେଙ୍ଗାଲୀ ଜଳ ବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟ କରି ବାଲିମେଳାର ମୁଖ୍ୟ ନିର୍ବାହୀଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ତାଙ୍କ ବାପା ସରପଞ୍ଚ ଭାବେ ନିର୍ବାଚିତ ହୋଇ ଅଞ୍ଚଳବାସୀଙ୍କ ଦୁଃଖ ସୁଖରେ ସାମିଲ ଥିଲେ। ରାଜନୈତିକ ପରିବାରରୁ ଆସିଥିବା ବିଶ୍ୱେଶ୍ୱର ବିଶ୍ୱ ହିନ୍ଦୁ ପରିଷଦ, ବିଦ୍ୟା ଭାରତୀ(ଶିକ୍ଷା ବିକାଶ ସମିତି, ଓଡ଼ିଶା), ବନବାସୀ କଲ୍ୟାଣ ଆଶ୍ରମ, ରାଜ୍ୟ ଜନଜାତି ସମ୍ପର୍କ ପ୍ରମୁଖ ଭାବେ ଦାୟିତ୍ୱ ତୁଲାଇବା ସହ ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିରର ପ୍ରମୁଖ କାର୍ଯ୍ୟକର୍ତ୍ତା ଭାବେ ଦାୟିତ୍ୱ ସମ୍ପନ୍ନ କରିଛନ୍ତି। ଉତ୍ତର ଓଡ଼ିଶାର ଜଣେ ଜଣାଶୁଣା ଆଦିବାସୀ ନେତା ଭାବେ ବିଶ୍ୱେଶ୍ୱର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବାରୁ ଜିଲାର ବିକାଶ ସହ ରାଜ୍ୟର ଉନ୍ନତି ହେବ। ଆଦିବାସୀଙ୍କ ପ୍ରତି ଦିଆଯାଇଥିବା ଉତ୍ତରଦାୟିତ୍ୱକୁ ଆଗେଇ ନେବା ସହ ଅବହେଳିତ ଜିଲାର ବିକାଶ ଶହେ ଗୁଣା ହେବ ବୋଲି ଭାଜପାର ଜିଲା ସଭାପତି(ପୂର୍ବ) କାନ୍ଦରା ସୋରେନ ପ୍ରକାଶ କରିଛନ୍ତି। ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସ କୁହନ୍ତି, ଆଦିବାସୀ ଭାବେ କେନ୍ଦ୍ରରେ ବିଶ୍ୱେଶ୍ୱର ଟୁଡୁ ମନ୍ତ୍ରୀ ହୋଇଥିବାରୁ ତାଙ୍କୁ ସ୍ୱାଗତ ଜଣାଉଛି। ଜିଲାରେ ରେଳପଥର ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେବା ସହ ଶିଳ୍ପ ପ୍ରତିଷ୍ଠା ଦିଗରେ ସେ ବିହୀତ ପଦକ୍ଷେପ ଗ୍ରହଣ କଲେ ଜିଲାବାସୀ ଉପକୃତ ହୋଇପାରିବେ।

लिक्विडेटर समृध्द जीवन मल्टीस्टेट मल्टीपर्पज को-ऑपरेटिव्ह सोसायटी लि, पुणे का कार्यालय

एफ. पी. नं. ५७६/२बी, ४था माला, लॅण्डमार्क बिल्डींग, शिरोळे रोड, फर्ग्युसन कॉलेज के सामने, शिवाजीनगर, पुणे-४११००५.
राज्य महाराष्ट्र ईमेल : liquidator.sjmmcsl@gmail.com

सार्वजनिक सूचना

(केवल समृद्ध जीवन मल्टी-स्टेट मल्टी-पर्पज को-ऑपरेटिव सोसाइटी लिमिटेड, पुणे के निवेशकों के लिए)

आप सभी इस तथ्य से अवगत हो सकते हैं कि केंद्रीय रजिस्ट्रार (सहकारी समितियाँ, नई दिल्ली) ने १८ अप्रैल २०१६ को एक आदेश जारी किया है, जिसमें समृद्ध जीवन मल्टी-स्टेट मल्टी-पर्पस को-ऑपरेटिव सोसाइटी लि., पुणे के समापन के लिए श्री सतीश एस क्षीरसागर को एक लिक्विडेटर के रूप में नियुक्त किया।
दिनांक १७/०९/२०२० के आदेश से, केंद्रीय रजिस्ट्रार (सहकारी समितियाँ, नई दिल्ली) ने श्री सतीश एस क्षीरसागर के स्थान पर लिक्विडेटर के रूप में अधोहस्ताक्षरी को नियुक्त किया है और जिन्होंने २० अक्टूबर २०२० को पदभार ग्रहण किया है।
अब, मैं सोसाइटी की विभिन्न संपत्तियों और प्राप्तियों की पहचान और उसी के दस्तावेजों की प्रक्रिया में हूँ। यह भी हमारे संज्ञान में आया है कि सोसाइटी की संपत्तियाँ और अन्य व्यक्तियों / कंपनियों / फर्मों के नाम पर संपत्तियाँ, जिन्हें सोसाइटी के धन से अर्जित किया गया है, वह संपत्तियाँ CBI, ED, SEBI, माननीय MPID कोर्ट आदि जैसे विभिन्न प्राधिकरणों द्वारा संलग्न हैं। हम इन प्राधिकरणों के साथ चर्चा के द्वारा, उन सभी संपत्तियों को कानूनी साधनों के माध्यम से, लिक्विडेट करने के लिए एक समाधान खोजने की कोशिश कर रहे हैं। एक बार संपत्ति से वसूली शुरू हो जाएगी, तो सोसाइटी द्वारा, प्राथमिकता के अनुसार क्लेम को चुकाने के लिए कार्यवाही शुरू हो जाएगी।

आनंद ए. कटके, लिक्विडेटर,
समृद्ध जीवन मल्टी-स्टेट मल्टी-पर्पज को-ऑपरेटिव सोसाइटी लिमिटेड, पुणे एवं डिप्टी-रजिस्ट्रार सहकारी समितियाँ (महाराष्ट्र)

# କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶାର ଅଧିକ ପ୍ରତିନିଧିତ୍ୱ ଦଳକୁ ଫାଇଦା ଦେବ: ବିଶ୍ୱେଶ୍ୱର

**ଭୁବନେଶ୍ୱର,୭।୭(ବ୍ୟୁରୋ)** -କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବୁଧବାର ସମ୍ପ୍ରସାରଣ କରାଯାଇଛି। ଏଥିରେ ଓଡିଶାରୁ ଜଣଙ୍କୁ ବାଦ୍ ଦିଆଯାଇଥିବାବେଳେ ଦୁଇଜଣ ନୂଆ ଚେହେରାଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ମୟୂରଭଞ୍ଜ ଭାଜପା ଲୋକ ସଭା ଏମ୍‌ପି ବିଶ୍ୱେଶ୍ୱର ଟୁଡୁ ଏବଂ ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ। ଉଭୟ ମୋଦି ମନ୍ତ୍ରିମଣ୍ଡଳରେ ନୂତନ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବୈଷ୍ଣବଙ୍କୁ ରେଳ ଓ ସୂଚନା ଓ ପ୍ରଯୁକ୍ତି ଏବଂ ଟୁଡୁଙ୍କୁ ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଛି। ଅନ୍ୟ ପକ୍ଷରେ ବାଲେଶ୍ୱର ଏମ୍‌ପି ତଥା ପ୍ରାଣୀ ସମ୍ପଦ, ଗୋପାଳନ, ମତ୍ସ୍ୟ ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ପ୍ରତାପ ୨୦୧୯ରେ ମନ୍ତ୍ରୀ ଭାବରେ ଶପଥ ନେଇଥିଲେ। ନିରାଡମ୍ବର ଓ ସରଳ ଜୀବନ ଯାପନ ପାଇଁ ସେ ଦେଶରେ ଚର୍ଚ୍ଚିତ ଥିଲେ। ପୂର୍ବରୁ କେବଳ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ ପ୍ରତିନିଧିତ୍ୱ କରୁଥିବାବେଳେ ଏବେ ବିଶ୍ୱେଶ୍ୱର ଟୁଡୁ ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ ମିଶାଇ ଓଡିଶାରୁ ମୋଟ ୩ ଜଣ ମନ୍ତ୍ରୀ ପଦବୀ ହାସଲ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଭାବେ ଶପଥ ନେବା ପରେ ବିଶ୍ୱେଶ୍ୱର ଟୁଡୁ 'ଧରିତ୍ରୀ'କୁ କହିଛନ୍ତି, ଓଡ଼ିଶାରୁ ଅଧିକ ପ୍ରତିନିଧିତ୍ୱ ଭାଜପାକୁ ରାଜ୍ୟ ରାଜନୀତିରେ ଅଧିକ ଫାଇଦା ଦେବ।

**ଧରିତ୍ରୀ- କେନ୍ଦ୍ରରେ ଭାଜପା ପରିଚାଳିତ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ମନ୍ତ୍ରିମଣ୍ଡଳରେ ଆପଣ ସ୍ଥାନ ପାଇଛନ୍ତି। ଏ ବିଷୟରେ ଆପଣ କ'ଣ କହିବାକୁ ଚାହିଁବେ?**

**ବିଶ୍ୱେଶ୍ୱର-** ମନ୍ତ୍ରୀ ହେବି ବୋଲି କେବେ ଭାବି ନ ଥିଲି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନରେ ହେବାକୁ ଥିବା ଏକ ବୈଠକରେ ଯୋଗ ଦେବାକୁ ମଙ୍ଗଳବାର ମୋ ପାଖକୁ ଟେଲିଫୋନ କଲ୍ ଆସିଥିଲା। ବୈଠକକୁ ଯିବା ପରେ ରାଷ୍ଟ୍ରପତି ଭବନରେ ସନ୍ଧ୍ୟାରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେଠାରେ ଯୋଗ ଦେବାକୁ ମତେ କୁହାଯାଇଥିଲା। ମୁଁ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛି। ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାକୁ ଚେଷ୍ଟା କରିବି।

**ଧରିତ୍ରୀ-ଆପଣ କିଛି ନିର୍ଦ୍ଦିଷ୍ଟ ବିଭାଗର ଦାୟିତ୍ୱ ପାଇବାକୁ ଆଶା କରୁଥିଲେ କି?**

**ବିଶ୍ୱେଶ୍ୱର-** ଏବେ ମୁଁ ସେ ବିଷୟରେ କିଛି କହିପାରିବି ନାହିଁ। ମନ୍ତ୍ରୀ ହେବା ନେଇ ମୁଁ ଜାଣି ନ ଥିଲି। ମୋ ଉପରେ ବିଶ୍ୱାସ ରଖି ଆଦିବାସୀ ଓ ଜଳଶକ୍ତି ମନ୍ତ୍ରଣାଳୟ ଦାୟିତ୍ୱ ଦେଇଛନ୍ତି। ତାହାକୁ ଠିକ୍ ଭାବେ ସମ୍ପାଦନା କରିବା ମୋର ପ୍ରଥମ କର୍ତ୍ତବ୍ୟ।



ବିଶ୍ୱେଶ୍ୱର ଟୁଡୁ

**ଧରିତ୍ରୀ-ଆପଣ ଏକ ଆଦିବାସୀ ବହୁଳ ଅଞ୍ଚଳରୁ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରୁଛନ୍ତି। ଏବେ ଏହି ମନ୍ତ୍ରଣାଳୟ ଦାୟିତ୍ୱ ମିଳିଛି। ଆଦିବାସୀଙ୍କ ବିକାଶ ପାଇଁ କ'ଣ ଲକ୍ଷ୍ୟ ରହିବ?**

**ବିଶ୍ୱେଶ୍ୱର-** ଆଦିବାସୀମାନଙ୍କ ସହିତ କାମ କରିବାର ଦୀର୍ଘ ଅଭିଜ୍ଞତା ରହିଛି। ମୁଁ ସେହି ଅଞ୍ଚଳରୁ ଆସିଛି। ଆଦିବାସୀମାନଙ୍କ ସମସ୍ୟା ବିଷୟରେ ମୁଁ ଅବଗତ ଅଛି। ବିଶେଷ ଭାବେ ଆଦିବାସୀଙ୍କ କଲ୍ୟାଣ ସହ ଆଦିବାସୀ ଅଞ୍ଚଳର ବିକାଶ ପାଇଁ ଯାହା ଆବଶ୍ୟକ ହେବ ତାହା ଉପରେ ଗୁରୁତ୍ୱ ଦିଆଯିବ। ରାଜ୍ୟର ଆଦିବାସୀଙ୍କ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରାଯିବ।

**ଧରିତ୍ରୀ- କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡିଶାରୁ ୩ ଜଣ ପ୍ରତିନିଧିତ୍ୱ କରୁଛନ୍ତି। ଏହାଦ୍ୱାରା ଦଳ ରାଜ୍ୟ ରାଜନୀତିକୁ କିଛି ଫାଇଦା ପାଇବ କି?**

**ବିଶ୍ୱେଶ୍ୱର -** ହଁ, ନିଶ୍ଚିତ ଭାବେ। ରାଜ୍ୟରେ ଭାଜପା ସରକାର ଗଠନ କରୁ ଏକଥା ପ୍ରଧାନମନ୍ତ୍ରୀ ଚାହୁଁଛନ୍ତି। ଦଳ ତୃଣମୂଳସ୍ତରରୁ ସୁଦୃଢ଼ ହେବା ଜରୁରୀ। ମନ୍ତ୍ରିମଣ୍ଡଳରେ ଓଡ଼ିଶାର ପ୍ରତିନିଧିତ୍ୱ ବଢ଼ୁଥିବାରୁ ରାଜ୍ୟ ପାଇଁ ଏହା ବିଶେଷ ଫାଇଦା ଦେବ।

କଟକ ଉନ୍ନୟନ କର୍ତ୍ତୃପକ୍ଷ
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

ସୂଚନା

No.CAD-557:-ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର), ସେକ୍ଟର-6ରେ ପ୍ଲଟ୍ ନଂ.-B/1503ଟିକୁ ବିନୋଦ କୁମାର ଅଗ୍ରୱାଲ, ପିତା ୰ ଦୌଲତରାମ ଅଗ୍ରୱାଲ, ସା.-ପ୍ଲଟ୍ ନଂ. B/1503, ସେକ୍ଟର-6, ସି.ଡି.ଏ., ପୋ./ଥା.- ମର୍କତ ନଗର, ଜିଲ୍ଲା-କଟକ-753014ଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ବିନୋଦ କୁମାର ଅଗ୍ରୱାଲଙ୍କ ମୃତ୍ୟୁ ପରେ ତାଙ୍କର ପତ୍ନୀ ରେଖା ଅଗ୍ରୱାଲ,ସା.- ପ୍ଲଟ୍ ନଂ. B/1503, ସେକ୍ଟର-6, ସି.ଡି.ଏ., ପୋ./ଥା.- ମର୍କତ ନଗର, ଜିଲ୍ଲା- କଟକ-753014 ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ଉତ୍ତରାଧିକାରୀ ଆଧାରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପ୍ତରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ସଚିବ

OIPR-13037/11/0046/2122

ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। –ଶ୍ରୀମା

# ମହାମାରୀ ଓ ଅସମାନତା




ସାରା ହକିସ
ପ୍ରଫେସର,ଗ୍ଲୋବାଲ ପବ୍ଲିକ ହେଲ୍ଥ, ୟୁନିଭର୍ସିଟି କଲେଜ ଅଫ୍ ଲଣ୍ଡନ

କେଣ୍ଟ ବୁସେ
ଡାଇରେକ୍ଟର, ହେଲ୍‌ଦିୟର ସୋସାଇଟିଜ ପ୍ରୋଗ୍ରାମ, ଜର୍ଜ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ୍ ହେଲ୍ଥ

କୋଭିଡ୍–୧୯ ମହାମାରୀରୁ ମୋ ଲିପ୍‌ଷ୍ଟିକ ମୋତେ ରକ୍ଷା କରୁଛି କି? ଆମେ ବିଶ୍ୱର ମହାମାରୀ ଉପରେ ଭିନ୍ନ ଭିନ୍ନ ଭାଗରେ ଲିଙ୍ଗଗତ ତଥ୍ୟର ସର୍ବବୃହତ ଟ୍ରାକ୍‌ର ସହ ସମନ୍ୱୟ ରକ୍ଷା କରିବା ପରଠାରୁ ଇ–ମେଲ୍‌ରେ ଯେତେ ପ୍ରଶ୍ନ ଆମେ ପାଇଥିଲୁ ସେଥିରେ ଏହି ପ୍ରଶ୍ନଟି ଥିଲା ସବୁଠୁ ଅଦ୍ଭୁତ ତଥା ଉତ୍ସାହଜନକ । ଅବଶ୍ୟ ପ୍ରଶ୍ନଟି ସାଧାରଣ ସ୍ୱାସ୍ଥ୍ୟ ସମ୍ପର୍କରେ ଏକ ବିଶ୍ୱସ୍ତରୀୟ ସତ୍ୟକୁ ସୂଚିତ କରୁଛି। ଆମେ ମାର୍ଚ୍ଚ ୨୦୨୦ରେ ଟ୍ରାକର ପ୍ରତିଷ୍ଠା କଲୁ। କାରଣ ଆମେ ଭାବିଥିଲୁ ଯେ, କୋଭିଡ୍–୧୯ କୌଣସି ଅଞ୍ଚଳରେ ସମାନ ଭାବେ ବ୍ୟାପିବାର ସମ୍ଭାବନା ନ ଥିଲା। ଏଭଳି ଧାରଣା ବି ସତ ପ୍ରମାଣିତ ହୋଇଛି। ଆମ ତଥ୍ୟରୁ ଏହା ସ୍ପଷ୍ଟ ଜଣାପଡ଼ିଛି। ଉଦାହରଣ ସ୍ୱରୂପ, ମହିଳାମାନେ ପୁରୁଷଙ୍କ ତୁଳନାରେ କୋଭିଡ୍ ପରୀକ୍ଷା କରିବା ଓ ଟିକା ନେବାର ଅଧିକ ସମ୍ଭାବନା ଦେଖାଯାଇଛି। ମହିଳାମାନେ ହସ୍ପିଟାଲରେ ଭର୍ତ୍ତିହେବା ଓ ଗୁରୁତର ସଂକ୍ରମିତ ହୋଇ ଆଇସିୟୁରେ ରହିବା ଏବଂ ମହାମାରୀରେ ସେମାନଙ୍କର ପାଖାପାଖି ୩୦% କମ୍ ମୃତ୍ୟୁ ହେବାର ସମ୍ଭାବନା ରହିଛି। ସର୍ବୋପରି ମହାମାରୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ଥିବା ଅସମାନତାକୁ ସାମ୍ନାକୁ ଆଣିଛି। ଅସମାନତା ଓ ରୋଗ ମଧ୍ୟରେ ଥିବା ସମ୍ପର୍କକୁ ଜଣାଇଦେଇଛି। ସମାଜରେ ଅସମାନତା ଜନିତ ବିପଦକୁ ଏହା ପ୍ରକାଶ କରିଛି। ଅସହାୟ ଲୋକ, ଯେଉଁମାନେ କୋଭିଡ୍‌ରେ ଅଧିକ ସଂକ୍ରମିତ ଓ ସମାଜର ଅସମାନତା ବୋଝରେ ଭାରାକ୍ରାନ୍ତ, ସେମାନଙ୍କ ବାସ୍ତବ ଛବିକୁ ମଧ୍ୟ ମହାମାରୀ ପଦାକୁ ଆଣିପାରିଛି। ସ୍ୱାସ୍ଥ୍ୟଗତ ଅସମାନତାଗୁଡ଼ିକରେ ଲିଙ୍ଗଗତ ଭୂମିକା କ'ଣ ରହିଛି ତାହା ଜାଣିବା ହିଁ ଆମର ଲକ୍ଷ୍ୟ। ଆମର ଟ୍ରାକ୍‌ର ଦର୍ଶାଇଛି ଯେ, ନିମ୍ନ ଆୟବର୍ଗର ଦେଶଗୁଡ଼ିକର ପୁରୁଷ ଓ ମହିଳାଙ୍କ କୋଭିଡ୍–୧୯ ମୃତ୍ୟୁ ଅନୁପାତ ଉଚ୍ଚ ଆୟବର୍ଗର ଦେଶଗୁଡ଼ିକଠାରୁ ଦୁଇଗୁଣରୁ ଅଧିକ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଅର୍ଥନୀତି ଓ ଅନ୍ୟ ଅସମାନତାକୁ ବି ଅଣଦେଖା କରାଯାଇପାରିବ ନାହିଁ। ବହୁ ସମୟରେ ଏଗୁଡ଼ିକ ଲିଙ୍ଗଗତ ଅସମାନତାକୁ ବଢ଼ାଇବା ସହ ତାହାକୁ ପୁଣି ବଳଶାଳୀ କରିଥାଏ। ସ୍ୱାସ୍ଥ୍ୟ ଏବଂ ଅସମାନତାର ପ୍ରସଙ୍ଗ ନୂଆ ନୁହେଁ। ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଫ୍ରେଡ଼୍ରିକ ଏଞ୍ଜେଲ୍ସ ବର୍ଣ୍ଣନା କରିଥିଲେ ଯେ, ଇଂଲଣ୍ଡର ଶ୍ରମଜୀବୀଙ୍କ ଦୁଃଖଦାୟକ ଜୀବନ ଏବଂ କର୍ମ ଅବସ୍ଥା ଯୋଗୁ ଦୀର୍ଘଦିନ ଧରି ଲାଗି ରହିଥିବା ମହାମାରୀରେ ମୃତ୍ୟୁହାର ଅଧିକ ଥିଲା। ଏହା ଯୋଗୁ କର୍ମଜୀବୀମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅତ୍ୟଧିକ କ୍ଷତି ହୋଇଥିଲା। ଏହାର କିଛି ଶତାବ୍ଦୀ ପରେ ଜର୍ମାନୀ ପାଥୋଲୋଜିଷ୍ଟ ତଥା ରାଜନୀତିଜ୍ଞ ରୁଡୋଲଫ୍ ଭିରଚୌ ସୋସିଆଲ ମେଡ଼ିସିନ କ୍ଷେତ୍ର ପ୍ରତିଷ୍ଠା କରିଥିଲେ, ଯାହା ଔଷଧ ଏବଂ ରୋଗ ଉପରେ ଗୁରୁତ୍ୱ ଦେଇଥିଲା। ଏହା ସମାଜର ଉତ୍ତମ ପରିଣାମ ଭାବେ ଉଭା ହୋଇଥିଲା। ୧୯୩୦ ଦଶକର ଶେଷ ଆଡ଼କୁ ଚିଲିର ସ୍ୱାସ୍ଥ୍ୟମନ୍ତ୍ରୀ (ପରେ ରାଷ୍ଟ୍ରପତି ହୋଇଥିଲେ) ସାଲ୍‌ଭାଡର ଆଲେଣ୍ଡେ ଲାଟିନ୍ ଆମେରିକାରେ ସୋସିଆଲ ମେଡ଼ିସିନର ବିଦ୍ଧାଣିମାନଙ୍କ ମଧ୍ୟରେ ଥିଲେ ଅନ୍ୟତମ। ସେ ଲୋକମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ଆଣିବା ଲାଗି ରାଜନୈତିକ ଏବଂ ଆର୍ଥିକ ସଂସ୍କାର ପାଇଁ ପ୍ରସ୍ତାବ ଦେଇଥିଲେ। ନିର୍ଦ୍ଦିଷ୍ଟ ରୋଗ କିମ୍ବା ତା'ର ଚିକିତ୍ସା ଉପରେ ଧ୍ୟାନ ନ ଦେଇ ସାମାଜିକ ଢାଞ୍ଚାରେ ଓ ପରିବେଶ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେବା ପାଇଁ ସେ ଯୁକ୍ତି ବାଢ଼ିଥିଲେ।

ସ୍ୱାସ୍ଥ୍ୟ ଏବଂ ସାମାଜିକ ପରିବେଶ ମଧ୍ୟରେ ରହିଥିବା ସମ୍ପର୍କକୁ ନିରୀକ୍ଷଣ କରିବା ଦ୍ୱାରା ଆମ ଡାଟା ଟ୍ରାକର୍‌ରେ ପୁରୁଷ– ମହିଳାଙ୍କ ମଧ୍ୟରେ ରହିଥିବା ପ୍ରଭେଦ ଉପରେ ସମ୍ପୂର୍ଣ୍ଣ ବୁଝି ହୋଇଛି। ଏଥିରେ ବାୟୋଲୋଜି ବା ଜୀବବିଜ୍ଞାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଲିଙ୍ଗଗତ ପ୍ରଭେଦ ମଧ୍ୟ କୋଭିଡ୍–୧୯ର ଅସମାନ ପରିଣାମକୁ ପ୍ରଭାବିତ କରୁଛି। ସଂସ୍ଥାଗତ ଢାଞ୍ଚାରେ ଲିଙ୍ଗଗତ ଚିନ୍ତା ସନ୍ନିହିତ । ଏହା ଜୀବନକୁ ପରିଚାଳିତ କରୁଛି। ଏହା ଆମ ପରିବାର, ନ୍ୟାୟିକ , ଆର୍ଥିକ ବ୍ୟବସ୍ଥା, ଧର୍ମ, ଆର୍ଥିକ ସଂସ୍ଥା, ଶିକ୍ଷା ବ୍ୟବସ୍ଥା ଓ କର୍ମସ୍ଥଳୀରେ ରହିଛି। ଏହା ଅନୁଭବ କରିହେଉଛି ଏବଂ ପ୍ରତିଦିନ କର୍ମରେ ପ୍ରତିଫଳିତ। ଏକ ନିର୍ଦ୍ଦିଷ୍ଟ ସମାଜରେ ପୁରୁଷ, ମହିଳା କିମ୍ବା ଟ୍ରାନ୍ସଜେଣ୍ଡରଙ୍କ କର୍ମରେ ଏହା ପ୍ରକାଶ ପାଉଛି। ଜେଣ୍ଡର୍ ଆମ ଆଶା ଓ ସୁଯୋଗଗୁଡ଼ିକୁ ପରିଚାଳିତ କରୁଛି। ଲିଙ୍ଗଗତ ଭାବ ମଧ୍ୟ ସ୍ୱାସ୍ଥ୍ୟ ପରିଣାମକୁ ପ୍ରଭାବିତ କରିଥାଏ। କେୟାର ୱର୍କ, ରିଟେଲ, ହସ୍ପିଟାଲିଟିଗୁଡ଼ିକରେ ମହିଳାମାନଙ୍କ ନିଯୁକ୍ତିର ସମ୍ଭାବନା ବେଶି ରହିଥିବାରୁ ସେମାନେ କୋଭିଡ୍ ସଂକ୍ରମିତ ହେବାର ଅଧିକ ବିପଦ ରହିଛି। ଅନ୍ୟପକ୍ଷରେ ବିଭିନ୍ନ ପରିବେଶରେ ପ୍ରବାସୀ ଶ୍ରମିକଙ୍କ ମଧ୍ୟରେ କୋଭିଡ୍ ସଂକ୍ରମଣ ବ୍ୟାପକ ହୋଇଆସୁଛି। ଦୁର୍ବଳ ଓ ଅସ୍ୱାସ୍ଥ୍ୟକର ସ୍ଥିତିରେ ଏମାନେ କାର୍ଯ୍ୟ କରୁଛନ୍ତି ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ଉଚ୍ଚ ଏବଂ ନିମ୍ନ ଆୟକାରୀ ଦେଶଗୁଡ଼ିକ ମଧ୍ୟରେ ଥିବା ଅସମାନ କ୍ଷମତା ଓ ନାଗରିକ ଏବଂ ଅଣନାଗରିକଙ୍କ ସମ୍ପର୍କ ଉପରେ ବିଶ୍ୱ ଅର୍ଥ ବ୍ୟବସ୍ଥାର ନିର୍ଭରଶୀଳତାକୁ ଏହା ପ୍ରକାଶ କରିଛି। କରୋନା ଭାଇରସ୍ ସଂସ୍ପର୍ଶରେ ଆସୁଥିବା ଲିଙ୍ଗ ସମ୍ପର୍କିତ ବିଷୟ ବା ତତ୍ତ୍ୱଗୁଡ଼ିକ ରୋଗ ପରୀକ୍ଷା ଏବଂ ଯତ୍ନକୁ ବି ପ୍ରଭାବିତ କରୁଛି। କଟକଣା ମଧ୍ୟରେ ଖୋଲୁଥିବା କ୍ଲିନିକ୍‌ରେ ଯଦି ପରୀକ୍ଷା କରାଯାଏ,ତେବେ କମ୍ ଦରମାରେ କାମ କରୁଥିବା ଲୋକମାନେ କମ୍ ସୁବିଧା ପାଇବାର ସମ୍ଭାବନା ରହିଛି। ଅପରପକ୍ଷେ ଘର ବାହାରେ ସାମାଜିକ ସ୍ୱାଧୀନତା କଟକଣାରେ ରହୁଥିବା ମହିଳାମାନେ ସୀମିତ ସ୍ୱାସ୍ଥ୍ୟସେବା ପାଇବାର ସମ୍ଭାବନା ରହିଛି। କୋଭିଡ୍ –୧୯ରେ ସଂକ୍ରମିତ ହୋଇ ଥରେ ହସ୍ପିଟାଲରେ ଭର୍ତ୍ତି ହେଲେ ବହୁ ଗୁରୁତର ରୋଗରେ ପୀଡିତ ପୁରୁଷମାନଙ୍କର ମୃତ୍ୟୁ ହେବାର ଆଶଙ୍କା ବେଶି ।ଏହା ସହ ଏହା ପଛରେ ରହିଥିବା ବାୟୋଲୋଜିକାଲ ପ୍ରଭେଦ ଯୋଗୁ ପୁରୁଷମାନେ କ୍ଷତିକାରକ ପରିବେଶ ସଂସ୍ପର୍ଶରେ ଅଧିକ ରହୁଥିବାରୁ ସେମାନେ କ୍ରୋନିକ ଡିଜିଜ୍‌ର ଶିକାର ହେବାର ସମ୍ଭାବନା ବେଶି। ଫଳରେ କୋଭିଡ–୧୯ ପରିଣାମ ପ୍ରଭାବିତ ହେଉଛି। ଏହିସବୁ ଲିଙ୍ଗଗତ ଅସମାନତା ପରିବେଶ ଉଭୟ ଉତ୍ପାଦନ ଏବଂ ଉପଯୋଗର କ୍ଷତି କରିଥାଏ। ବିଶ୍ୱରେ ତମାଖୁ ଏବଂ ମଦରେ ସବୁଠୁ ବେଶି ଜୀବନ ଯାଉଛି। ଏହାଦ୍ୱାରା ହୃଦ୍‌ରୋଗ ଓ ଫୁସ୍‌ଫୁସ ରୋଗ ହାର ବୃଦ୍ଧି ପାଉଛି। ଏହି ଦୁଇ ରୋଗ କୋଭିଡ୍–୧୯ ପୀଡିତଙ୍କ ମୃତ୍ୟୁର କାରଣ ହେଉଛି। ନିମ୍ନ ଆୟକାରୀ ଦେଶଗୁଡ଼ିକରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ କୋଭିଡ୍ ମହାମାରୀ ଜନିତ ମୃତ୍ୟୁହାର ଅତ୍ୟଧିକ ଅନ୍ତର ରହୁଛି।

ବିଶ୍ୱରେ ଅନୁଭବସିଦ୍ଧ ପ୍ରମାଣର ଅଭାବ ନାହିଁ। ଅସମାନତା ଯୋଗୁ କୋଭିଡ୍ ଏବଂ ଅତୀତର ମହାମାରୀ କିଭଳି ପ୍ରଭାବିତ ହୋଇଛି ତାହାର ଅନୁଭବ ଏ ବିଶ୍ୱ ପାଖରେ ରହିଛି। ଆମ ଟ୍ରାକ୍‌ର ଅସମାନତା ଏବଂ କୋଭିଡ୍ ମହାମାରୀ ମଧ୍ୟରେ ସମ୍ପର୍କ ଜାଣିବା ଲାଗି ୧୯୫ ଦେଶରୁ ଡାଟା ବା ତଥ୍ୟ ସଂଗ୍ରହ କରିଛି। ବିଭିନ୍ନ ଅଞ୍ଚଳରେ ରହୁଥିବା ଏକ ନିର୍ଦ୍ଦିଷ୍ଟ ଜାତିର ଲୋକ ଏବଂ ସେମାନଙ୍କ ବୃତ୍ତି ଓ ଅନ୍ୟ ଅସମାନତାର ପ୍ରଭାବ କୋଭିଡ୍ ଉପରେ କ'ଣ ରହିଛି ସେ ସମ୍ପର୍କରେ ମଧ୍ୟ ଅଧିକ ତଥ୍ୟ ସଂଗ୍ରହ କରିଛି। କୋଭିଡ୍–୧୯ ସମୟରେ ଏକ ସୋସିଆଲ ମେଡ଼ିସିନ ଦୃଷ୍ଟିକୋଣ ଏବଂ ନୂତନ ସାର୍ବଜନୀନ ସ୍ୱାସ୍ଥ୍ୟ ଅଭିଯାନକୁ ଶକ୍ତିଶାଳୀ କରିବା ଉଚିତ। ବିଶ୍ୱସ୍ତରରେ ବହୁ ପୁରାତନ ଓ ମଜଭୁତ ସ୍ଥିତିରେ ରହିଥିବା ଅସମାନତା ଦୂର କରି ଏହି ମହାମାରୀ ସମୟରେ ଏକ ସ୍ୱଚ୍ଛ ଓ ସୁସ୍ଥ ସମାଜ ଗଠନ କରିବା ଅତ୍ୟନ୍ତ କଠିନ କାର୍ଯ୍ୟ କୁହାଯାଇପାରେ। କିନ୍ତୁ ଏଥିପାଇଁ ଶକ୍ତି,ପ୍ରତିବଦ୍ଧତା ଲୋଡ଼ା ଏବଂ ଚିନ୍ତାଧାରା ଓ କାର୍ଯ୍ୟରେ ପରିବର୍ତ୍ତନ ଦରକାର। ସର୍ବୋପରି ସାମାଜିକ ସମୃଦ୍ଧି ପାଇଁ ବ୍ୟକ୍ତିଗତ ସୁସ୍ଥତା ଏବଂ ବିକଶିତ ସମାଜ ଅତ୍ୟନ୍ତ ଆବଶ୍ୟକ ବୋଲି ନୀତି ନିର୍ଦ୍ଧାରକ ସ୍ୱୀକାର କରିବା ଉଚିତ। ଅର୍ଥାତ୍ ସରକାରୀ, ବେସରକାରୀ ଏବଂ ସିଭିଲ୍ ସୋସାଇଟି କ୍ଷେତ୍ରରେ କାର୍ଯ୍ୟରତ ନେତୃବର୍ଗ ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ବିଷୟଗୁଡ଼ିକ ଉପରେ ଧ୍ୟାନ ଦେବା ଜରୁରୀ। ଆମେ ମଧ୍ୟ ରୋଗ ଚିକିତ୍ସାରୁ ଧ୍ୟାନ ହଟାଇ ପରିବେଶ ଓ ସଂସ୍କାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ, ଯେଉଁଥିରେ ସମସ୍ତେ ଉତ୍ତମ ସ୍ୱାସ୍ଥ୍ୟ,ଶାନ୍ତି ଓ ପ୍ରତିଷ୍ଠାର ସମାନ ସୁବିଧା ପାଇପାରିବେ। କେତେକ ସମାଜରେ ଲିପ୍‌ଷ୍ଟିକ ଲିଙ୍ଗଗତ ନୀତିରେ କ୍ଷତିକାରକ ହୋଇ ନ ପାରେ, କିନ୍ତୁ ଏହା ସ୍ୱାସ୍ଥ୍ୟର ଏକ ଶକ୍ତିଶାଳୀ, ମଜଭୁତ ଏବଂ ବିଶ୍ୱସ୍ତରୀୟ ସାମାଜିକ ନିର୍ଦ୍ଧାରକ ହୋଇଥାଏ। ମହାମାରୀ ଲିଙ୍ଗଗତ ଅସମାନତା ଦୂର କରି ସମାନତାର ଆବଶ୍ୟକତାକୁ ସାମ୍ନାକୁ ଆଣିଛି। ଏହା ସୁସ୍ଥତା ଓ ଲୋକଙ୍କ ଭଲ ଲାଗି ଉଦ୍ଦିଷ୍ଟ ବୋଲି ସମସ୍ତେ ବୁଝିବା ଦରକାର। ଅସମାନତା ବଦଳରେ ସମାନତା ଆମେ ଆଶାକରୁଥିବା ସୁସ୍ଥ ସମାଜ ପାଇଁ ବାଟ କଢ଼ାଇ ନେବାରେ ସାହାଯ୍ୟ କରିବ।

# ଅସହାୟଙ୍କ ପାଇଁ ଆଶୀର୍ବାଦ



ଘାସିରାମ ପଣ୍ଡା

୨୦୧୯–୨୦ରେ ସରକାର କରିଥିବା ଏକ ଗଣନା ଅନୁଯାୟୀ, ରାଜ୍ୟରେ ପ୍ରାୟ ୩୦ ହଜାର ଅନାଥ ଓ ଜଣେ କେହି ପିତା ବା ମାତା ଥିବା ୨ ଲକ୍ଷ ୫୦ ହଜାର ପିଲା ଅଛନ୍ତି। ଏବେ କୋଭିଡ୍‌ଜନିତ ମୃତ୍ୟୁ ବୃଦ୍ଧି ସହିତ ଏ ସଂଖ୍ୟା ମଧ୍ୟ ଯଥେଷ୍ଟ ବଢ଼ିଛି। ପରିବାର ଯଦି ପାରିବାର ସ୍ଥିତିରେ ଅଛି, ତା'ହେଲେ କଥା ଭିନ୍ନ। କିନ୍ତୁ ସାମାଜିକ ଓ ଆର୍ଥିକ ପଛୁଆ ବର୍ଗରେ ଏପରି ସ୍ଥିତି ଉପୁଜିଲେ ପିଲାମାନେ ବିପଦସଂକୁଳ ହୋଇପଡ଼ନ୍ତି। ପିଲା ଛୋଟ ଥିଲେ ବେଆଇନ ଭାବେ ପୋଷ୍ୟ ହେବାର ସମ୍ଭାବନା ଥାଏ। ଯଦି ବଡ଼ ହେଲାଣି ଶିଶୁ ଶ୍ରମିକ, ଚାଲାଣ, ବାଲ୍ୟ ବିବାହ ପ୍ରଭୃତିର ଶିକାର ହେବାର ସ୍ଥିତି ଉପୁଜେ।

ଏଭଳି ପରିସ୍ଥିତିରେ ସହାୟକ ହେବା ପାଇଁ ଓଡ଼ିଶା ସରକାର ଆଶୀର୍ବାଦ ଯୋଜନା ଲାଗୁ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଏହା ରାଜ୍ୟରେ ଜୁନ ୨୦ରୁ କାର୍ଯ୍ୟକାରୀ ହେଲାଣି। ମା'ବାପାଙ୍କ ମୃତ୍ୟୁ ପରେ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଏହି ପିଲାଙ୍କ ପ୍ରତି ଏଥିରେ ବିଶେଷ ଧ୍ୟାନ ଦିଆଯାଇଛି। ମାତାପିତାଙ୍କୁ ହରେଇବା ପରେ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ପିଲାମାନେ ଯଦି ନିଜ ସମ୍ପର୍କୀୟଙ୍କ ସହିତ ରହୁଆ'ନ୍ତି ତା'ହେଲେ ୧୮ ବର୍ଷ ହେବା ପର୍ଯ୍ୟନ୍ତ ସେମାନଙ୍କୁ ମାସିକ ୨,୫୦୦ ଟଙ୍କାର ଆର୍ଥିକ ସହାୟତା ଦିଆଯିବ। ଏହି ଅର୍ଥକୁ ପିଲାଙ୍କ ପରିଚାଳନା, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତି ପାଇଁ ଖର୍ଚ୍ଚ କରିବାକୁ ଯତ୍ନ ଦାୟିତ୍ୱରେ ଥିବା ପରିବାରକୁ ପ୍ରଦାନ କରାଯିବ। ତେବେ ପିଲା ଶିଶୁଯତ୍ନ ଗୃହରେ ରହିବାକୁ ନିଷ୍ପତ୍ତି ହୋଇଥିଲେ ମାସକୁ ୧,୦୦୦ ଟଙ୍କାର ସହାୟତା ପାଇପାରିବେ। ପିଲା ଉପାର୍ଜନକାରୀ ମାତାପିତାଙ୍କ ଭିତରୁ ଜଣକୁ ହରାଇଥିଲେ ମାସକୁ ୧୫୦୦ ଟଙ୍କାର ଆର୍ଥିକ ସହାୟତା ପାଇବା ପାଇଁ ହକ୍‌ଦାର ହେବେ। ଏହି ପିଲାମାନେ ବିଜୁ ସ୍ୱାସ୍ଥ୍ୟ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା ଓ ମାଗଣା ଶିକ୍ଷା, ଉଚ୍ଚ ଶିକ୍ଷା ପାଇଁ ସହାୟତା ପାଇପାରିବେ। ଅନାଥ ପିଲାଙ୍କ ଯତ୍ନ ନେଉଥିବା ପରିବାରକୁ ପ୍ରୋତ୍ସାହନ ସ୍ୱରୂପ ଆବାସ ଯୋଜନାରେ ଘର ଓ ଅନ୍ୟାନ୍ୟ ସରକାରୀ ଯୋଜନାରେ ସହାୟତା ଯୋଗାଇ ଦିଆଯିବ। ଏଭଳି ପିଲାଙ୍କ ସମ୍ପତ୍ତିକୁ ତହସିଲଦାର ଓ ପୋଲିସ ସହାୟତାରେ ସୁରକ୍ଷା ଦିଆଯିବାକୁ ମଧ୍ୟ ଏଥିରେ ଗୁରୁତ୍ୱ ଦିଆଯାଇଛି। ଯୋଜନାର ସୁଫଳ ପାଇବାରୁ ଯେପରି ଗୋଟିଏ ବି ପିଲା ବାଦ୍ ପଡ଼ିବେ ନାହିଁ, ସେଥିପାଇଁ ସ୍ୱତନ୍ତ୍ର ଅଭିଯାନ କରାଯିବାକୁ ଜିଲାପାଳଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏ ସଂକ୍ରାନ୍ତ ଅଭିଯୋଗର ସମାଧାନ ତଥା ଛାଡ଼ି ହୋଇ ଯାଉଥିବା ପିଲାଙ୍କୁ ମାନବୀୟ ମୂଲ୍ୟବୋଧ ଆଧାରରେ ସାମିଲ କରିବାର ବିଶେଷ କ୍ଷମତା ମଧ୍ୟ ଜିଲାପାଳଙ୍କୁ ଦିଆଯାଇଛି।

ମା'ବାପାଙ୍କୁ ହରେଇବାର ଦୁଃଖ ଓ ମାନସିକ ପ୍ରଭାବକୁ ଦୂରେଇବା ସମ୍ଭବପର ନୁହେଁ। ଏହାସତ୍ତ୍ୱେ ଆଶୀର୍ବାଦ ଯୋଜନା ମାଧ୍ୟମରେ ସେମାନଙ୍କ ଅବର୍ତ୍ତମାନରେ ପିଲାର ବିକାଶ ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ଏକ ଉତ୍ତମ ପରିକଳ୍ପନା। କାର୍ଯ୍ୟାନ୍ୱୟନରେ ଦୃଢ଼ତା ଓ ଯୋଜନାରେ ଥିବା କିଛି ଅଭାବବୋଧକୁ ଆରମ୍ଭରୁ ଦୂର କରାଯାଇ ପାରିଲେ ପିଲାଙ୍କ ଅଧିକାରର ସୁରକ୍ଷା କ୍ଷେତ୍ରରେ ଏହା ଏକ ଉଦାହରଣ ହୋଇ ରହିବ। ବେଳେବେଳେ ଆବେଦନ ପ୍ରକ୍ରିୟା ଓ ଏଥିପାଇଁ ପ୍ରମାଣପତ୍ର ସଂଗ୍ରହର କ୍ଲିଷ୍ଟତା ହେତୁ ଆବେଦନକାରୀ ହଇରାଣର ସମ୍ମୁଖୀନ ହୋଇଥାଏ। ଏହାର ବୋଝ ଅନାଥ ଶିଶୁ ଉପରେ ପଡ଼ିଲେ ସେମାନଙ୍କ ପାଖରେ ଯୋଜନାର ସୁଫଳ ପହଞ୍ଚି ପାରିବ ନାହିଁ। ଏଣୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଚାଇଲ୍ଡଲାଇନ ବା ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ଏ ଦିଗରେ ଭୂମିକା ନେବା ବାଞ୍ଛନୀୟ। ନିକଟରେ ନବରଙ୍ଗପୁର ଜିଲାପାଳ ସରପଞ୍ଚଙ୍କଠାରୁ ସଂଗୃହୀତ ଲେଖାକୁ ମୃତ୍ୟୁ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ନିଶ୍ଚିତ ଭାବେ ସହାୟକ ହେବ। ଅନ୍ୟ ଜିଲାଗୁଡ଼ିକ ମଧ୍ୟ ଏପରି କରିପାରିଲେ ପ୍ରକ୍ରିୟା ସହଜ ହେବ। ଅନାଥ ବା ଜଣେ ପିତା କିମ୍ବା ମାତାଙ୍କୁ ହରେଇଥିବା ଘଟଣାରେ ତତ୍‌କ୍ଷଣାତ୍ ସହାୟତା ପହଞ୍ଚେଇବାକୁ ଉଚ୍ଚତମ ନ୍ୟାୟାଳୟ ଗୁରୁତ୍ୱ ଆରୋପ କରିଛନ୍ତି। ଆଶୀର୍ବାଦ ଯୋଜନା କ୍ଷେତ୍ରରେ ମଧ୍ୟ ଘଟଣା ଘଟିବାର ଅତିବେଶିରେ ୧୫ ଦିନ ମଧ୍ୟରେ ଉଦ୍ଦିଷ୍ଟ ଆର୍ଥିକ ସହାୟତା ସୁନିଶ୍ଚିତ କରାଗଲେ ଦଲାଲ ହାବୁଡ଼ରୁ ପିଲା ବର୍ତ୍ତିପାରିବେ। ଏପ୍ରିଲ ୨୦୨୦ ପରଠାରୁ ପ୍ରଭାବିତ ଶିଶୁ ଏହି ଯୋଜନାର ସୁଫଳ ପାଇପାରିବେ ବୋଲି ଉଲ୍ଲେଖ ଅଛି। ଏହାଦ୍ୱାରା ସମାନ ପରିସ୍ଥିତିରେ ଥାଇ ବି ପୂର୍ବରୁ ଚିହ୍ନିତ ହୋଇଥିବା ପାଖାପାଖି ୩ ଲକ୍ଷ ଶିଶୁ ଏଥିରୁ ବାଦ୍ ପଡ଼ିବେ। ଏହା ଗାଁ ଗାଁରେ ବିଭେଦ ସୃଷ୍ଟି କରିବ। କୌଣସି ବି ପରିସ୍ଥିତିରେ ଶିଶୁମାନେ ଅବହେଳିତ ହେବେ ନାହିଁ ବୋଲି କହି ଆସୁଥିବା ସରକାରଙ୍କ ପାଇଁ ଏହା ବିଫଳତା ହେବ। ଏଣୁ ପ୍ରତ୍ୟେକ ମାତାପିତା ହରେଇଥିବା ପିଲାଙ୍କ ପାଖରେ ଆଶୀର୍ବାଦର ସହାୟତା ପହଞ୍ଚିବା ଦରକାର। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ଶିଶୁ ମଙ୍ଗଳ କମିଟିର ସକ୍ରିୟତା ଉପରେ ଯୋଜନାର ସଫଳତା ନିର୍ଭର କରେ। ଅନେକ ଜିଲାରେ ଶିଶୁ ମଙ୍ଗଳ କମିଟିର କାର୍ଯ୍ୟକାଳ ପୂରିଗଲାଣି। ସମୟ ଅବଧିକୁ ବଢ଼ାଯାଇ ଯେନତେନ କାର୍ଯ୍ୟ ଚାଲୁ ରହିଛି। ସେହିପରି ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ରେ ମଧ୍ୟ ବିଶେଷ ଉତ୍ସାହ ନାହିଁ। ଏଭଳି ପରିସ୍ଥିତିରେ ବ୍ୟବସ୍ଥାର ପୁନର୍ବିନ୍ୟାସ କରାନଗଲେ ଯୋଜନାର କାର୍ଯ୍ୟାନ୍ୱୟନ ଧରାଶାୟୀ ହୋଇପଡ଼ିବ।

ସୁବର୍ଣ୍ଣପୁର, ମୋ: ୯୪୩୮୩୪୧୭୯୪

## ଏଇ ଭାରତରେ

କରୋନାର ଦ୍ୱିତୀୟ ଲହର ପ୍ରକାଶ ପାଇବା ପରଠାରୁ ଏଯାବତ୍ ଦିନଟିଏ ବିଶ୍ରାମ ନେବାକୁ ଭୁଲି ଯାଇଛନ୍ତି ପୁଣେର ଆଶାକର୍ମୀ ସୁମନ ଧେବେ। ମହାରାଷ୍ଟ୍ରର ଭେଲେ ବ୍ଲକ୍ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳର ୫ଟି ଗାଁକୁ କୋଭିଡ୍‌ମୁକ୍ତ ରଖିବା ଲାଗି ସେ ପ୍ରତିଦିନ ୧୨ରୁ ୧୩ କି.ମି ପାହାଡ଼ ଚଢ଼ି ଯାଉଛନ୍ତି। ଏହିସବୁ ଗାଁର ଲୋକସଂଖ୍ୟା ୧,୦୦୦। ତାଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଗାଁଗୁଡ଼ିକ ଦ୍ୱିତୀୟ ଲହରରେ ସମ୍ପୂର୍ଣ୍ଣ କୋଭିଡ୍‌ମୁକ୍ତ ହୋଇପାରିଛି। ୨୦୨୦ ଜୁଲାଇରେ ଗୋଟିଏ ଗାଁରେ ଆଦିମ ଜନଜାତିର ଦୁଇଜଣ କୋଭିଡ୍ ସଂକ୍ରମିତ ହେବା ପରେ ସୁମନ ବିଚଳିତ ହୋଇ ଯାଇଥିଲେ। ପରେ ସେ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ କରି ସେହି ଗାଁଗୁଡ଼ିକରେ ସଂକ୍ରମଣ ରୋକିବା ପାଇଁ ଲାଗି ପଡ଼ିଥିଲେ। ଏଥିପାଇଁ ତାଙ୍କୁ ଦୁଇଟି ପାହାଡ଼ ଚଢ଼ି ସେଠାକୁ ଯିବାକୁ ପଡ଼ିଥିଲା। ସମ୍ପୃକ୍ତ ଦୁଇ ଜଣଙ୍କୁ ଗ୍ରାମବାସୀଙ୍କଠାରୁ ଅଲଗା କରି ପ୍ରଥମ ଲହରରେ ଗାଁଗୁଡ଼ିକୁ କୋଭିଡ୍‌ମୁକ୍ତ କରିବା ପରେ ଦ୍ୱିତୀୟ ଲହରରେ ତାଙ୍କ ଉଦ୍ୟମ ଯୋଗୁ ଏଠାରେ କୋଭିଡ ପହଞ୍ଚି ପାରିନାହିଁ। ୪୨ ବର୍ଷୀୟା ସୁମନ ପ୍ରତିଦିନ ସକାଳ ୮ଟାରେ ଗାଁଗୁଡ଼ିକ ଅଭିମୁଖେ ଯାତ୍ରା ଆରମ୍ଭ କରନ୍ତି। ପାହାଡ଼ ଚଢ଼ିବା ଲାଗି ହାତରେ ବାଉଁଶ ବାଡ଼ିଟିଏ ନିଅନ୍ତି। ଯିବା ଆସିବା ଲାଗି ୧୦ ଘଣ୍ଟା ଲାଗିଯାଏ। ଗତ ବର୍ଷ ଜୁଲାଇରୁ ଏଯାବତ୍ ସେ ପ୍ରତିକୂଳ ପରିସ୍ଥିତିରେ ବି ଏହି ସେବା ଜାରି ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁଲାଇ ୧୯୯୬

- ଇରାକ୍ ଓ ୟୁକ୍ରେନ ମଧ୍ୟରେ ତୈଳ ଉତ୍ତୋଳନ ଓ ଉତ୍ପାଦନ କ୍ଷେତ୍ରରେ ସହଯୋଗ ପାଇଁ ଚୁକ୍ତି ସ୍ୱାକ୍ଷରିତ।
- ଗୁଜରାଟ ଅର୍ଥ ଓ ଶକ୍ତିମନ୍ତ୍ରୀ ବାବୁଭାଇ ଭାଲାଙ୍କ ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ।
- ଉତ୍ତର କାଶ୍ମୀର ଅନ୍ତର୍ଗତ କୁପ୍‌ୱାରା ଜିଲାର ବାଟୁକୋଟ ଗ୍ରାମରେ ଉଗ୍ରପନ୍ଥିଙ୍କ ଆକ୍ରମଣରେ ୧୧ ବିହାରୀ ଶ୍ରମିକ ନିହତ।
- ତାମିଲନାଡୁ ରାଜ୍ୟ ପରିବହନ ନିଗମର ବସ କେରଳର ଇଡୁକ୍କୀ ଜିଲାସ୍ଥିତ ମୁରୁକାପୁଝାଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ୧୦୦୦ ଫୁଟ ଗଭୀର ଖାତ ମଧ୍ୟକୁ ଖସିପଡ଼ିବା ଫଳରେ ୧୦ ଯାତ୍ରୀ ମୃତ।

## su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 3 | | 5 | | | 9 | | 8 | 4 |
| | | 7 | | | | | | |
| 4 | 1 | | | | | | | 5 |
| | | | 3 | | | 2 | | |
| | | 4 | | | 5 | | | |
| 9 | 7 | 8 | | | | 5 | | |
| | 5 | | | | | | 3 | 9 |
| 8 | | | | 6 | | | | |
| | 9 | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 5 | 4 | 9 | 7 | 6 | 1 | 2 |
| 6 | 7 | 2 | 8 | 3 | 1 | 4 | 9 | 5 |
| 1 | 4 | 9 | 2 | 5 | 6 | 7 | 3 | 8 |
| 2 | 6 | 4 | 3 | 7 | 5 | 9 | 8 | 1 |
| 7 | 5 | 1 | 9 | 6 | 8 | 3 | 2 | 4 |
| 3 | 9 | 8 | 1 | 4 | 2 | 5 | 7 | 6 |
| 9 | 8 | 3 | 6 | 2 | 4 | 1 | 5 | 7 |
| 4 | 1 | 7 | 5 | 8 | 3 | 2 | 6 | 9 |
| 5 | 2 | 6 | 7 | 1 | 9 | 8 | 4 | 3 |

ଗତକାଲିର ଉତ୍ତର

# ଟିକା ରାଜନୀତି ଓ ବାସ୍ତବତା



ଡ. ପ୍ରୀତିଶ କୁମାର ସାହୁ

ବିକରୋନାର ଦ୍ୱିତୀୟ ଲହର ମୁଖ୍ୟତଃ ଭାବରେ ବିଶ୍ୱରେ ଖାଣ୍ଡବ ବନ ଦହନ ଭଳି ବିପର୍ଯ୍ୟୟ ଘଟାଉଥିବା ସମୟରେ ଏହା ସରକାର ଏବଂ ଜନମାନସ ସ୍ତରରେ ସ୍ୱାସ୍ଥ୍ୟସେବା, ଚିକିତ୍ସା ଏବଂ ସର୍ବୋପରି ଭାକ୍‌ସିନ୍‌କୁ ନେଇ ତତ୍ପରତା ଓ ଗଣମାଧ୍ୟମରେ ଆଲୋଚନା ଏକ ବଡ଼ ବିଷୟ ପାଲଟିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେତେବେଳେ ବହୁ ମାତ୍ରାରେ ସାଧାରଣ ଜନତା ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ସମୟରେ ରାଜନୈତିକ ଦଳଗୁଡ଼ିକ କିଛିମାତ୍ରାରେ ନିଜର ସାମାଜିକ ଦାୟିତ୍ୱ ଏବଂ ବାକ୍ ସ୍ୱାଧୀନତାକୁ ଭୁଲି ନିଜ ନିଜ ମଧ୍ୟରେ ପ୍ରତିଯୋଗିତାର ସୁଯୋଗ ଖୋଜି ନେଇଛନ୍ତି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ରାଜନୈତିକ ତର୍କ ବିତର୍କ କରିବା ମନା ନାହିଁ ବରଂ ଏହାର ଆବଶ୍ୟକତା ଅଛି, କିନ୍ତୁ ବର୍ତ୍ତମାନ ପରିସ୍ଥିତିକୁ ଦେଖିଲେ ନିଜ ନିଜର ରାଜନୈତିକ ରୋଟି ସେକିବା ସାଧାରଣ ଜନତା ପାଇଁ ଦୁଃଖଦାୟକ ଏବଂ ଅଗ୍ରହଣୀୟ।

ରୋଗ ସହ ଲଢ଼ିବା ପ୍ରସଙ୍ଗ, କରୋନା କଟକଣା, ଖାଦ୍ୟପେୟ ବ୍ୟବସ୍ଥା, ଅମ୍ଳଜାନ ଉତ୍ପାଦନ ଓ ବଣ୍ଟନ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଳି ଅନେକ କରୋନା ସମ୍ବନ୍ଧୀୟ ଆଲୋଚନା ଏବଂ ତର୍କ ବିତର୍କ ଗଣମାଧ୍ୟମରେ ହୋଇଛି। କିଛି ମାତ୍ରାରେ ଏହି ବିତର୍କ ମଧ୍ୟ ଅନେକ ସମସ୍ୟାକୁ ସରକାରଙ୍କ ଦୃଷ୍ଟିଗୋଚରକୁ ଆଣିଛି ସତ, କିନ୍ତୁ ଅନେକ ସମୟରେ ଦେଖାଦେଇଛି ଯେ ରାଜନୈତିକ ଆରୋପ ପ୍ରତ୍ୟାରୋପରେ ସାଧାରଣ ଜନମାନସ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଏହା କରୋନାଜନିତ ସମସ୍ୟାକୁ ଦୂର କରିବା ପରିବର୍ତ୍ତେ ବାକ୍ ସ୍ୱାଧୀନତାର ଦୁର୍ଯୋପଯୋଗ ଦ୍ୱାରା ଭାରତର ଛବି ବିଦେଶ ମାଟିରେ ଖରାପ କରୁଛି । ବର୍ତ୍ତମାନ ପରିସ୍ଥିତିରେ ଏହି ତର୍କ ବିତର୍କରେ ସବୁଠାରୁ ଆଗରେ ଅଛି ଟିକାକରଣ ବ୍ୟବସ୍ଥା । ଟିକା ଉତ୍ପାଦନ, ଏହାର ରାଜ୍ୟମାନଙ୍କ ମଧ୍ୟରେ ବିତରଣ, ଆବଶ୍ୟକ ଅନୁଯାୟୀ ଟିକାର ଉପଲବ୍ଧି ପ୍ରଭୃତି ପ୍ରସଙ୍ଗ। ଯେତେବେଳେ ଟିକାର ଆବଶ୍ୟକତା ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ସମସ୍ତଙ୍କୁ ଦରକାର ସେହି ସମୟରେ ଏହା ସ୍ୱୀକାର କରିବାକୁ ହେବ ଯେ, କିଛି ରାଜନେତା ଟିକା ବିରୋଧରେ ମଧ୍ୟ ଅପପ୍ରଚାର କରିବାକୁ ପଛାଇ ନ ଥିଲେ। ଯେଉଁ ସମୟରେ ସରକାରଙ୍କ ଉପରେ ଚାପ ପକାଇ ଅଧିକ ଟିକା ପ୍ରାବଧାନ କରିବା ପ୍ରସଙ୍ଗକୁ ଉଠାଇବାର ଥିଲା ସେହି ସମୟରେ ଏପରି କି ଏହି ଟିକାକୁ ମୋଦି ଟିକା ପାଖରୁ ଆରମ୍ଭ କରି ଏହା ଏକ ସ୍ୱତନ୍ତ୍ର ସମ୍ପ୍ରଦାୟ ବିରୋଧରେ ପ୍ରସ୍ତୁତି କରିଯାଇଛି ବୋଲି ମଧ୍ୟ କିଛି ଅପପ୍ରଚାର କରିଥିଲେ। ଏପରି କି ଦେଶର ପ୍ରମୁଖ ବିରୋଧୀ ଦଳର ନେତା ମଧ୍ୟ ଏହାକୁ ଭାଜପା ଟିକା କହି ଏଡ଼ାଇ ଦେଇଥିଲେ। ଏହା ମଧ୍ୟ ସତ୍ୟ ଯେ, କରୋନାର ଦ୍ୱିତୀୟ ଲହରର ବିଶ୍ୱବ୍ୟାପୀ ପ୍ରାଦୁର୍ଭାବ ପରେ ଟିକାକରଣ ଉପରେ ଆମ ସରକାରଙ୍କ ପାଖରୁ ଆରମ୍ଭ କରି ବିପକ୍ଷରେ ବସିଥିବା ଦଳଗୁଡ଼ିକ ମଧ୍ୟ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ସ୍ୱଳ୍ପ ସମୟରେ ଟିକାର ଆବଶ୍ୟକ ଅନୁଯାୟୀ ଯୋଗାଣ ସବୁଠାରୁ ବଡ଼ ପ୍ରଶ୍ନ। ଯେପରି ରାଜ୍ୟ ଓ ରାଜନେତାମାନେ ଟିକା ଯୋଗାଣକୁ ଗୁରୁତ୍ୱ ଦେଉଛନ୍ତି ସେହିଭଳି ଭାବରେ ଟିକା ନଷ୍ଟକୁ ମଧ୍ୟ ସର୍ବନିମ୍ନ କରିବା ପାଇଁ ତତ୍ପରତାର ଆବଶ୍ୟକତା ଅଛି। ସର୍ବଭାରତୀୟ ସ୍ତରରେ ହାରାହାରି ୬.୩ ପ୍ରତିଶତ ଟିକା ନଷ୍ଟ ହେଉଥିବାବେଳେ ଝାଡଖଣ୍ଡରେ ସର୍ବାଧିକ ୨୭.୩ ପ୍ରତିଶତ, ଛତିଶଗଡ଼ରେ ୩୦.୨ ପ୍ରତିଶତ ଓ ତାମିଲନାଡୁରେ ୧୫.୫ ପ୍ରତିଶତ ଟିକା ନଷ୍ଟ ହେଉଥିବାର ରିପୋର୍ଟ ଆସିଛି।

ବର୍ତ୍ତମାନ ପରିସ୍ଥିତିରେ ଭାରତର ଟିକାକରଣ ଅଭିଯାନକୁ ଅନ୍ୟ ଉନ୍ନତ ଏବଂ ବିକଶିତ ଦେଶ ସହିତ ତୁଳନା କଲେ ଜଣାପଡ଼ିବ ଆମେ କେଉଁ ଜାଗାରେ ଅଛୁ, ଆମଠାରୁ କେଉଁମାନେ ଆଗରେ ଅଛନ୍ତି ଏବଂ ଏହା କେତେ ଶୀଘ୍ର ସମ୍ଭବ ହେବ ସମସ୍ତଙ୍କୁ ଟିକାକରଣ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରିବା। କିନ୍ତୁ ଏହା ସତ୍ୟ ଟିକାକରଣ କ୍ଷେତ୍ରରେ ବିଶ୍ୱରେ କୌଣସି ଦେଶକୁ ଚାଇନା ସହିତ ତୁଳନା କରିବାର ଯଥାର୍ଥତା ନାହିଁ। କାରଣ, ବିଭିନ୍ନ ଆନୁଷଙ୍ଗିକ ଘଟଣାକ୍ରମର ଅଧ୍ୟୟନ ଏବଂ ଗବେଷଣାରୁ ଏହା ଏକ ପ୍ରକାର ସ୍ପଷ୍ଟ ଯେ, ଏହି ମାରାତ୍ମକ ଭୂତାଣୁ ଚାଇନାର 'ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି'ରେ ପ୍ରସ୍ତୁତି କରାଯାଇଥିଲା । ତେଣୁ ଭୂତାଣୁ ପ୍ରତିରୋଧୀ ଟିକା ଏବଂ ଔଷଧ ଚାଇନା ପାଖରେ ପୂର୍ବରୁ ଥିବାର ସନ୍ଦେହକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଏପରି କି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ବିଶେଷଜ୍ଞମାନଙ୍କୁ ଚାଇନା ଅନୁମତି ନ ଦେବା ଆହୁରି ଏହି ସନ୍ଦେହକୁ ଅଧିକ ଘନୀଭୂତ କରିଛି।

ବ୍ଲୁମ୍‌ବର୍ଗ ଡାଟା ଅନୁଯାୟୀ ବିଶ୍ୱର ୧୭୯ଟି ଦେଶରେ ଜୁନ୍ ୨୬ ତାରିଖ ସୁଦ୍ଧା ୨୮୧ କୋଟି ଡୋଜ୍ ଭାକ୍‌ସିନ୍ ଦିଆଯାଇଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ୧୮ ବର୍ଷରୁ ଅଧିକ ଟିକାକରଣ ପ୍ରକ୍ରିୟାରେ ପ୍ରାୟ ୯୪ କୋଟି ଲୋକ ଭାରତରେ ଯୋଗ୍ୟ– ଅର୍ଥାତ୍ ୧୮୮ କୋଟି ଟିକାର ଆବଶ୍ୟକତା ଅଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଭାରତ ବର୍ଷରେ ପ୍ରାୟ ୩୧ କୋଟି ଡୋଜ୍ ଭାକ୍‌ସିନ୍ ଦିଆଯାଇଛି; ଯାହା କି ପ୍ରାୟତଃ ଆମେରିକାର ଭାକ୍‌ସିନ୍ ଡୋଜ୍ ତୁଳନାରେ ସାମାନ୍ୟ କମ୍। କହିବାକୁ ଗଲେ ଆଜି ସୁଦ୍ଧା ସମଗ୍ର ବିଶ୍ୱରେ ଆମେରିକା ପ୍ରଥମ ଓ ଭାରତ ଦ୍ୱିତୀୟ ସର୍ବ ବୃହତ୍ ଟିକାକରଣ କରିପାରିଛି । ଯଦି ସରକାରଙ୍କ ଲକ୍ଷ୍ୟ ମୁତାବକ ଡିସେମ୍ବର ୨୦୨୧ ସୁଦ୍ଧା ସବୁ ଭାରତୀୟ ଟିକା ପାଇବେ ତା'ହେଲେ ପ୍ରତ୍ୟେକ ଦିନ ପ୍ରାୟ ୮୫ ଲକ୍ଷରୁ ଅଧିକ ଟିକାକରଣର ଆବଶ୍ୟକତା ଅଛି। ଏହା ଏକ ଦୃଢ଼ ଇଚ୍ଛାଶକ୍ତି ଓ ପ୍ରୟାସ ଦ୍ୱାରା ହିଁ କେବଳ ସମ୍ଭବ ହୋଇପାରିବ କାରଣ ଗୋଟିଏ ଦିନରେ (ଜୁନ୍ ୨୧ ତାରିଖ) ଭାରତରେ ୮୮ ଲକ୍ଷ ଡୋଜ୍ ଭାକ୍‌ସିନ୍ ଦିଆଯାଇଥିବା ବିଶ୍ୱ ରେକର୍ଡ ଏହାର ପ୍ରମାଣ। ଯେତେବେଳେ ସମଗ୍ର ବିଶ୍ୱରେ ପ୍ରତ୍ୟେକ ଦିନ ହାରାହାରି ୪ କୋଟି ୧୨ ଲକ୍ଷ ଲୋକ ଭାକ୍‌ସିନେସନ୍ ହେଉଛନ୍ତି ସେତେବେଳେ ଭାରତରେ ଗୋଟିଏ ଦିନରେ ୮୮ ଲକ୍ଷ ଲୋକ ଟିକା ନେବା ଏକ ଛୋଟିଆ କଥା ନୁହେଁ।

ଆମେରିକା ଭଳି ଉନ୍ନତ ରାଷ୍ଟ୍ରରେ ଜୁନ୍ ତୃତୀୟ ସପ୍ତାହ ଡାଟା ଅନୁଯାୟୀ ପ୍ରତ୍ୟେକ ଦିନ ପ୍ରାୟ ୮ ଲକ୍ଷ ୧୭ ହଜାର ଭାକ୍‌ସିନ୍ ଡୋଜ୍ ଦିଆଯାଉଥିବାବେଳେ ଭାରତରେ ପ୍ରତ୍ୟେକ ଦିନ ହାରାହାରି ୮୫ ଲକ୍ଷ ଡୋଜ୍ ଦେବାର ଲକ୍ଷ୍ୟ ରହିଛି। ଭାରତବର୍ଷରେ ଏପର୍ଯ୍ୟନ୍ତ ପ୍ରାୟତଃ ୫.୫ କୋଟି ଲୋକ ସମ୍ପୂର୍ଣ୍ଣ ଭାକ୍‌ସିନ୍ ହୋଇସାରିଛନ୍ତି। ଯଦି ତୁଳନା କରାଯାଏ, ଭାରତରେ ଟିକାକରଣ କରାଯାଇଥିବା ଲୋକସଂଖ୍ୟା ବିଶ୍ୱର ୮୮ ପ୍ରତିଶତ ଦେଶରେ ଜନସଂଖ୍ୟାଠାରୁ ମଧ୍ୟ ଅଧିକ। ବୃହତ୍ ଓ ଉନ୍ନତ ଜି–୭ ଦେଶ ସମୂହ (ଆମେରିକା, କାନାଡ଼ା, ଫ୍ରାନ୍ସ, ଜର୍ମାନୀ, ଇଟାଲି, ଜାପାନ ଏବଂ ଇଂଲଣ୍ଡ) ଯାହା ପାଖରେ ବିଶ୍ୱର ପ୍ରାୟ ୩୯ ପ୍ରତିଶତରୁ ଅଧିକ ଜିଡିପି ଅଛି ଓ ଉନ୍ନତ ବୈଷୟିକ ଜ୍ଞାନ ଅଛି ସେମାନଙ୍କ ସହିତ ତୁଳନା କଲେ ଭାରତର ଭାକ୍‌ସିନେସନ୍ ସଂଖ୍ୟା କିଛି କମ୍ ନୁହେଁ, ଯଦିବା ପ୍ରତିଶତ ହିସାବରେ ଆମେ କମ୍ ଅଛୁ। କେବଳ ଆମେରିକାକୁ ବାଦ୍ ଦେଲେ ଅନ୍ୟ ୬ଟି ଦେଶରେ ଆଜି ପର୍ଯ୍ୟନ୍ତ ଯେତିକି ଟିକାକରଣ ହୋଇଛି (ପ୍ରାୟ ୩୨ କୋଟି) ଭାରତରେ ମଧ୍ୟ ପାଖାପାଖି ସେତିକି (୩୧ କୋଟିରୁ ଊର୍ଦ୍ଧ୍ୱ) ଟିକାକରଣ ହୋଇଛି। ଯଦିବା ଆଜିକା ଦିନରେ ଟିକାକୁ ନେଇ ତତ୍ପରତା ବଢ଼ିଚାଲିଛି କିନ୍ତୁ ଏତେ ବଡ଼ ଦେଶରେ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟା, ରାଜ୍ୟ ସରକାରଙ୍କ ସହଯୋଗ, ବିରୋଧୀଦଳଙ୍କ ସକାରାତ୍ମକ ସହାୟତା ଓ ଟିକା ନଷ୍ଟକୁ ରୋକାଯାଇପାରିଲେ ନିଶ୍ଚିତ ଭାବରେ ନିର୍ଦ୍ଧାରିତ ୨୦୨୧ ଡିସେମ୍ବର ସୁଦ୍ଧା ଟିକାକରଣ ସମ୍ପୂର୍ଣ୍ଣ ହେବ ବୋଲି ଆଶା ଓ ଭରସା ଅଛି।

ପ୍ରାଧ୍ୟାପକ, ବିର୍ଲା ଗ୍ଲୋବାଲ ୟୁନିଭରସିଟି, ଭୁବନେଶ୍ୱର, ମୋ:୭୩୮୧୭୩୩୧୮୭

## ପାଠକ ଶ୍ରେଷ୍ଠ ବିଚାରକ

### ବିୟୁଟି ପାର୍ଲର ଭାଗ୍ୟ

ମହାଶୟ,

ସହରାଞ୍ଚଳରେ ଛତୁ ଫୁଟିଲା ଭଳି ଗଢ଼ି ଉଠିଥିବା ବିୟୁଟି ପାର୍ଲର ଗୁଡ଼ିକରେ ଗ୍ରହଣ ଲାଗିଛି । କୋଭିଡ୍–୧୯ ମହମାମାରୀ ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି। ମୋଟା ଅଙ୍କର ଅର୍ଥ ରୋଜଗାର ହେଉଥିବା ବାହାଘରିଆ ମେକ୍‌ଅପ କାମ ମଧ୍ୟ ନାହିଁ । ପାର୍ଲର ପାଇଁ ନେଇଥିବା ଘର ଭଡ଼ା ଦେବାକୁ ଆଜିର ଦିନରେ ସମସ୍ତେ ଅକ୍ଷମ । ପୁଣି ଭଡ଼ା ଦର ମୂଲଚାଲ ପାଇଁ ମାଲିକଙ୍କ ସହିତ ଦର ଛିଡୁ ନାହିଁ । ଅନେକେ ସ୍ୱାମୀଙ୍କ ରୋଜଗାର ଅର୍ଥରେ ଘରଭଡ଼ା ଗଣୁଛନ୍ତି । ନିଜଘରେ ଯେଉଁମାନେ ବିୟୁଟି ପାର୍ଲର ଖୋଲି ଛନ୍ତି ସେମାନେ ଏହି ବିପଦରୁ ବର୍ତ୍ତି ଯାଇଛନ୍ତି । ସେମାନଙ୍କୁ ଏପର୍ଯ୍ୟନ୍ତ ସରକାରୀ ସାହାଯ୍ୟ ମଧ୍ୟ କିଛି ମିଳିପାରୁନାହିଁ । କେବେ ପୂର୍ବଦିନ ଫେରିବ ସମସ୍ତେ ଚାତକ ଭଳି ଚାହିଁ ରହିଛନ୍ତି । ଅନେକେ ଏହି ବ୍ୟବସାୟ ଧାରକରଜ କରି ଆରମ୍ଭ କରିଥିବା ବେଳେ ସରକାରଙ୍କ ଶୁଭଦୃଷ୍ଟି ପଡ଼ିବା ଦରକାର ।

–ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

## ଚିରନ୍ତନୀ

ସେହିକାଲୁଁ ଶୁଣିଅଛି ଅଜାତ ସେ ଶିଶୁର କ୍ରନ୍ଦନ
ଅନ୍ତରେ ଅନ୍ତରେ ତା'ର ଲାଳିଛି ସେ ପ୍ରାଣର ନନ୍ଦନ,
ତୃପ୍ତିହୀନ ଆଶା ବହି ପରାଣ ପରାସେ
ବସି ରହେ ତାହାରି ସକାଶେ !
–(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶ୍ରୀମନ୍ଦିରକୁ ଖଳି ପ୍ରସାଦ ବିଜେ**

**ପୁରୀ ଅଫିସ:** ଅଣସର ତ୍ରୟୋଦଶୀ ଦିବସ ବୁଧବାର ମହାପ୍ରଭୁଙ୍କ ଘଣାଲାଗି, ଖଳିଲାଗି ସହ ଖଡ଼ିପ୍ରସାଦ ବିଜେ ନୀତି ସମ୍ପାଦିତ ହୋଇଛି। ମଙ୍ଗଳବାର ରାଜେନ୍ଦ୍ରାଭିଷେକ ନୀତିରେ ପତିମହାପାତ୍ର ଓ ଦଇତାପତି ସେବାୟତମାନେ ମହାପ୍ରଭୁଙ୍କ ସୁସ୍ଥତାର ଖବର ଗଜପତି ମହାରାଜାଙ୍କୁ ପ୍ରଦାନ କରିବା ସହ ରଥଯାତ୍ରାର ସୁପରିଚାଳନା ନେଇ ଆଲୋଚନା କରିଥିଲେ। ଅଣସର ଗୃହରେ ସମ୍ପୂର୍ଣ୍ଣ ଗୋପନୀୟ ଭାବେ ଶ୍ରୀଜୀଉମାନଙ୍କୁ ଘଣାଲାଗି ପରେ ଖଳି ଲାଗି କରାଯାଇଥିଲା। ଘଣ୍ଟ, ଛତା, କାହାଳି ସହ ଖଳିପ୍ରସାଦ ଶୁଦ୍ଧସୁଆର ଘରଠାରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଶୁଦ୍ଧସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୁପା ପିଙ୍ଗଣରେ ରଖି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଥାନ୍ତି।

## ସଂକ୍ଷେପରେ

### ଆଇସକ୍ରିମ୍ କାଠିରେ ନନ୍ଦିଘୋଷ ରଥ

**ପୁରୀ ଅଫିସ,୭।୭:** ପୁରୀର ଯୁବଶିଳ୍ପୀ ବିଶ୍ୱଜିତ ନାୟକ ଗତବର୍ଷ ପରି ଚଳିତବର୍ଷ ଆଇସକ୍ରିମ କାଠିରେ ନନ୍ଦିଘୋଷ ରଥର କଳାକୃତି ନିର୍ମାଣ କରିଛନ୍ତି। ରଥର ଉଚ୍ଚତା ୧୬ଇଞ୍ଚ ଓ ଚଉଡ଼ା ୧୩ ଇଞ୍ଚ। ଏହାର ନିର୍ମାଣରେ ୯୭୫ ଆଇସକ୍ରିମ କାଠି ବ୍ୟବହାର କରାଯାଇଛି। ଏଥିପାଇଁ ୫ଦିନ ସମୟ ଲାଗିଛି। ସେ ଏହି କଳାକୃତିକୁ ଭକ୍ତଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ବିଶ୍ୱଜିତ ପୂର୍ବରୁ ଆଇସକ୍ରିମ କାଠିରେ ବିଭିନ୍ନ କଳାକୃତି କରି ଲିମ୍କା ବୁକ ଅଫ୍ ରେକର୍ଡ ଓ ଏସିଆ ବୁକ ଅଫ ରେକର୍ଡର ଅଧିକାରୀ ହୋଇଛନ୍ତି।

### ଏସ୍ଓପି ଭିତ୍ତିରେ ଗର୍ଭବତୀଙ୍କୁ ଦିଆଯିବ ଟିକା

**ଭୁବନେଶ୍ୱର, ୭।୭(ବ୍ୟୁରୋ):** ରାଜ୍ୟରେ ଗର୍ଭବତୀଙ୍କୁ କୋଭିଡ୍ ଟିକାକରଣ ବିଳମ୍ବ ହୋଇପାରେ। ଗର୍ଭବତୀଙ୍କୁ ଟିକାକରଣ ନିମନ୍ତେ ନିର୍ଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍ଓପି) ଅଛି। ଛୁଆଙ୍କ ଉପରେ ଏହାର ପ୍ରଭାବ ପଡ଼ିପାରେ। ତେଣୁ ଆମେ ଧୀରେ ଧୀରେ ଏସ୍ଓପି ଆଧାରରେ ଯିବୁ ବୋଲି ବୁଧବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟରେ କରୋନା ସଂକ୍ରମଣ କମିଛି, ଖୁବଶୀଘ୍ର ନିୟନ୍ତ୍ରଣକୁ ଆସିବ। ତେବେ କିଛି ଲୋକ ବିଭିନ୍ନ ସ୍ଥାନରେ ଅଯଥା ଭିଡ଼ କରୁଛନ୍ତି। ଏଥିଯୋଗୁ ସଂକ୍ରମଣ ବଢ଼ିବ। ଜୀବନ ଜୀବିକା ପାଇଁ ଯେତିକି ଆବଶ୍ୟକ ସେତିକି ବାହାରକୁ ଯିବା ଉଚିତ। ଭିଡ଼ ଯୋଗୁ ୫ରୁ ୬ଦିନ ଭିତରେ ଅନେକ ଦୋକାନ, ହାଟ ବନ୍ଦ କରାଯାଇଛି। ଲୋକଙ୍କ ଜୀବିକାକୁ ପ୍ରାଧାନ୍ୟ ଦେଇ ଗାଇଡ୍‌ଲାଇନ୍ କୋହଳ କରାଯିବାରୁ କିଛି ଜାଗାରେ ଲୋକ ରିସର୍ଟକୁ ଯିବା ଆରମ୍ଭ କଲେଣି। କିଛି ଲୋକ କଟକଣା ମାନୁନାହାନ୍ତି। ସେମାନଙ୍କୁ ବିନମ୍ର ଅନୁରୋଧ ଦୟାକରି କଟକଣା ମାନନ୍ତୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସେପ୍ଟେମ୍ବର, ଅକ୍ଟୋବର ବେଳକୁ ତୃତୀୟ ଲହର ଆସିପାରେ ବୋଲି ବିଶେଷଜ୍ଞ ଆକଳନ କରିଛନ୍ତି। ତେବେ ଗାଇଡ୍‌ଲାଇନ୍ କଡ଼ାକଡ଼ି ପାଳନ ନ କଲେ ଏହା ଆହୁରି ଆଗରୁ ବି ଆସିପାରେ। ରାଜ୍ୟରେ ଟିକା ନେଇଥିବା ବ୍ୟକ୍ତିଙ୍କ ସଂକ୍ରମଣ ହାର ୦.୧୩ ପ୍ରତିଶତ ରହିଛି। ଏ ନେଇ ମଲ୍ଟିପଲ୍ ଷ୍ଟଡି କରାଯାଉଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ୧୦ ସୁଦ୍ଧା ରଥ ପ୍ରସ୍ତୁତ ହେବ



ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ପିଲାମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

**ପୁରୀ ଅଫିସ,୭।୭**

- ଗଜପତିଙ୍କ ଅଧ୍ୟକ୍ଷତାରେ ବୈଠକ
- ସେବାୟତ ପରିବାରର ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ

ରଥଯାତ୍ରା ପାଇଁ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗଜପତି ମହାରାଜା ଓ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଗଜପତି ମହାରାଜାଙ୍କ ସଭାପତିତ୍ୱରେ ବୈଠକ ହୋଇଥିବା ବେଳେ ଏଥିରେ ମୁଖ୍ୟ ପ୍ରଶାସକ ଡ.କ୍ରିଷ୍ଣନ୍ କୁମାର, ଆର୍‌ଡିସି, ଆଇନ ବିଭାଗର ଅତିରିକ୍ତ ସଚିବ ଓ ଦେବୋତ୍ତର କମିଶନର ପ୍ରମୁଖ ଉପସ୍ଥିତ ଥିଲେ। ରଥଯାତ୍ରାର ପ୍ରସ୍ତୁତିକୁ ନେଇ ବୈଠକରେ ଆଲୋଚନା ହୋଇଥିବା ବେଳେ କିଭଳି ଶୃଙ୍ଖଳିତ ଭାବେ ରଥଯାତ୍ରା ଶେଷ କରାଯିବ ଏନେଇ ସମସ୍ତ ମତପୋଷଣ କରିଛନ୍ତି। ଆସନ୍ତା ୧୦ ସୁଦ୍ଧା ରଥ ପ୍ରସ୍ତୁତ ହେବ ବୋଲି ମଧ୍ୟ ସେମାନେ କହିଛନ୍ତି। ବୈଠକରେ ମୁଖ୍ୟତଃ କେବଳ ସେବାୟତମାନେ ରଥ ଟାଣିବା, କୋଭିଡ୍ କଟକଣାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ଭଳି ପ୍ରସଙ୍ଗକୁ ପ୍ରାଥମିକତା ମିଳିଛି ବୋଲି ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର କହିଛନ୍ତି। ବୈଠକ ସରିବା ପରେ କ୍ରିଷ୍ଣନ୍ କୁମାର ନୀଳାଦ୍ରି ଭକ୍ତ ନିବାସରେ ପହଞ୍ଚି ସେବାୟତ ଛାତ୍ର ବୃତ୍ତିର ଶୁଭାରମ୍ଭ କରିଛନ୍ତି। ସେବାୟତ ପରିବାରର ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ର ବୃତ୍ତିର ବ୍ୟବସ୍ଥା କରାଯାଇଥିଲା। ଏହାକୁ ଚଳିତବର୍ଷ ପ୍ରଦାନ କରାଯାଇଛି। ସେଥିରେ ମାଟ୍ରିକ୍ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ୫ଜଣ ଛାତ୍ରୀଛାତ୍ରଙ୍କୁ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହପରି ଦଶମ ଓ ଦ୍ୱାଦଶ ପରୀକ୍ଷାରେ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୨ଜଣ ଛାତ୍ରୀଛାତ୍ରଙ୍କୁ ୧୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ସହ ଶ୍ରୀପୁରୁଷୋତ୍ତମ ମାହାତ୍ମ୍ୟ ପୁସ୍ତକ ପ୍ରଦାନ କରାଯାଇଛି।

## ଏସ୍‌ସିବିରେ ୯ ଇକ୍‌ମୋ ମେଶିନ ଲାଗିବ

### ଅଗଷ୍ଟ ୧୫ରୁ କାର୍ଯ୍ୟକ୍ଷମ ହେବ

**ଭୁବନେଶ୍ୱର, ୭।୭(ବ୍ୟୁରୋ)**




ପ୍ରଦୀପ୍ତ କୁମାର ମହାପାତ୍ର।

କଟକ ଏସ୍‌ସିବି ମେଡିକାଲ ଓ କଲେଜରେ ୯ଟି ଇକ୍‌ମୋ ମେଶିନ ଲାଗିବ। ଏନେଇ ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାକୁ ୯ଟି ଇକ୍‌ମୋ ମେଶିନ୍ ଆସିବ। ସବୁଗୁଡ଼ିକ ଏସ୍‌ସିବି ମେଡିକାଲରେ ଲାଗିବ। ଏହି ୯ଟି ଇକ୍‌ମୋ ମେଶିନ୍ ମଧ୍ୟରୁ ୬ଟି ରାଜ୍ୟ ସରକାରଙ୍କ ପାଣ୍ଠିରୁ ଆସିବ। ବାକି ୩ଟି ମେଶିନ ସିଏସ୍ଆର୍ ପାଣ୍ଠିରୁ କିଣାଯିବ। ଇକ୍‌ମୋ ପରିଚାଳନା ପାଇଁ ଆବଶ୍ୟକ ବିଶେଷଜ୍ଞ ଚୟନ ସରିଛି। ସେମାନଙ୍କୁ ପ୍ରଶିକ୍ଷଣ ନେବାକୁ କୋଲକାତା ପଠାଯିବ। ଜୁଲାଇ ୩୧ ସୁଦ୍ଧା ପ୍ରଶିକ୍ଷଣ ସରିବ। ଅଗଷ୍ଟ ୧୫ରୁ ଇକ୍‌ମୋ କାର୍ଯ୍ୟକ୍ଷମ ହେବ ବୋଲି ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଇକ୍‌ମୋ ମେଶିନର ଅଭାବ ଯୋଗୁ ବହୁ କରୋନା ଆକ୍ରାନ୍ତ ଚିକିତ୍ସା ସେବାରୁ ବଞ୍ଚିତ ହୋଇ ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଏହି ଚିକିତ୍ସା ପାଇଁ ବହୁ ଟଙ୍କା ଆବଶ୍ୟକ ଥିବାବେଳେ ବାହାର ରାଜ୍ୟକୁ ଯାଇ ଚିକିତ୍ସା କରାଇବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁ ନାହିଁ। ତେଣୁ ଅନ୍ୟମାନଙ୍କ ସହାୟତା ନେଇ ବହୁ ରୋଗୀ ଏବେ ବି ଅନ୍ୟ ରାଜ୍ୟରେ ଚିକିତ୍ସିତ ହେଉଛନ୍ତି। ଏସ୍‌ସିବିରେ ଇକ୍‌ମୋ ମେଶିନ କାର୍ଯ୍ୟକ୍ଷମ ହେଲେ ବହୁ ରୋଗୀ ଉପକୃତ ହେବେ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର କରୋନା ମୃତ୍ୟୁକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି। ସେ କହିଛନ୍ତି, ଏବେ ଯେଉଁ ମୃତ୍ୟୁ ସଂଖ୍ୟା ଆସୁଛି, ତାହା ବର୍ତ୍ତମାନର ନୁହେଁ। ଆଜି ଆସୁଥିବା ମୃତ୍ୟୁସଂଖ୍ୟା ଗତକାଲିର ଘଟଣା ନୁହେଁ। କୋଭିଡ୍ ମୃତ୍ୟୁ ୩ ଥାକିଆ ଅଡିଟ୍ କମିଟି ଦ୍ୱାରା ସ୍ଥିର ହୋଇଥାଏ। ସମ୍ପୃକ୍ତ ମେଡିକାଲ, ଜିଲା ଓ ରାଜ୍ୟ କମିଟି ଅଡିଟ୍ କରିଥାଏ। ମେ' ଓ ଜୁନ୍‌ରେ ପ୍ରବଳ କେସ୍ ଥିବାରୁ ଡାକ୍ତର ସମୟ ପାଇ ନ ଥିଲେ। ମେ' ଓ ଜୁନ୍‌ରେ ଘଟିଥିବା ମୃତ୍ୟୁକୁ ସମୀକ୍ଷା କରାଯାଇ ଏବେ ସଂଖ୍ୟା ଆସୁଛି। ଏହି ଅବସରରେ ସେ ରାଜ୍ୟରେ କୋଭିଡ୍ ସ୍ଥିତି, ପଜିଟିଭ୍ ହାର, ଶଯ୍ୟା କ୍ଷମତା, ଭେଣ୍ଟିଲେଟର, ଆଇସିୟୁର ଉପଲବ୍ଧତା, ସମ୍ଭାବ୍ୟ ତୃତୀୟ ଲହର ନିମନ୍ତେ ପ୍ରସ୍ତୁତି, ଘରକୁ ଘର ବୁଲି ସର୍ବେକ୍ଷଣ ଓ ଟିକାକରଣ ଅଭିଯାନ ଉପରେ ସୂଚନା ଦେଇଥିଲେ। ଜନସାଧାରଣଙ୍କୁ କୋଭିଡ୍ ନିୟମାବଳୀର କଠୋର ଅନୁପାଳନ ନିମନ୍ତେ ମହାପାତ୍ର ଅନୁରୋଧ କରିଛନ୍ତି।

## ମାଟ୍ରିକ ଫଳକୁ ନେଇ ଅଭିଭାବକ ଅସନ୍ତୁଷ୍ଟ

**କଟକ ଅଫିସ,୭।୭**

**ସାନି ମୂଲ୍ୟାୟନ ପାଇଁ ହାଇକୋର୍ଟରେ ମାମଲା**

ଚଳିତବର୍ଷ ମାଟ୍ରିକ ଫଳକୁ ନେଇ ଝାରସୁଗୁଡାର ଜଣେ ଅଭିଭାବକ ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କ ପୁତ୍ରଙ୍କ ସାନି ମୂଲ୍ୟାୟନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀ ନିରାକାର ପାରୁଆଙ୍କ ପକ୍ଷରୁ ଆଇନଜୀବୀ ଆଶିଷ ମିଶ୍ର ଏ ନେଇ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ସଚିବ, ମାଧ୍ୟମିକ ଶିକ୍ଷା ପରିଷଦ ସମ୍ପାଦକ, ଝାରସୁଗୁଡା ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଗହ୍ମାପଲ୍ଲୀ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକଙ୍କୁ ପକ୍ଷଭୁକ୍ତ କରାଯାଇଛି। ପିଟିଶନରେ ଦର୍ଶାଯାଇଛି, ଝାରସୁଗୁଡାର ଜିଲା ଗହ୍ମାପଲ୍ଲୀ ସରସ୍ୱତୀ ଶିଶୁମନ୍ଦିରରେ ନିରାକାରଙ୍କ ପୁତ୍ର ଝୁନେସ ପାରୁଆ ଦଶମ ଶ୍ରେଣୀର ଛାତ୍ର ଥିଲେ। ସେ ପ୍ରତିବର୍ଷ ଶ୍ରେଣୀ ପରୀକ୍ଷାରେ ୮୫ରୁ ୯୦ ପ୍ରତିଶତ ମାର୍କ ରଖୁଥିଲେ। କିନ୍ତୁ ଚଳିତବର୍ଷ ମାଟ୍ରିକ ମୂଲ୍ୟାୟନବେଳେ ତାଙ୍କୁ କମ୍‌ମାର୍କ ଦିଆଯାଇଛି। ତେଣୁ ଝୁନେସଙ୍କ ମାଟ୍ରିକ ଫଳ ରଦ୍ଦ କରାଯିବା ସହ ସାନି ମୂଲ୍ୟାୟନପାଇଁ ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି।

## କରୋନା ନେଲା ଆଉ ୫୯ ଜୀବନ

**ଭୁବନେଶ୍ୱର, ୭।୭(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ଏବେ ତଳମୁହାଁ ଥିବାବେଳେ ମୃତ୍ୟୁ ସଂଖ୍ୟାରେ କିନ୍ତୁ ରୋକ୍ ଲାଗୁନାହିଁ। ଗତ ୨୪ ଘଣ୍ଟାରେ ୨,୬୦୨ ପଜିଟିଭ ଚିହ୍ନଟ ହୋଇଥିବାବେଳେ ମୋଟ ସଂକ୍ରମିତ ସଂଖ୍ୟା ୯,୨୯,୬୮୮କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ ଆଉ ୫୯ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। କିନ୍ତୁ ଏହି ୫୯ଜଣଙ୍କ ମୃତ୍ୟୁ ଗୋଟିଏ ଦିନରେ ହୋଇନାହିଁ। ପୂର୍ବ ମୃତ୍ୟୁକୁ ଅଡିଟ୍ ପରେ ତଥ୍ୟ ଦିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୪,୩୫୮ରେ ପହଞ୍ଚିଛି। ସେପଟେ ରାଜ୍ୟରେ ୯ଲକ୍ଷ ଟପିଛି ଆରୋଗ୍ୟ ସଂଖ୍ୟା। ବୁଧବାର ଆଉ ୨,୯୨୦ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୯,୦୦,୨୮୨କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ଆଉ ୨୫,୦୯୫ଜଣ ସକ୍ରିୟ ରୋଗୀ ରହିଛନ୍ତି।

## କୋର୍ଟରେ ପ୍ରୋଟେଷ୍ଟ ପିଟିଶନ ଦାଖଲ

**ଭୁବନେଶ୍ୱର,୭।୭(ବ୍ୟୁରୋ)**

**ଆଦିତ୍ୟ ଦାସ ମୃତ୍ୟୁ ଘଟଣା**

ମାନବପ୍ରେମୀ ଆଦିତ୍ୟ ଦାସଙ୍କ ମୃତ୍ୟୁର ବର୍ଷେ ପରେ ବି କ୍ରାଇମବ୍ରାଞ୍ଚର ତଦନ୍ତ ଶେଷ ହୋଇନାହିଁ। ଏପରି କି କ୍ରାଇମବ୍ରାଞ୍ଚ ଆଦିତ୍ୟଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ କରିପାରିନାହିଁ। ତେଣୁ ଏହି ତଦନ୍ତକୁ ନେଇ ପରିବାର ଲୋକେ ପୁଣି ପ୍ରଶ୍ନ ଉଠାଇଛନ୍ତି। ଏନେଇ ଆଦିତ୍ୟଙ୍କ ପରିବାର ପକ୍ଷରୁ ଆଇନଜୀବୀ ନିହାର ରଞ୍ଜନ ଓଝାଙ୍କ ଜରିଆରେ ବୁଧବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ୍ ଦାଖଲ କରାଯାଇଛି। ଏଥିରେ ମାମଲାର ପୁନଃ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ଅଦାଲତଙ୍କୁ ଅନୁରୋଧ କରାଯାଇଛି। ଆଇନଜୀବୀ ଓଝା କହିଛନ୍ତି, ସିଆର୍‌ପିସି ଧାରା ୨୨୦ ବଳରେ ଏହି ପିଟିଶନ ଦାଖଲ ହୋଇଛି। କୋର୍ଟ ଚାହିଁଲେ ନିଜ ଆଡୁ ଏହାର ଶୁଣାଣି କରିପାରିବେ। ଏଥିସହ ସେ କହିଛନ୍ତି, ଜିଆର୍‌ପି ଥାନା ଭଳି କ୍ରାଇମ୍‌ବ୍ରାଞ୍ଚର ତଦନ୍ତକାରୀ ଟିମ୍ ଠିକ୍ ଦିଗରେ ତଦନ୍ତ କରିନାହିଁ। ବରଂ ଜିଆର୍‌ପି ପ୍ରସ୍ତୁତ କରିଥିବା କାଗଜପତ୍ରକୁ ଉପସ୍ଥାପନ କରିଛି ବୋଲି ଅଭିଯୋଗ କରିଛନ୍ତି। ଆଦିତ୍ୟଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗକୁ କ୍ରାଇମବ୍ରାଞ୍ଚ ଟିମ୍ ଫାଇନାଲ ଚାର୍ଜଶିଟରେ ଏଡ଼ାଇ ଯାଇଛି। ଏଯାଏ ସୁଇସାଇଡ୍ ନୋଟ୍‌ରେ କାହାର ହାତଲେଖା ବୋଲି ଟିମ୍ ସାର୍ବଜନୀନ କରୁନାହିଁ। କଲ୍ ଡିଟେଲ୍ସ ଓ ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ ଭଳି ଆହୁରି ଅନେକ ଦିଗରେ ତଦନ୍ତ ଉପରଠାଉରିଆ ଭାବେ ହୋଇଥିବା ଜଣାପଡୁଛି। ଆଦିତ୍ୟଙ୍କ ମା', ବାପା ଓ ସ୍ତ୍ରୀ ବିଧିବଦ୍ଧ ଭାବେ ଥାନାରେ ଅଭିଯୋଗ କରି ନ ଥିଲେ ମଧ୍ୟ ପିପୁଲ ଫର ସେବା ପକ୍ଷରୁ ୭ଜଣ ଅଭିଯୋଗପତ୍ର ଦେଇଥିଲେ। ହେଲେ ଜିଆରପି ପୋଲିସ ପ୍ରୀତମ୍ ମିଶ୍ରଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଥିବାବେଳେ ଅନ୍ୟ ୬ ଜଣଙ୍କୁ ତଦନ୍ତ ପରିସରଭୁକ୍ତ କରି ନ ଥିଲା। ଏମାନଙ୍କ ବୟାନ ମଧ୍ୟ ରେକର୍ଡ କରି ନ ଥିଲା। ସେ ଆହୁରି କହିଛନ୍ତି, ହାଇକୋର୍ଟରେ ଦାଖଲ ହୋଇଥିବା ବୃତ୍ତାନ୍ତ ଚାର୍ଜସିଟ୍ ସାର୍ବଜନୀନ ହୋଇ ନ ଥିଲେ ହେଁ, ଫାଇନାଲ ଚାର୍ଜଶିଟ୍‌ରେ କ୍ରାଇମବ୍ରାଞ୍ଚ ଏହି ମୃତ୍ୟୁକୁ ଆତ୍ମହତ୍ୟା ରୂପ ଦେଇଛି। ଆଦିତ୍ୟଙ୍କୁ ହତ୍ୟା କରାଯାଇଥିବା ନେଇ କୌଣସି ପ୍ରମାଣ ମିଳି ନ ଥିବା କ୍ରାଇମବ୍ରାଞ୍ଚ ହାଇକୋର୍ଟରେ ରିପୋର୍ଟ ଦାଖଲ କରିଛି। ଅନ୍ୟପକ୍ଷରେ ବିବାହର ମାସେ ପୂରି ନ ଥିବା ବେଳେ ଆଦିତ୍ୟ କାହିଁକି ଆତ୍ମହତ୍ୟା କରିବାକୁ ବାଧ୍ୟ ହେଲେ ତାହା ଏପର୍ଯ୍ୟନ୍ତ ଏହି ତଦନ୍ତକାରୀ ସଂସ୍ଥା ସ୍ପଷ୍ଟ କରିପାରିନାହିଁ।


**PARADIP PORT TRUST**
**e-TENDERING NOTICE**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers for supply of **different types of HYDRAULIC CYLINDERS.** The last date and time of submission of the tender is **17.15 Hours on Dt.21.07.2021**. For details, log on to website : **https://eprocure.gov.in/eprocure/app**
Sr. Dy. Materials Manager
PPT/PR/55/21-22 Dt-07.07.21

**DIRECTORATE OF MEDICAL EDUCATION & TRAINING, ODISHA**
**ADVERTISEMENT FOR ISSUE OF NOC FOR OPENING OF INSTITUTIONS FOR IMPARTING PHARMACY/OCCUPATIONAL THERAPY & PHYSIOTHERAPY/ALLIED MEDICAL SCIENCE/ DMLT & DMRT/ NURSING COURSE-2022-23**
Notice No. MET-III-Pharmacy-136/2021/8775 dated 06/07/2021
**No. E-202:-** The online applications are invited from interested Trust/Societies/Universities to open institutions for imparting pharmacy/Occupational Therapy & Physiotherapy/Allied Medical Science/DMLT & DMRT & Nursing course in the state of Odisha in the academic session 2022-23. The detail is available in the website of DMET (O), i.e. **www.dmetodisha.gov.in**.
**Sd./- Addl. Director Medical Education & Training, Odisha**
OIPR-10016/11/0002/2122

**ZILLA SWASTHYA SAMITI, BHADRAK**
**O/o CHIEF DISTRICT MEDICAL & PUBLIC HEALTH OFFICER,**
**DISTRICT PROGRAMME MANAGEMENT UNIT, NHM, DIST.- BHADRAK**
**NOTICE**
Advt. No. 03 / 2021 Date: 07.07.2021
**No. E-204:-** Advertisement has been published in the district website for empanelment of Microbiologist & Lab. Technician on daily wage basis.
**Interested candidates can log on to www.bhadrak.nic.in for details of eligibility criteria, age, Selection Procedure, Date of Interview etc. from 07.07.2021**. Number of vacancies/ remuneration as mentioned under this advertisement may vary at the time of actual engagement. The undersigned reserves the right to cancel any or all the applications without assigning any reason thereof.
OIPR-10123/11/0004/2122 **Sd./- CDM&PHO, Bhadrak**

**OFFICE OF THE PRINCIPAL**
**UTKAL SANGEET MAHAVIDYALAYA**
Lok Seva Marg, Unit-IV, Bhubaneswar-751001
Email ID: principalusm@gmail.com, Website:www.usmbbsr.in
Phone: 0674-2974105
No.-725/USM. Dated.07/07/2021
**ADVERTISEMENT FOR EMPANELMENT OF GUEST FACULTIES**
No. RR-06: Applications are invited from the eligible fresh candidates for empanelment of Guest Faculties (Guest Lecturers & Guest Asst. Lecturers) in different disciplines/ subjects in the Utkal Sangeet Mahavidyalaya, Bhubaneswar for the academic year 2021-22, functioning under the Odia Language, Literature & Culture Department, Govt. of Odisha . The Interviews will be conducted by abiding all the protocols of COVID-19, issued by the Government at present.
Interested candidates are advised to see the notice from the Mahavidyalaya's Office Notice Board or may visit the Mahavidyalaya's Official Website i.e. **www.usmbbsr.in** for more details and shall submit by hand or send through speed post in the plain application along with required documents latest by **Dt.22.07.2021(4.30 P.M.)** positively to the Office of the Principal, Utkal Sangeet Mahavidyalaya, Lok Seva Marg, Unit-IV, Bhubaneswar-751001. The application received after due date shall not be taken into consideration.
The remuneration shall be paid to the Guest Faculties as per the approved rates in the Government in Odia Language, Literature & Culture Deptt., Odisha (Rs.500/- per class & Rs.400/- per class for Guest Lecturer and Guest Asst. Lecturer respectively with a maximum monthly consolidated remuneration of Rs.20,000/- & Rs.16,000/- respectively) .
The undersigned has reserved every right to reject any or all applications without assigning any reason thereof. The selection of the Screening Committee is final.
**Sd./- (Dr. Bijaya Kumar Jena), Principal**
**Utkal Sangeet Mahavidyalaya, Bhubaneswar**
OIPR-03011/11/0001/2122

**GOVERNMENT OF ODISHA**
**'e' PROCUREMENT NOTICE**
**Rajgangpur Municipality**
**Bid Identification No.- EO/RGP/06 of 2020-21**
**e-mail ID-rajgangpurmunicipality@gmail.com**
No.C-526:- **No.2762, Dated 06.07.2021**
1) Total Number of work : 5 (Five) Nos. CC Road, Boundary wall and Drain etc.
2) Approximate Estimated cost : 4.00 lakhs to 20.00 lakhs
3) Period of completion : 04 months
4) Date & time of availability of the bid documents in the portal : 08.07.2021 at 11.00 A.M. to 20.07.2021 upto 5.00 P.M.
5) Last date of receipt of bids in the portal : 20.07.2021 upto 5.00 P.M. (Online)
6) Bids receipt online shall be opened on : 22.07.2021 at 11.00 A.M. (Offline)
7) Name & address of the Officer inviting bid : Executive Officer, Rajgangpur Municipality
8) The bidders have to participate in ONLINE bidding only; further details can be seen from the e-procurement portal http://tendersodisha.gov.in
**Sd./- B.C. Panda, Executive Officer, Rajgangpur Municipality**
OIPR-13094/11/0007/2122

**ODISHA HYDRO POWER CORPORATION LTD**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB H. E. PROJECT,**
**AT/P.O. : BARINIPUT; DIST. : KORAPUT (ODISHA) - 764006**
Telephone: 06854 – 242001 Fax: 06854 – 242 092
Email ID: sgmel.ukhep@gmail.com; CIN : U40101OR1995SGC003963
**TENDER CALL NOTICE NO: UKHEP: 03/2021-22 Dated: 01.07.2021**
**No. CAD-569:-** Sealed Tenders in duplicate are invited in two parts i.e (i) Technical Bid & (ii) Price Bid in separate sealed envelopes from the Manufacturer/ Authorized Dealers/ Reputed supplier for the supply of the following materials to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper (Nonrefundable) in Rs. | EMD in the shape of DD/Banker's Cheque only (refundable) in Rs. |
|---|---|---|---|
| 1 | Supply, Installation and commissioning of CCTV cameras with accessories at different locations of Power House, Office Premises of Upper Kolab Hydro Electric Project, Bariniput | 7,080 (Rs 6000/- + GST@ 18%) | 12,000 |

**The sale of Tender Paper will be from :- 14.07.2021 13:00 Hrs to 30.07.2021 13:00 Hrs.**
**The last date & time of receipt of tender :- 30.07.2021 16:00 Hrs**
**The date and time of opening of tender :- 30.07.2021 16:30 Hrs**
For details of tender documents, Terms & Conditions please visit our website **www.ohpcltd.com**.
**OIPR-04002/11/0004/2122** **C&P Head, Upper Kolab HEP,OHPC Limited, Bariniput**

**Government of Odisha**
**E-mail.ID-sectcrb_2006@yahoo.co.in , Tel/Fax – 0671-2301751/2302751**
**1st Corrigendum to Bid Identification No. S.E.Ctc. (R&B) 9/2021-22**
**Tender Reference - S.E.Ctc. (R&B) 9/2021-22**
No.B-211:- The Bid availability period and Date of opening of the tenders have been modified as follows:-

| Sl. No. | Bid Identification No. | Bid availability period as per tender notice | Revised bid availability period | Bid opening date as per tender notice | Revised opening date |
|---|---|---|---|---|---|
| 1 | S.E.Ctc.(R&B) 9/2021-22 | 05.07.2021 to 16.00 hours of 20.07.2021 | 14.07.2021 to 16.00 hours of 29.07.2021 | 22.07.2021 at 11.00 hours | 30.07.2021 at 11.00 hours |

Further details can be seen from the website htpp://tendersorissa.gov.in.
**Sd./- T.P.Mishra, Superintending Engineer, Cuttack(R&B)Circle**
OIPR-34012/11/0014/2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**CENTRAL CIRCLE, RURAL WORKS, BHUBANESWAR**
**CORRIGENDUM**
**No. 3312** **Date: 06.07.2021**
**1st Corrigendum to Bid Identification No. Tender - Online - C.C. 16 of 2021**
**Dated 09.06.2021 invited vide this office Lr. No. 2775 dated 09.06.2021**
No. O-414: The date of availability of tender, date of opening of Technical Bid & Financial Bid invited vide this Office N.I.T. No. Tender-Online-C.C.16 of 2021 Dt.09.06.2021 issued vide this office Lr. No. 2775 Dt.09.06.2021 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Central Circle, Rural Works, Bhubaneswar | Tender-Online-C.C.16 of 2021 | 16.07.21 at 11.00 A.M. | 26.07.21 upto 5.00 P.M. | 23.07.21 upto 3.00 P.M. | 27.07.21 at 11.00 A.M. | 06.08.2021 at 11.00 A.M. |

All other conditions remain unaltered.
OIPR-25082/11/0017/2122
**Superintending Engineer**
**Central Circle, Rural Works, Bhubaneswar**

**N.A.C. OFFICE, KOTPAD**
**Ph. No. 06860-295543, Fax No. 06860-283036**
**E-mail: kotpadnac@gmail.com**
**"e" PROCUREMENT NOTICE**
**Letter No. 3002** **Date: 06.07.2021**
**BID IDENTIFICATION No- KPDNAC/26/2021-22**
**Tender ID: 2021_ORULB_69626**
No. C-532: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in.**
1. Nature of the work : Civil
2. No. of Works : 7 Nos.
3. Estimated Cost : As per DTCN
4. Period of Completion : As per DTCN
5. Date & time of availability of the bid documents in the portal : From 11.00 hours of Dt.08.07.2021 to 17.00 hours of Dt.17.07.2021
6. Last date/time for receipt of bids in the portal : Dt.17.07.2021 upto 17.00 hours
7. Bids received online shall be opened on : Dt.22.07.2021 at 11.00 hours
8. Name & address of the Officer Inviting Bid : Executive Officer, N.A.C., Kotpad

Further the details can be seen from the procurement portal: **www.tendersodisha.gov.in.**
**Sd./- Executive Officer, N.A.C., Kotpad**
**OIPR-13074/11/0004/2122**

**OFFICE OF THE BARIPADA MUNICIPALITY**
**BARIPADA, MAYURBHANJ-757001**
Tel: 06792-252703; Website: www.baripadamunicipality.in. e-mail: baripadam.hud@nic.in
**EXPRESSION OF INTEREST**
**No. 3658/PW** **DATE-05.07.2021**
**No. C-528:-** Expression of Interest are invited from intending Engineering Organisations fulfilling eligibility criteria/Firms dealing with related activity/N.G.O. having required expertise for detailed road survey including theodolite/Dumpy level surveying, road texture, utility space position, existence/requirement of storm water drainage including release of the drain water to technically suitable drains, sub-strata study and preparation of detailed plans, cross-sections, information accumulation as prescribed - FOR ROAD SURVEY UNDER SMART URBAN ROAD EXECUTION (S.U.R.E.) - scheme of H&UD Deptt., Odisha against identified roads of BARIPADA MUNICIPALITY, Baripada, Mayurbhanj, 757001, Odisha.
All the proposed roads are located at Baripada Municipality. The firm should have adequate nos. of equipments, manpower including technical hands for timely completion of field topo survey and preparation of Detailed Project Report (D.P.R.) along with due documentation during technical sanction as per prescribed guidelines. Apart from cost, the quality of work that can be delivered by the party will be the deciding factor.
The bid must be accompanied with the detail documents of the said work and along with the copy of the GST , PAN card and related technical documents. The bidder should submit the record of his previous experience of these types of works in Municipality /NACs/other Govt. Deptt. if any, in proof of his credentials and quote his rate including all taxes as per guidelines fixed by Govt. for such D.P.R. The rates may be quoted-in both words & figures against individual road works. Those qualifying technical bid will be eligible for participating in financial bid. The quotation should reach this Office on or before 15/7/2021 at 2 P.M. along with Security Deposit of ₹20,000.00 (Rupees Twenty Thousand) only in shape of Bank draft (refundable) drawn in favour of "Executive Officer, Baripada Municipality, payable at Baripada". The same will be opened same day at 4 P.M. in presence of quotationers or their authorized representatives. For further details regarding this work, the Municipal Engineer of this office (Contact No.9437882220) may be contacted during office hours on working days from 08.7.2021 to 15.7.2021. The Municipality will not be held responsible for Postal delay. Quotation submitted beyond the aforesaid date and time shall not be entertained. Authority reserves to right to accept or cancel any or all the quotations without assigning any reason thereof.
**Sd./- Executive Officer, Baripada Municipality**
OIPR-13078/11/0012/2122

# ୬୪,୨୧୪ ପିଭିଟିଜିଙ୍କୁ କୋଭିଡ୍ ସହାୟତା

- ପ୍ରତ୍ୟେକ ପରିବାର ଆକାଉଣ୍ଟକୁ ଗଲା ୫୦୦୦ ଟଙ୍କା
- ୬୦ ହଜାର ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ
- ବିପଦ ବେଳେ ସରକାର ସାଥିରେ ଅଛନ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୭(ବ୍ୟୁରୋ)

ରାଜ୍ୟର ୬୪ ହଜାର ୨୧୪ ଆପଦଗ୍ରସ୍ତ ଆଦିମ ଜନଜାତି ପରିବାର (ପିଭିଟିଜି)କୁ 'ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ୍ ସହାୟତା' ପ୍ରଦାନ କରାଯାଇଛି। କରୋନା ଦ୍ୱିତୀୟ ଲହରରେ ଆର୍ଥିକ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତି ପରିବାରକୁ ୫୦୦୦ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ସେହିପରି ୬୦ ହଜାର ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କୁ ବୃତ୍ତି ଦିଆଯାଇଛି।

ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀ କହିଛନ୍ତି, କରୋନା ବିପତ୍ତି ବେଳେ ସରକାର ସମସ୍ତଙ୍କ ସାଥୀରେ ଅଛନ୍ତି। ରାଜ୍ୟର ପିଭିଟିଜି ଜନଜାତି ଗ୍ରାମର ସବୁ ପରିବାର ଏହି ସହାୟତା ପାଇବେ। ଏଥିପୂର୍ବରୁ କରୋନା ପୀଡ଼ିତ ପିଭିଟିଜି ଜନଜାତିର ୩୦୦ରୁ ଅଧିକ ଲୋକଙ୍କୁ ୨୫୦୦ ଟଙ୍କାର ରାଶନ କିଟ୍ ଏବଂ ୧୪୦୦ ଟଙ୍କା ଲେଖାଏ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କରୋନା ଗାଇଡ୍‌ଲାଇନ ମାନି ଚଳିବା, ଦୁଇ ଡୋଜ୍ ଟିକା ନେବା ଏବଂ ଟିକାକରଣ ଲାଗି ଉତ୍ସାହ ବଢ଼ାଇବାକୁ ନିବେଦନ କରିଛନ୍ତି। ସେହିପରି ୬୦,୦୦୦ ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ଏପ୍ରିଲ, ମେ ଓ ଜୁନ୍ ମାସ ପାଇଁ ଏକକାଳୀନ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଦିଆଯାଇଛି। ଏହା ପିଲାଙ୍କ ଅଭିଭାବକଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଛି। ଝିଅମାନଙ୍କୁ ୨୪୦୦ ଟଙ୍କା ଓ ପୁଅମାନଙ୍କୁ ୨୨୫୦ ଟଙ୍କା ଦିଆଯାଇଛି। ସମୁଦାୟ ୫ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଏହି ସୁବିଧା ପାଇବେ। କରୋନା ପାଇଁ ବର୍ଷେ ହେଲା ଛାତ୍ରାବାସ ଛାଡ଼ି ଘରେ ଥିବା ଛାତ୍ରୀଛାତ୍ରମାନେ ଶିକ୍ଷାରେ ମନଯୋଗ କରିବା ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୧,୬୭୯ ପିଭିଟିଜି ଗାଁ ରହିଛି। ଏହି ଜନଜାତିର ୩୧୪ଜଣ କରୋନା ସଂକ୍ରମିତ ହୋଇଥିଲେ ମଧ୍ୟ ମୃତ୍ୟୁସଂଖ୍ୟା ଶୂନ ରହିଛି। ପିଭିଟିଜି ଗ୍ରାମରେ କରୋନା ପରିଚାଳନା ସହ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ୧୮ ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ କୋଭିଡ୍ ପରିଚାଳନା ନୀତିକୁ ପ୍ରଶଂସା କରିଥିଲେ। ଚିତ୍ରକୋଣ୍ଡା ଏବଂ କରଞ୍ଜିଆର ବିଧାୟକ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ରାୟଗଡ଼ାର ଲହରୀ ଗୁଣ୍ଡିଆ, କଳାହାଣ୍ଡିର ରତନି ମାଝିଙ୍କ ଅନ୍ୟ କେତେଜଣ ହିତାଧିକାରୀ ସ୍ୱତନ୍ତ୍ର କୋଭିଡ୍ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ଛାତ୍ରବୃତ୍ତି ପାଇଥିବା ସମ୍ବଲପୁରର ଜ୍ୟୋତି ସିଂ, ବିଦୁସ୍ମିତା ମୁଣ୍ଡା ଏବଂ ମୟୂରଭଞ୍ଜର ସୋନାଲି ସୋରେନ, ପାର୍ବତୀ ସୋରେନ୍ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି. କେ. ଜେନାଙ୍କ ସମେତ ବିଭାଗୀୟ ନିର୍ଦ୍ଦେଶକ, ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଯୋଗଦେଇଥିଲେ।

## ହାଇୱାକୁ ପିଟିଲା ଟ୍ରକ୍, ହେଲ୍‌ପର ମୃତ

ସାକ୍ଷୀଗୋପାଳ,୭।୭(ଡି.ଏନ୍.ଏ.)

ସତ୍ୟବାଦୀ ଥାନା ବୀରଗୋବିନ୍ଦପୁର ନିକଟରେ ବୁଧବାର ଭୋରୁ ଏକ ଟ୍ରକ୍ ରାସ୍ତାରେ ଥିବା ଏକ ହାଇୱାକୁ ଧକ୍କା ଦେବାରୁ ଟ୍ରକ୍ ହେଲପରର ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳର ବାଙ୍କ ଦାସ। ସୂଚନାଯୋଗ୍ୟ, ରାଜପଥ ଉପରେ (ଓଡି ୦୨ ଏଭି -୪୦୫୦) ବାଲି ବୋଝେଇ ହାଇୱା ପୁରୀ ଆଡକୁ ଯିବା ପାଇଁ ଠିଆ ହୋଇଥିଲା। ଲୁହା ଛଡ଼ ନେଇ ପୁରୀ ଆସୁଥିବା (ଓଡି ଓଡି ୦୨ ଏଭି ୧୪୮୭) ଟ୍ରକଟି ଅଚାନକ ହାଇୱା ପଛରେ ପିଟି ହୋଇଛି। ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଟ୍ରକକୁ ଗ୍ୟାସ କଟରରେ କାଟି ତାଙ୍କୁ ଉଦ୍ଧାର କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛି। ପରେ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଗାଡ଼ିକୁ ଜବତ କରିଛି।

## ସଡ଼କ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର



ଦୁର୍ଘଟଣା ଘଟାଇଥିବା ଟ୍ରକ୍।

ଛତିଆ,୭।୭(ଡି.ଏନ.ଏ.)

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଛତିଆ ଚଟିଘର ନିକଟରେ ବୁଧବାର ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ସ୍ଥାନୀୟ ବିଦ୍ୟାଧରପୁର ଗ୍ରାମର ସୋମନାଥ ସାହୁ(୩୫) ଓ କମ୍ପାନୀ ବଜାର ଗ୍ରାମର ଦିଲୀପ ସିଂହ(୩୪)ଙ୍କ ମୃତ୍ୟୁ ଘଟିଛି। କଟକ ଜିଲା ଜୟପୁର ଅଞ୍ଚଳର ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ଛତିଆ ବଜାରରୁ ଫେରି ଚଟିଘରଠାରେ ରାଜପଥ ଅତିକ୍ରମ କରୁଥିଲେ। ଏହି ସମୟରେ ଚଣ୍ଡିଖୋଲରୁ କଟକ ଆଡ଼େ ଯାଉଥିବା ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ୩ ଜଣ ଯାକ ଟ୍ରକ୍ ତଳେ ରହି ଯାଇଥିଲେ। ଟ୍ରକ୍ ସେମାନଙ୍କୁ ପ୍ରାୟ ୧୦୦ ମିଟର ଘୋଷାରି ନେଇଥିଲା। ଘଟଣାସ୍ଥଳରେ ସୋମାନାଥଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୨ ଜଣ ଗୁରୁତର ହୋଇଥିଲା। ସେମାନଙ୍କୁ ସ୍ଥାନୀୟ ଲୋକେ ଓ ଛତିଆ ବିଟ୍ ହାଉସ୍ ପୋଲିସ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିଲୀପଙ୍କ ମୃତ୍ୟୁ ହୋଇଥିଲା। ଜୟପୁର ଅଞ୍ଚଳର ଯୁବକ ଜଣକ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିଛି।

## ପକ୍କାଘର ଦୁର୍ନୀତି ପ୍ରତିବାଦ କଲା ଭାଜପା

ଭୁବନେଶ୍ୱର, ୭।୭(ବ୍ୟୁରୋ)

ରାଜ୍ୟରେ ପକ୍କାଘର ଦୁର୍ନୀତି ଅଭିଯୋଗ ଆଣି ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଭାଜପା ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କାର୍ଯ୍ୟକ୍ରମ ଆରମ୍ଭ କରିଛି। ରାଜ୍ୟର ଜଣେ ହେଲେ ଯୋଗ୍ୟ ହିତାଧିକାରୀ ଯେପରି ବାସଗୃହ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିଲାଗି ରାଜ୍ୟ ଭାଜପା ତରଫରୁ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବଲାଙ୍ଗୀର ଜିଲା ପାଟଣାଗଡ଼ରେ କେ.ଭି.ସିଂହଦେଓ, କଣ୍ଟାବାଞ୍ଜିରେ ସଙ୍ଗୀତା ସିଂହଦେଓ, ଲୋଇସିଂଗାରେ ମୁକେଶ ମହାଲିଙ୍ଗ, ସମ୍ବଲପୁର ଜମନକିରାରେ ରବି ନାଏକ, ଧନକଉଡ଼ାରେ ବିଧାୟକ ନାଉରି ନାଏକ, ତାଳଚେରରେ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ବିଡିଓଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ୨୦୨୨ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଦେଶର ସମସ୍ତ ଗରିବ ଲୋକଙ୍କୁ ପକ୍କାଘର ଯୋଗାଇଦେବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏକ ଫ୍ଲାଗ୍‌ଶିପ୍ ପ୍ରୋଗ୍ରାମ । କିନ୍ତୁ ରାଜ୍ୟ ସରକାର ଏଠି ପାତରଅନ୍ତର ନୀତି ଆପଣାଇ କେବଳ ଦଳୀୟ କର୍ମୀଙ୍କୁ ପକ୍କାଘର ଯୋଗାଇ ଚାଲିଛନ୍ତି। ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ଭାଜପା ଲଢ଼େଇ ଜାରି ରଖିବ । ଆବାସ ଯୋଜନାରେ ହୋଇଥିବା ମହାଦୁର୍ନୀତି ବିରୋଧରେ ବ୍ୟାପକ ଜନ ଆନ୍ଦୋଳନ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦଳ ତରଫରୁ ଘୋଷଣା କରାଯାଇଛି।

## ବେଦିରୁ ମଶାଣି ଏକାଠି

- ସ୍ତ୍ରୀ ମୃତ୍ୟୁର ଦେଢ଼ଘଣ୍ଟା ପରେ ସ୍ୱାମୀ ମୃତ
- ଶୋକାକୁଳ ପରିବେଶରେ ଜଳିଲା ଜୁଇ

କାମାକ୍ଷାନଗର, ୭।୭(ଡି.ଏନ.ଏ.)

ହୋମନିଆଁକୁ ସାକ୍ଷୀ ରଖି କରିଥିଲେ ବିବାହ। ସୁଖଦୁଃଖରେ ହାତ ଧରାଧରି ହୋଇ ଚାଲିବା ପାଇଁ ନେଇଥିଲେ ଶପଥ। ବାହାବେଦିରୁ ଆରମ୍ଭ ହୋଇଥିବା ଦାମ୍ପତ୍ୟ ଜୀବନର ଯାତ୍ରା ଶେଷ ହୋଇଛି ଶ୍ମଶାନରେ। ସ୍ତ୍ରୀଙ୍କ ମୃତ୍ୟୁ ସୂଚନା ପାଇବାର ଘଣ୍ଟାଏ ମଧ୍ୟରେ ସ୍ୱାମୀ ମଧ୍ୟ ସାଜିଛନ୍ତି ପରପାରିର ଯାତ୍ରୀ। ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ୫ନଂ. ୱାର୍ଡ ଗୋଡ଼ିସାହିରେ ବୁଧବାର ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ଗ୍ରାମ୍ୟ ଶ୍ମଶାନରେ ଶୋକାକୁଳ ପରିବେଶରେ ବୃଦ୍ଧ ଦମ୍ପତିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଗୋଡ଼ିସାହିର ବୃଦ୍ଧା ତରା ଖଟୁଆ (୬୫) ଶାରୀରିକ ଅସୁସ୍ଥତା କାରଣରୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେ ସୁସ୍ଥ ହୋଇ ଦୁଇଦିନ ତଳେ ଘରକୁ ଫେରିଥିଲେ। ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ହଠାତ୍ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ତ୍ରୀଙ୍କ ଏଭଳି ଅସ୍ୱାଭାବିକ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରି ନ ଥିଲେ ୭୨ ବର୍ଷୀୟ ସ୍ୱାମୀ ବୁଲା ଖଟୁଆ। ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏହାପରେ ତାଙ୍କୁ ପରିବାର ଲୋକେ କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ବୁଲାଙ୍କର ମୃତ୍ୟୁ ହୋଇଯାଇଥିଲା। ମିଷ୍ଟଭାଷୀ, ପରୋପକାରୀ ମଣିଷ ଭାବେ ଉଭୟ ତରା ଏବଂ ବୁଲା ଅଞ୍ଚଳବାସୀଙ୍କ ବେଶ୍ ନିକଟତର ଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ସାରା ସହରରେ ଶୋକର ଛାୟା ଖେଳିଯାଇଛି। ଗ୍ରାମବାସୀ ଏବଂ ପରିବାର ଲୋକଙ୍କ ଉପସ୍ଥିତିରେ ଦମ୍ପତିଙ୍କ ଶେଷକୃତ୍ୟ ସ୍ଥାନୀୟ ଶ୍ମଶାନରେ ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ବୁଲା ଏବଂ ତରାଙ୍କ ୨ ଝିଅ ଏବଂ ଜଣେ ପୁଅ ଅଛନ୍ତି।

## ଭାଜପା ନେତ୍ରୀଙ୍କୁ ଅପମାନିତ କରୁଛି ବିଜେଡି: ଭାଜପା

ଭୁବନେଶ୍ୱର, ୭।୭(ବ୍ୟୁରୋ)

ବିଜେଡି ଶାସନରେ ରାଜ୍ୟର ମହିଳାମାନେ ଆଦୌ ସୁରକ୍ଷିତ ନୁହନ୍ତି। ସୋସିଆଲ ମିଡିଆର ଅପବ୍ୟବହାର କରି ବର୍ତ୍ତମାନ ନୂତନ କୌଶଳ ଆପଣାଇ ନାରୀମାନଙ୍କୁ ଅସମ୍ମାନ କରାଯାଉଛି। ରାଜନୈତିକ ଅଭିସନ୍ଧି ରଖି ଭାଜପାର ଅନେକ ନେତ୍ରୀମାନଙ୍କୁ ସୋସିଆଲ ମିଡିଆ ଜରିଆରେ କଦର୍ଯ୍ୟ ଭାଷା ବ୍ୟବହାର ସହ ଅପମାନିତ କରାଯାଉଥିବା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି। ସ୍ମୃତି କହିଛନ୍ତି, ଏହା କ'ଣ ବିଜେଡିର ମା'ଙ୍କୁ ସମ୍ମାନ । ଦଳ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେଡି ଆଇଟି ସେଲ୍ କାର୍ଯ୍ୟକର୍ତ୍ତାମାନେ ଅପଶବ୍ଦ ଏବଂ ଅଭଦ୍ର ଭାଷା ପ୍ରୟୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀ ସବୁ ଜାଣି ମଧ୍ୟ ଏହାକୁ କିପରି ପ୍ରୋତ୍ସାହନ ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡିର ଆଇଟି ସେଲ୍ ଦ୍ୱାରା ଲେଖାଶ୍ରୀଙ୍କ ପ୍ରସଙ୍ଗରେ ବିଭିନ୍ନ ସମୟରେ ଅଶାଳୀନ ଓ ଅଭଦ୍ର ଭାଷା ପ୍ରୟୋଗ କରି ସାମାଜିକ ଗଣମାଧ୍ୟମରେ ପ୍ରକାଶ କରୁଛନ୍ତି । ଆମେ ଏହାକୁ ନେଇ ସାଇବର ଥାନାରେ ଜୁନ୍ ୩୦ରେ ମାମଲା ରୁଜୁ ସହ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲୁ। ପୋଲିସ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

## ଖେଳ ଖବର

## ୟୁରୋକପ୍ ଫାଇନାଲରେ ଇଟାଲୀ

ଲଣ୍ଡନ,୭।୭

ଇଟାଲୀ ୟୁରୋକପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ସ୍ଥାନୀୟ ୱେମ୍ବଲି ଷ୍ଟାଡିୟମରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲ ମୁକାବିଲାରେ ଇଟାଲୀ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ସ୍ପେନ୍‌କୁ ୪-୨ ବ୍ୟବଧାନରେ ହରାଇ ଫାଇନାଲ ଟିକେଟ ହାସଲ କରିଛି। ଏବେ ରବିବାର ଫାଇନାଲ ମ୍ୟାଚ୍‌ରେ ଇଟାଲୀ ଦ୍ୱିତୀୟ ସେମିଫାଇନାଲ ବିଜେତା ଇଂଲଣ୍ଡ କିମ୍ବା ଡେନ୍‌ମାର୍କକୁ ଭେଟିବ। ବୁଧବାର ବିଳମ୍ବିତ ରାତିରେ ୱେମ୍ବଲିରେ ଏହି ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ।

ସ୍ପେନ୍ ଓ ଇଟାଲୀ ପରସ୍ପରକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ନିର୍ଦ୍ଧାରିତ ସମୟ ଶେଷ ହେବା ବେଳକୁ ଉଭୟ ଦଳ ତରଫରୁ ଗୋଟିଏ ଲେଖାଏ ଗୋଲ ସ୍କୋର ହୋଇଥିଲା। ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ସ୍ପେନ୍ କିନ୍ତୁ ଅଧିକ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଇଟାଲୀ ଅପେକ୍ଷା ସ୍ପେନ୍ ପାଖାପାଖି ଦୁଇଗୁଣା ଅଧିକ ସମୟ ବଲ୍ ନିଜ ପାଖରେ ରଖିଥିଲା। ସ୍ପେନ୍ ଦୁଇଗୁଣାରୁ ଅଧିକ ପାସ୍ ପ୍ରଦାନ କରିଥିଲା। ପାସ୍ ଆକ୍ୟୁରେସିରେ ମଧ୍ୟ ସ୍ପେନ୍ ଯଥେଷ୍ଟ ଆଗରେ ଥିଲା। ତେବେ ୬୦ତମ ମିନିଟ୍‌ରେ ଇଟାଲୀର ଫେଡେରିକୋ କିଏସା ମ୍ୟାଚ୍‌ର ପ୍ରଥମ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ୮୦ତମ ମିନିଟ୍‌ରେ ସ୍ପେନ୍‌ର ଅଲଭାରୋ ମୋରାଟା ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟରେ ଆଉ ଅଧିକ ଗୋଲ ସ୍କୋର ନ ହେବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା।

ଏହାପରେ ଅତିରିକ୍ତ ସମୟର ଖେଳ ହୋଇଥିଲା। ତେବେ କୌଣସି ଫଳାଫଳ ମିଳି ନ ଥିଲା। ଫଳାଫଳ ନିର୍ଣ୍ଣୟ କରିବାକୁ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଇଟାଲୀ ୪-୨ରେ ବାଜି ମାରିଥିଲା। ପେନାଲ୍ଟିରେ ଇଟାଲୀ ତରଫରୁ ଆଣ୍ଡ୍ରିଆ ବେଲୋତି, ଲିଓନାଡ୍ରୋ ବେନୁଚି, ଫେଡାରିକୋ ବର୍ନଡିସ୍କି ଓ ଜର୍ଜିନୋ ଗୋଲ ସ୍କୋର କରିଥିଲେ। ତେବେ ଇଟାଲୀ ପାଇଁ ମାନୁଏଲ ଲୋକାଟେଲି ଗୋଲ କରିବାରେ ବିଫଳ ହୋଇଥିଲେ। ଅନ୍ୟପଟେ ସ୍ପେନ୍ ତରଫରୁ ଜେରାର୍ଡ ମୋରିନୋ ଓ ଥିଆଗୋ ଅଲକାନ୍ତ୍ରା ଗୋଲ ଦେଇଥିବା ବେଳେ ଡାନି ଓଲମୋ ଓ ଅଲଭାରୋ ମୋରାଟା ଗୋଲ ଦେଇପାରି ନ ଥିଲେ।

ଏଥର ଇଟାଲୀ ସଫଳ ହେଲେ ଦ୍ୱିତୀୟ ୟୁରୋକପ୍ ଟାଇଟଲ ହାସଲ କରିବ। ଟାଇଟଲ ହାସଲରୁ ଇଟାଲୀ ଗୋଟିଏ ପାଦ ଦୂରରେ ରହିଛି। ୯ ବର୍ଷ ପରେ ଇଟାଲୀ ୟୁରୋ ଫାଇନାଲରେ ପ୍ରବେଶ କରିଛି। ୨୦୧୨ ଫାଇନାଲରେ ସ୍ପେନ୍‌ଠାରୁ ଇଟାଲୀ ପରାସ୍ତ ହୋଇଥିଲା। ଇଟାଲୀ ଦଶମଥର କୌଣସି ମେଜର ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ତେବେ ଜର୍ମାନୀ ସର୍ବାଧିକ ୧୪ଥର କୌଣସି ମେଜର ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଛି। ଏଥିସହ କ୍ରମାଗତ ୩୩ଟି ମ୍ୟାଚ୍‌ରେ ଇଟାଲୀ ଅପରାଜେୟ ରହି ରେକର୍ଡ କରିଛି। ଚତୁର୍ଥଥର ପାଇଁ ଇଟାଲୀ ୟୁରୋ ଫାଇନାଲ ଖେଳିବ। ୧୯୬୮ରେ ଇଟାଲୀ ଶେଷ ଥର ପାଇଁ ୟୁରୋକପ୍ ଟାଇଟଲ ହାସଲ କରିଥିଲା। ତେବେ ଦଳ ଆଶ୍ଚର୍ଯ୍ୟଜନକ ଭାବେ ୨୦୧୮ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲା।



ସେମିଫାଇନାଲରେ ସ୍ପେନ୍‌କୁ ହରାଇବା ପରେ ଇଟାଲୀ ଖେଳାଳି।

## ଦୁଇଟି ଗୁରୁତ୍ୱପୂର୍ଣ୍ଣ ଚେସ୍ ଟୁର୍ନାମେଣ୍ଟରେ ଭାଗନେବେ ପ୍ରତ୍ୟାଶା



ଭୁବନେଶ୍ୱର, ୭।୭
(କ୍ରୀଡ଼ା ପ୍ରତିନିଧି)

ଜାତୀୟ ୧୦ ବର୍ଷରୁ କମ୍ ଅନ୍‌ଲାଇନ୍ ଚେସ୍‌ର ବାଳିକା ବର୍ଗରେ ୬ଷ୍ଠ ସ୍ଥାନ ଅଧିକାର କରି ଓଡ଼ିଶାର ପ୍ରତ୍ୟାଶା ଜେନା ବିଶ୍ୱ କ୍ୟାଡେଟ୍ସ ଏବଂ ୟୁଥ୍ ଅନ୍‌ଲାଇନ୍ ର୍‍ୟାପିଡ୍ ଚେସ୍‌ରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତୀୟ ଚେସ୍ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୩୩୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩୫ ଜଣ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ରେଟେଡ ଖେଳାଳି ଥିବାବେଳେ ପ୍ରତ୍ୟାଶାଙ୍କୁ ୨୬ତମ ସିଡ୍‌ର ମାନ୍ୟତା ମିଳିଥିଲା। ମୋଟ ୧୧ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରୁ ୯ ପଏଣ୍ଟ ହାସଲ କରି ପ୍ରତ୍ୟାଶା ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। କଟକର ସେଣ୍ଟ ଜୋସେଫ ବାଳିକା ଉଚ୍ଚବିଦ୍ୟାଳୟର ୫ମ ଷ୍ଟାଣ୍ଡାର୍ଡରେ ପଢୁଥିବା ପ୍ରତ୍ୟାଶା ଚଳିତ ବର୍ଷ ୧୦ ବର୍ଷରୁ କମ୍ ରାଜ୍ୟ ଚେସ୍‌ର ବାଳିକା ବର୍ଗରେ ଚାମ୍ପିୟନ ହୋଇଥିଲେ। ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସଫଳତା ପାଇଁ କଟକ ଜିଲା ଚେସ୍ ଆସୋସିଏସନର ସମସ୍ତ କର୍ମକର୍ତ୍ତା ତାଙ୍କୁ ଶୁଭକାମନା ଜଣାଇଛନ୍ତି।

## ଆମେରିକା ଅଲିମ୍ପିକ୍ସ ଟିମ୍‌ରୁ ରିଚାର୍ଡସନ ବାଦ୍

ୱାଶିଂଟନ, ୭।୭ (ଏପି)

ବାସନ୍ଦ ହୋଇଥିବା ତାରକା ଧାବିକା ଶା'କେରୀ ରିଚାର୍ଡଶନ ଆମେରିକା ଟ୍ରାକ୍ ଆଣ୍ଡ ଫିଲ୍ଡ ଅଲିମ୍ପିକ ଟିମ୍‌ରୁ ବାଦ୍ ପଡିଛନ୍ତି। ଫଳରେ ସେ ଟୋକିଓ ଅଲିମ୍ପିକ୍ସରେ ଆମେରିକା ରିଲେ ଦଳରୁ ପ୍ରତିନିଧିତ୍ୱ ନ କରିବା ସ୍ପଷ୍ଟ ହୋଇଛି। ସେ ମଧ୍ୟ ୧୦୦ ମିଟର ବ୍ୟକ୍ତିଗତ ରେସ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ। ନିଷିଦ୍ଧ ମାରିଜୁଆନା କାରଣରୁ ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ସେ ଏଭଳି ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଡୋପିଂ କାରଣରୁ ସେ ୟୁଗେନ, ଓରେଗନରେ ଗତମାସରେ ଅନୁଷ୍ଠିତ ଟ୍ରାଏଲରେ ଅଂଶଗ୍ରହଣ କରିପାରି ନ ଥିଲେ। ଫଳରେ ସେ ୧୦୦ ମିଟର ଦୌଡ ଇଭେଣ୍ଟରୁ ମଧ୍ୟ ବଞ୍ଚିତ ହେବେ।

ତାଙ୍କୁ ୩୦ ଦିନ ପାଇଁ ବାସନ୍ଦ କରାଯାଇଥିଲା। ତେବେ ଏହି ବାସନ୍ଦ ଅବଧି ରିଲେ ରେସ୍ ଆରମ୍ଭ ହେବା ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୫ ତାରିଖରେ ଶେଷ ହେବାର ଥିଲା। ସେ ମଧ୍ୟ ରିଲେ ରେସ୍‌ରେ ଅଂଶଗ୍ରହଣ କରିବାରେ କୌଣସି ସମସ୍ୟା ନ ଥିଲା। କିନ୍ତୁ ସେ ଆମେରିକା ଟ୍ରାକ୍ ଆଣ୍ଡ ଫିଲ୍ଡର ୧୩୦ ଜଣିଆ ରୋଷ୍ଟର ତାଲିକାରୁ ବାଦ୍ ପଡିଛନ୍ତି। ଫଳରେ ୨୧ ବର୍ଷୀୟା ରିଚାର୍ଡସନ ରିଲେ ରେସ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ। ସେ ଅଲିମ୍ପିକ୍ସରେ ୧୦୦ ମିଟର ସ୍ୱର୍ଣ୍ଣ ପଦକ ହାସଲ କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଏବେ ସେ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେବା ନିଶ୍ଚିତ ହୋଇଛି। ଏହି ସ୍ଥିତି ପାଇଁ ରିଚାର୍ଡସନଙ୍କ ପାଇଁ ଆମେରିକା ଟ୍ରାକ୍ ଆଣ୍ଡ ଫିଲ୍ଡ ତରଫରୁ ସମବେଦନା ଜଣାଯାଇଛି। ମାରିଜୁଆନା ନେଇ ଥିବା ନିୟମର ପୁନର୍ବିଚାର କରିବାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି। ରିଲେ ରେସ୍ ପାଇଁ ବାକିଥିବା ସ୍ଥାନଗୁଡିକରେ ଷଷ୍ଠ ଓ ସପ୍ତମ ସ୍ଥାନ ଅଧିକାର କରିଥିବା ଆଥ୍‌ଲେଟଙ୍କୁ ସ୍ଥାନ ମିଳିବ।

ଜୁନ୍ ୧୯ ତାରିଖରେ ରିଚାର୍ଡସନ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ମା'ଙ୍କ ଦେହାନ୍ତ ଓ ପ୍ରସ୍ତୁତି ପାଇଁ ସେ ପ୍ରବଳ ଚାପର ସମ୍ମୁଖୀନ ହୋଇଥିଲେ। ଫଳରେ ସେ ଡ୍ରଗ୍ସର ସହାୟତା ନେଇଥିଲେ। ଏହା ଏବେ ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ପ୍ରତିଯୋଗିତା ଠିକ୍ ପୂର୍ବରୁ ମାରିଜୁଆନା ବ୍ୟବହାର କରିଥିଲେ ଦଣ୍ଡ ସାମାନ୍ୟ କୋହଳ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ୨ ବର୍ଷ ବଦଳରେ ୩୦ ଦିନ ପାଇଁ ରିଚାର୍ଡସନଙ୍କୁ ବାସନ୍ଦ କରାଯାଇଥିଲା।




## କ୍ୱାର୍ଟରରୁ ଫେଡରରଙ୍କ ଅଭିଯାନ ଶେଷ

ଲଣ୍ଡନ, ୭।୭

ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର କ୍ୱାର୍ଟର ଫାଇନାଲରୁ ସୁଇଜରଲାଣ୍ଡର ରୋଜର ଫେଡରରଙ୍କ ଅଭିଯାନ ଶେଷ ହୋଇଛି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସେ ପୋଲାଣ୍ଡର ହୁବର୍ଟ ହୁରକାଜ୍‌ଙ୍କ ନିକଟରୁ୩-୬, ୬-୭(୪/୭), ୦-୬ ସେଟ୍‌ରେ ହାରି ଯାଇଛନ୍ତି। ସର୍ବିଆର ନୋଭାକ୍ ଜୋକୋଭିଚ୍ ଓ କାନାଡ଼ାର ଡେନିସ ଶାପୋଭାଲୋଭ କିନ୍ତୁ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍ ୬-୩, ୬-୪, ୬-୪ ସେଟ୍‌ରେ ମାର୍ଟନ ଫୁକ୍‌ସୋଭିକ୍ସଙ୍କୁ ପରାସ୍ତ କରିଛନ୍ତି। ସେହିପରି ଶାପୋଭାଲୋଭ ୫ ସେଟ୍ ବିଶିଷ୍ଟ ମୁକାବିଲାରେ ୬-୪, ୩-୬, ୫-୭, ୬-୧, ୬-୪ ସେଟ୍‌ରେ କରେନ ଖାଚାନୋଭଙ୍କୁ ହରାଇ ଦେଇଛନ୍ତି। ମିକ୍ସଡ ଡବଲ୍ସରେ ଭାରତର ସାନିଆ ମିର୍ଜା ଓ ରୋହନ ବୋପାନ୍ନା ଯୋଡ଼ି ରାଉଣ୍ଡ ଅଫ୍ ୧୬ରୁ ବିଦାୟ ନେଇଛନ୍ତି। ସାନିଆ ବୋପାନ୍ନା ଯୋଡ଼ିଙ୍କୁ ଆନ୍ଦ୍ରେଜା କ୍ଲେପାକ ଓ ଜନ୍ ଜୁଲିଏନ ରୋଜର ଯୋଡ଼ି ୬-୩, ୩-୬, ୧୧-୯ ସେଟ୍‌ରେ ପରାସ୍ତ କରିଛନ୍ତି।



ନୋଭାକ୍ ଜୋକୋଭିଚ୍

## ହକି କିମ୍ବଦନ୍ତୀ କେଶବ ଦତ୍ତଙ୍କ ପରଲୋକ

ନୂଆଦିଲ୍ଲୀ, ୭।୭(ପି.ଟି.)

ଦୁଇଥର ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ଦଳର ସଦସ୍ୟ ହକି କିମ୍ବଦନ୍ତୀ କେଶବ ଦତ୍ତଙ୍କର ବୁଧବାର ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ କାରଣରୁ ମୃତ୍ୟୁ ବରଣ କରିଥିବା କେଶବଙ୍କୁ ୯୫ ବର୍ଷ ହୋଇଥିଲା। ତାଙ୍କ ସ୍ତ୍ରୀ, ୨ ପୁଅ ଏବଂ ଝିଅ ବିଦେଶରେ ରହୁଛନ୍ତି। କୋଲକାତାସ୍ଥିତ ସନ୍ତୋଷପୁରରେ ଏକାକୀ ରହୁଥିବା କେଶବଙ୍କର ନିଜ ବାସଭବନରେ ଅପରାହ୍ନ ୧୨ଟା ୩୦ରେ ପରଲୋକ ଘଟିଥିଲା। "ଆମ ପରିବାର ପାଇଁ ଅତ୍ୟନ୍ତ ଦୁଃଖ ସମୟ। ବର୍ଷରେ ମୁଁ ୩-୪ ଥର ତାଙ୍କ ନିକଟକୁ ଯାଇଥାଏ, ମାତ୍ର କରୋନା ମହାମାରୀ ପାଇଁ ୨୦୧୯ ପରଠାରୁ ତାଙ୍କୁ ଆଉ ଦେଖି ପାରିନାହିଁ" ବୋଲି ସମ୍ପ୍ରତି କୋପେନହାଗେନରେ ରହୁଥିବା ତାଙ୍କ ଝିଅ ଅଞ୍ଜଳି କେଶବ ପୌଲସେନ ପ୍ରକାଶ କରିଛନ୍ତି। ୧୯୨୫ ଡିସେମ୍ବର ୨୯ରେ ଜନ୍ମଗ୍ରହଣ କରିଥିବା କେଶବ ଭାରତୀୟ ହକିର ସୁବର୍ଣ୍ଣ ଯୁଗର ଅଂଶୀଦାର ଥିଲେ। ସେ ଜଣେ ଦକ୍ଷ ହାଫ୍-ବ୍ୟାକ୍‌ଭାବେ ପରିଚିତ ଥିଲେ। ଲଣ୍ଡନର ୱେମ୍ବଲି ଷ୍ଟାଡିୟମରେ ଅନୁଷ୍ଠିତ ୧୯୪୮ ଅଲିମ୍ପିକ୍ସର ଫାଇନାଲରେ ଘରୋଇ ବ୍ରିଟେନ ଦଳକୁ ୪-୦ ଗୋଲରେ ହରାଇ ଭାରତୀୟ ଦଳ ସ୍ୱାଧୀନତା ପରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲା। ସେ ଏହି ଦଳର ସଦସ୍ୟ ଥିଲେ। ୧୯୪୮ ପୂର୍ବରୁ ସେ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ ୧୯୪୭ରେ ଇଷ୍ଟ ଆଫ୍ରିକା ଯାତ୍ରା କରିଥିଲେ। ୧୯୫୨ ହେଲସିଙ୍କି ଗେମ୍ସର ଫାଇନାଲରେ ନେଦରଲାଣ୍ଡସ୍‌କୁ ୬-୧ ଗୋଲରେ ହରାଇ କ୍ରମାଗତ ୫ଥର ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳ ପକ୍ଷରୁ ସେ ପ୍ରତିନିଧିତ୍ୱ କରିଥିଲେ।

୧୯୪୮ ଓ ୧୯୫୨ ଅଲିମ୍ପିକ୍ସ ଖେଳିଥିବା ଭାରତୀୟ ଦଳର ସଦସ୍ୟଭାବେ କେଶବ ଏକମାତ୍ର ଜୀବିତ ଥିଲେ। ତାଙ୍କ ମୃତ୍ୟୁରେ ଏକ ଯୁଗର ଅବସାନ ଘଟିଲା ବୋଲି ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ୍ ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଶୋକ ପ୍ରକାଶ କରିଛନ୍ତି।



**ମହିଳାଙ୍କୁ ବଳାତ୍କାର ଅଭିଯୋଗ**

ମାଲକାନଗିରି/ଏମ୍‌ଭି ୭୯,(ଡି.ଏନ.ଏ.): କାଲିମେଳା ବ୍ଲକ ଏମ୍‌ଭି- ୭୯ ଥାନା ଅନ୍ତର୍ଗତ ଏମ୍‌ଭି-୭୨ ଗ୍ରାମର ଜଣେ ମହିଳାଙ୍କୁ ଘରେ ଏକାକୀ ଥିବାବେଳେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳା ଜଣକ ଗତ ୫ରେ ଘରେ ନିଜ ୫ମାସର ଶିଶୁ ସହ ଥିବା ବେଳେ ଏମ୍‌ପିଭି- ୩୭ ଗ୍ରାମର ପ୍ରବାସ ମଣ୍ଡଳ ତାଙ୍କ ଘରକୁ ଯାଇ ଘରେ ଅନ୍ୟ କେହି ନ ଥିବା ସୁଯୋଗରେ ମହିଳା ଜଣକୁ ବଳାତ୍କାର କରିଥିଲେ। ଏ ବିଷୟରେ ବାହାରେ କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକଦେଇ ଚାଲି ଆସିଥିଲେ। ପୀଡ଼ିତା ଜଣକ ହାଇଦ୍ରାବାଦରେ ତାଙ୍କ ସ୍ୱାମୀଙ୍କୁ ଏ ବିଷୟରେ ଜଣାଇଥିଲେ। ସେ ହାଇଦ୍ରାବାଦରୁ ଗ୍ରାମକୁ ଆସିବା ପରେ ବୁଧବାର ଏମ୍‌ଭି- ୭୯ ଥାନାରେ ଏତଲା ଦେଇଛନ୍ତି। କେସ୍ ନଂ.୫୪/୨୧।

## ସଂକ୍ଷେପରେ

### ବଜ୍ରପାତରେ ଭଉଣୀ ମୃତ, ଭାଇ ଗୁରୁତର

କୋରାପୁଟ/ନାରାୟଣପାଟଣା, ୭/୭ (ସ୍ୱ.ପ୍ର./ଡି.ଏନ୍.ଏ.): କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ପାଟିଙ୍ଗି ଗ୍ରାମରେ ବୁଧବାର ବଜ୍ରପାତରେ ଭଉଣୀଙ୍କ ମୃତ୍ୟୁ ହୋଇଥିବାବେଳେ ଭାଇ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଉଭୟେ ଗ୍ରାମର ଲେଙ୍ଗୁ ମାଣ୍ଡିଙ୍ଗଙ୍କ ଝିଅପୁଅ ବୋଲି ଜଣାପଡ଼ିଛି। ଖବରରୁ ଜଣାପଡିଛି ବୁଧବାର ଲେଙ୍ଗୁ ଓ ତାଙ୍କ ସ୍ତ୍ରୀ ଡଙ୍ଗରରେ ଚାଷ କରୁଥିବାବେଳେ ତାଙ୍କ ଝିଅ ଅଞ୍ଜଳି (୯), ପୁଅ ମନୋଜ (୫) ଜମି କଡ଼ରେ ଥିବା ଏକ କୁଡ଼ିଆଘରେ ରହିଥିଲେ। ଅପରାହ୍ନ ୩ଟାବେଳେ ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଅଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା, ମନୋଜ ଗୁରୁତର ହୋଇଥିଲେ। ତାଙ୍କୁ ଗ୍ରାମବାସୀଙ୍କ ସହାୟତାରେ ନାରାୟଣପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିବା ଡାକ୍ତର ଲକ୍ଷ୍ମୀନାରାୟଣ ନାୟକ କହିଛନ୍ତି। ଖବରପାଇ ନାରାୟଣପାଟଣା ଥାନା ଅଧିକାରୀ ରଞ୍ଜିତ ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କୁ ପଚରାଉଚରା କରି ସ୍ୱାସ୍ଥ୍ୟକେନ୍ଦ୍ର ଆସି ଗୁରୁତର ଥିବା ମନୋଜଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅନୁଧ୍ୟାନକରି ଫେରିଛନ୍ତି।

### ସଚେତନତା ରଥ ଉଦ୍‌ଘାଟିତ



ଦାମନଯୋଡ଼ି,୭।୭(ଡି.ଏନ୍.ଏ.): କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ୨୦୨୧ ପାଳନ ଅବସରରେ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁମନ କୁମାର ଟପ୍ପୋ ଏହାକୁ ଉଦ୍‌ଘାଟନ କରିଥିଲେ। ଜୁଲାଇ ୧୦ ପର୍ଯ୍ୟନ୍ତ ଏହି ରଥ ବ୍ଲକର ବିଭିନ୍ନ ଗ୍ରାମରେ ପରିବାର ନିୟୋଜନ ପାଇଁ ଥିବା ସରକାରୀ ସୁବିଧା ଓ ପଦ୍ଧତି ନେଇ ଲୋକଙ୍କୁ ସଚେତନ କରିବ। ଆଶା କର୍ମୀ ମଧ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବେ। ଏହି ଅବସରରେ ବିପିଏମ୍ ନୂତନ ସିଂ, ପିଏଚ୍‌ଇଓ ମକର ଜାନି, ସୁପରଭାଇଜର ରାଧିକା ସୋରେନ, ସ୍ୱାସ୍ଥ୍ୟକର୍ମୀ କ୍ଷୀରପ୍ରଭା ସେଠୀ,ରାଜଲକ୍ଷ୍ମୀ ସାହୁ, ସୁଶାନ୍ତ କୁମାର ଭଞ୍ଜ,ଆଶାସାଥୀ ଚମ୍ପକଲତା ବାରିକ ଉପସ୍ଥିତ ଥିଲେ।

### ସ୍କୁଲରେ ଲାଗିଲା ୧୦୦ ଚାରା

କୋଡିଙ୍ଗା, ୭।୭(ଡି.ଏନ୍.ଏ.): ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡିଙ୍ଗା ରାଜଚାଉଁରିଆ ଉଚ୍ଚ ମାଧ୍ୟମିକ ସ୍କୁଲରେ ବନ ମହୋତ୍ସବ ପାଳନ କରାଯାଇଛି। ତହସିଲଦାର ଶିବ ପ୍ରସାଦ ମହାପାତ୍ର, ଥାନାଧିକାରୀ ସରିତା ମହାପାତ୍ର ଅତିଥିଭାବେ ଉପସ୍ଥିତ ଥିଲେ। ସ୍କୁଲର ରେଡକ୍ରସ ଅଧିକାରୀ ଅଖିଳ ଭଞ୍ଜ, ବନପାଳ ପ୍ରଶାନ୍ତ ପାଢ଼ି ଏହାକୁ ପରିଚାଳନା କରିଥିଲେ। ଏଥିରେ ୧୦୦ ଚାରା ଲଗାଯାଇଥିଲା। ରେଞ୍ଜର ଆଶିଷ କହଁର, କଲେଜ ଉପାଧ୍ୟକ୍ଷ ବିବେକ ମହାଲିକ, ଏସ୍ଆଇ ପ୍ରଶାନ୍ତ ସେଠି, ବନରକ୍ଷୀ ପ୍ରଭାତ ବିଷୋୟୀ, ଦୀପକ ପ୍ରଧାନ, ରଶ୍ମିତା ତ୍ରିପାଠୀ, ଏ.ଜେ.ଆୟର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଗୁମୁଡ଼ା ବନପାଳ ଡି.ଉମେଶ୍ୱର ନାଇଡୁ, ସରପଞ୍ଚ ସମିତି ସଭ୍ୟ ଏବଂ ୱାର୍ଡମେମ୍ବର ଉପସ୍ଥିତ ଥିଲେ।

# ସମବାୟ ସମିତିରେ ଅନିୟମିତତା ଅଭିଯୋଗ

ଜୟପୁର, ୭।୭ (ନି.ପ୍ର.)

**କର୍ମଚାରୀ ପ୍ରଶାସନର ଦ୍ୱାରସ୍ଥ**

- ୨୦୧୪-୧୫ରୁ ୨୦୧୬-୧୭ ମଧ୍ୟରେ ହୋଇଛି ଅର୍ଥ ବାଟମାରଣା
- ୧୫ ମାସ ହେଲା କର୍ମଚାରୀ ଦରମା ପାଇନାହାନ୍ତି
- ଲିଖିତ ପ୍ରତିଶ୍ରୁତି ଦେଇ ଫେରାଇନାହାନ୍ତି



ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା କର୍ମଚାରୀ।

ଜୟପୁର ସହରରେ ଥିବା ଲାଇଫ ଲାଇନ ସମବାୟ ସମିତିରେ ଅର୍ଥ ତୋସରପାତ ଅଭିଯୋଗ କରି ବୁଧବାର କର୍ମଚାରୀମାନେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଜିଲାପାଳଙ୍କ ଉଦ୍ଦେଶ୍ୟରେ ସେମାନେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଲାଇଫଲାଇନ ସମବାୟ ସମିତିର କର୍ମଚାରୀ ଓ ଜମାକାରୀମାନେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ବିଗତ ବର୍ଷରେ ସୋସାଇଟିର ଆର୍ଥିକ ପରିଚାଳନାରେ ତୋସରପାତ କରାଯାଇଛି। ପୂର୍ବରୁ ସୋସାଇଟିର ସଭାପତିଙ୍କ ସହ ପରିଚାଳକ ମଣ୍ଡଳୀର ଖାମଖିଆଲି ମନୋଭାବ ଯୋଗୁ ସଂସ୍ଥାର ଆର୍ଥିକ ସ୍ଥିତି ବିଗିଡ଼ିଯାଇଛି। ଏସବୁ ପାଇଁ ପୂର୍ବତନ ସମ୍ପାଦକ ଦାୟୀ ବୋଲି କର୍ମଚାରୀମାନେ କହିଛନ୍ତି। ୨୦୧୪-୧୫ରୁ ୨୦୧୬-୧୭ ମଧ୍ୟରେ ସୋସାଇଟିର ଅର୍ଥ ବାଟମାରଣା ହୋଇଛି। ସେ ସମୟରେ ସମ୍ପାଦକ ଆର୍ଥିକ ପରିଚାଳନାରେ ଅନିୟମିତତା କରିଛନ୍ତି। ଏ ସମ୍ପର୍କରେ ଆର୍‌ସିଏସ୍‌ଙ୍କୁ ମଧ୍ୟ ଅବଗତ କରାଯାଇଛି । ବର୍ତ୍ତମାନ ଅଶୋକ ଭଞ୍ଜମିଶ୍ର ଲାଇଫଲାଇନର ପ୍ରଶାସକ ଭାବେ କାର୍ଯ୍ୟ କରୁଛନ୍ତି । ତୋସରପାତକାରୀ ମାନେ ଆତ୍ମସାତ୍ କରିଥିବା ଏଆର୍‌ସିଏସ୍ କାର୍ଯ୍ୟାଳୟରେ ଏସ୍ଆର୍‌ସିଏସ୍‌ଙ୍କ ଉପସ୍ଥିତିରେ ମାନିଥିଲେ। ଏହି ଟଙ୍କା ଫେରାଇବାକୁ ଲିଖିତ ଆକାରରେ ସମ୍ମତି ଦେଇଥିଲେ। ମାତ୍ର ଦୀର୍ଘ ମାସ ବିତିଯାଇଥିଲେ ମଧ ସେମାନେ ଟଙ୍କା ଫେରାଇନାହାନ୍ତି। ଏନେଇ ଆର୍‌ସିଏସ୍‌ଙ୍କ ତରଫରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ଆର୍ଥିକ ଅନିୟମିତତା ଯୋଗୁ ସୋସାଇଟିରେ ଜମା କରିଥିବା ଜମାକାରୀ ସଦସ୍ୟଙ୍କ ଜମା ରାଶି ଫେରସ୍ତ ପାଇବାରେ ବିଳମ୍ବ ହୋଇଛି। ଏପରିକି କର୍ମଚାରୀମାନେ ଦୀର୍ଘ ୧୫ ମାସ ହେବ ଦରମା ପାଇନାହାନ୍ତି ବୋଲି ପ୍ରକାଶ କରି ଏହି ଅନିୟମିତତାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି । ଏହାର ନକଲ ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ଉପଜିଲାପାଳ, ଏସ୍‌ପି, ଭିଜିଲାନ୍ସ ଜୟପୁର, ଡିଆଇଜି, ଭିଜିଲାନ୍ସ କଟକ, ଏସ୍‌ପି କୋରାପୁଟଙ୍କ ନିକଟକୁ ମଧ ପଠାଯାଇଥିବା କର୍ମଚାରୀ ବିଜୟ ତ୍ରିପାଠୀ, ନବୀନ ପାତ୍ର, ସତ୍ୟନାରାୟଣ ପାଢ଼ଦଶି, ବି. ନରେନ୍ଦ୍ର କୁମାର, କାଳିକୃଷ୍ଣ ପାଣିଗ୍ରାହୀ, ସଙ୍ଗୀତା ପାଢ଼ଦଶି ପ୍ରମୁଖ ସୂଚନା ଦେଇଛନ୍ତି।

# ୪୫ଫୁଟ ବ୍ରିଜ୍ ତଳକୁ ଖସି ପଡ଼ିଲେ ଝିଅ, ବାପା ଗୁରୁତର

ସେମିଳିଗୁଡା, ୭।୭(ସ୍ୱ.ପ୍ର.)

**ଅଟୋ-ବାଇକ୍ ମୁହାଁମୁହିଁ**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ମାଳିବେଲେଗାଁ ପଞ୍ଚାୟତ କୁତୁପୁଟ ଗ୍ରାମର ମହାଦେବ ନାୟକ ସେମିଳିଗୁଡା ମହାବିଦ୍ୟାଳୟରେ ଝିଅ ଦିବ୍ୟା ନାୟକଙ୍କ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଆଡିମିଶନ ସାରି ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ପିତାପୁଟଠାରେ ଏକ ଅଟୋ (ଓଡି ୧୦ ଏନ-୪୧୯୭) ସହ ତାଙ୍କ ବାଇକ୍ (ଓଆର ୧୦ ସି-୬୧୮୬) ମୁହାଁମୁହିଁ ହେବାରୁ ମହାଦେବ ରାସ୍ତାକଡକୁ ଛିଟିକି ପଡିଥିବା ବେଳେ ଝିଅ ଦିବ୍ୟା ନିକଟରେ ଥିବା ଏକ ବ୍ରିଜର ୪୫ ଫୁଟ ତଳେ ଯାଇ ପଡିଥିଲେ। ପରେ କେତେକ ଗ୍ରାମବାସୀ ବାପା ଓ ଝିଅଙ୍କୁ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇ ଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ନନ୍ଦପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋ ଓ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ



କାଳିମେଳାର ଏକ ବିଦ୍ୟାଳୟରେ ଚାଲିଥିବା ଚାରାରୋପଣ କାର୍ଯ୍ୟକ୍ରମ।

କୋରାପୁଟ/ କାଳିମେଳା/ଏମ୍‌ଭି-୭୯, ୭।୭(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ବନାଞ୍ଚଳର ଉପଖଣ୍ଡ ପକ୍ଷରୁ କୋରାପୁଟ ବ୍ଲକର ଦେବୀଘାଟ ପଞ୍ଚାୟତର ଧଉଡାପଦର ଗ୍ରାମରେ ବୁଧବାର ବନମହୋତ୍ସବ ହୋଇଯାଇଛି । ଏଥିରେ ଏସିଏଫ ସୁବାଷ ଚନ୍ଦ୍ର ଖଣ୍ଟିଆ, ରେଞ୍ଜ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁ ଉପସ୍ଥିତ ରହି ଏହି ବନମହୋତ୍ସବ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ବିଜେଡି ନେତା ରମାକାନ୍ତ ରାଉଳ, ଜିଲା ଉପସଭାପତି ଉତ୍କଳ ରଞ୍ଜନ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । କାଳିମେଳା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗମ୍ପାକୁଣ୍ଡା ପଞ୍ଚାୟତ ମାଙ୍ଗିପାଲି ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଇଓ ରମେଶ ବାରୋଇଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବିଡିଓ ଉମାଶଙ୍କର ଦଳାଇ, ମୁଖ୍ୟବକ୍ତା ତହସିଲଦାର ଦୁର୍ଗାପ୍ରସାଦ ଦୋରା, ଅନ୍ୟତମ ବକ୍ତା ଭାବେ ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଳେଇ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ସମ୍ମାନିତ ଅତିଥି ଭାବେ ଏବିଇଓ ଅସ୍ତ୍ରୀ ମିସ୍ତ୍ରି, ଚିନ୍ତା ହରଣ ମଧୁ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଧ୍ରୁବଚରଣ ନାୟକ, ଶିକ୍ଷକ ନବକିଶୋର ମଲ୍ଲିକ ଯୋଗଦେଇଥିଲେ। ଏଥିସହ ଏମ୍‌ପିଭି-୨୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ ଏହି ବନ ଉତ୍ସବ ପାଳିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ହାଲ୍‌ଦାର ଏବଂ କାଙ୍ଗୁରୁକୋଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜସ୍ମିତା ମହାନ୍ତି, ଏମ୍‌ଭି-୬୬ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମୀର ଗୋପଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏମଭି-୭୯ଠାରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ରେଞ୍ଜର ବଳରାମ ନାୟକଙ୍କ ନେତୃତ୍ୱରେ ବନ କାର୍ଯ୍ୟାଳୟଠାରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି। ଏଥିରେ ୭୬ ବାଟଲିୟନ କର୍ମଚାରୀମାନେ ମଧ ଯୋଗ ଦେଇଥିଲେ। ଆଜି ପୃଥିବୀ ରେ ବଢୁଥିବା ତାପମାତ୍ରା ଏବଂ ପ୍ରତିକୂଳ ପରିବେଶ ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ବିକଳ୍ପ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ।

# ତୈଳ ଦର ବୃଦ୍ଧିର ପ୍ରତିବାଦ

କୁନ୍ଦୁରା/ସେମିଳିଗୁଡା/ଦଶମନ୍ତପୁର, ୭।୭ (ଡି.ଏନ.ଏ./ସ୍ୱ.ପ୍ର.)

ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ କୋରାପୁଟ ଜିଲା କୁନ୍ଦୁରା ବ୍ଲକ କଂଗ୍ରେସ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ଲାକାର୍ଡ ଧରି ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାରମ୍ବାର ତୈଳ ଦର ବୃଦ୍ଧି କରି ସାଧାରଣ ଖାଉଟିଙ୍କ ମୁଣ୍ଡରେ କେନ୍ଦ୍ର ସରକାର ବୋଝ ଲଦି ଦେଇଛନ୍ତି ବୋଲି କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସମ୍ପାଦକ ଦୈତାରି ମଲ୍ଲିକ, ଜିଲା କୃଷକ ମୋର୍ଚ୍ଚା ସଭାପତି ଭବାନୀ ଶଙ୍କର ରଥ, ଯୁବ ସଭାପତି ରାଜେଶ ଗୁରୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ଗୁପ୍ତ ହରିଜନ, ବିଶ୍ୱ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସେମିଳିଗୁଡା ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟଠାରେ ତୈଳଦର ବୃଦ୍ଧିର ପ୍ରତିବାଦ କରାଯାଇ ଧାରଣା, ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତୈଳଦର ବୃଦ୍ଧି ଯୋଗୁ ଗରିବ ଓ ମଧ୍ୟବିତ ପରିବାର କଷ୍ଟ ଭୋଗୁଛନ୍ତି ବୋଲି ପଟ୍ଟାଙ୍ଗି ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମଙ୍କ ସହ କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ଏଥିସହ ଧାନର ସହାୟକ ମୂଲ ୨୯୩୦ ଟଙ୍କା ବୃଦ୍ଧି କରିବା, ଚାଷୀ ସ୍ୱାର୍ଥ ବିରୋଧୀ ତିନିଟି ନୂତନ କୃଷି ଆଇନ ପ୍ରତ୍ୟାହାର ନେଇ ନେବାକୁ ଦଳ ଦାବି କରିଛି। କାର୍ଯ୍ୟକ୍ରମରେ ବ୍ଲକ ସଭାପତି ସନିଆ ମାଝି,ଦାସୀ ନନ୍ଦିବାଲି, କମଲୁ ଧଡକା, ଆନନ୍ଦ କୁଳଦୀପ, ଗୌରାଙ୍ଗ ଖିଲ, ଜଗଦୀଶ ବାଘଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଦଶମନ୍ତପୁର ବ୍ଲକରେ ବୁଧବାର ପେଟ୍ରୋଲ ଓ ଡିଜେଲର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ବେଣୁଧର ପାତ୍ରଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପୂର୍ବତନ ବ୍ଲକ କଂଗ୍ରେସ ସମ୍ପାଦକ ମହନ ପାତ୍ର ହିଆଲ, ଲୋଚନ ବିଶୋୟୀ, ଲୁଲା ସରପଞ୍ଚ ଧନପତି ସାଉନ୍ତା, ଡୁମ୍ବାଗୁଡ଼ା ସରପଞ୍ଚ କବିତ୍ର ପରଜା, ଅର୍ଜୁନ ଚେଟିଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ତୈଳ ଦର ବୃଦ୍ଧିକୁ ସରକାର ନ ରୋକିଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋର୍‌ଦାର କରାଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି।

# କଂଗ୍ରେସର ବିକ୍ଷୋଭ

କୋରୁକୋଣ୍ଡା, ୭।୭(ଡି.ଏନ.ଏ.)

ଅହେତୁକ ତୈଳ ଦର ବୃଦ୍ଧି ପ୍ରତିବାଦରେ କୋରୁକୋଣ୍ଡା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏକ ନିଆରା ଢଙ୍ଗରେ ଘଣ୍ଟ ଏବଂ ଥାଳି ବାଡେଇ କର୍ମକର୍ତ୍ତାମାନେ ତେଲ ଦର ବୃଦ୍ଧିର ପ୍ରତିବାଦ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ବିନାୟକ ପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଉପ ସଭାପତି ଭୀମା ବାରସେ, ଲବ ଖିଲ, ନିରଞ୍ଜନ ଗୁଣ୍ଡା, ସନ୍ୟାସୀ ପାଙ୍ଗି, ନନ୍ଦ ବେହେରା, ଇର୍ମା ମାଡ଼ି, ମୁୟା ପଡ଼ିଆମିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜଳିଗଲା ଚାରି ବଖରା

ପାପଡାହାଣ୍ଡି, ୭।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତଣ୍ଡାଗୁଡା ଗ୍ରାମର ମଦନ ଅମାନାତ୍ୟଙ୍କ ଘରେ ବୁଧବାର ନିଆଁ ଲାଗି ଚାରି ବଖରା ପାଉଁଶ ହୋଇଯାଇଛି। ସକାଳ ୧୦ଟାରେ କୌଣସି କାରଣରୁ ଘରେ ନିଆ ଲାଗି ଯାଇଥିଲା। ନିଆ ଲାଗିବା ଜାଣିବା ପରେ ସାହି ପଡିଶା ତାହାକୁ ଆୟତ୍ତ କରିବାକୁ ଉଦ୍ୟମ କରିବା ସହିତ ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ। ତୁରନ୍ତ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆ ଲାଗି ଦୁଲାରାମଙ୍କ ଚାରି ବଖରା ଘର ଓ ଘର ଭିତରେ ଥିବା ୧ କୁଇଣ୍ଟାଲ ଚାଉଳ, ବାସନ,ଆସବାବ ପତ୍ର ପୋଡିଯାଇଛି। ଅସହାୟ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବଜ୍ରପାତରେ ଜଣେ ମୃତ

ତେନ୍ତୁଲିଖୁଣ୍ଟି, ୭।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ବୁଧବାର ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ମଞ୍ଚଗାଁ ପଞ୍ଚାୟତ ଅଳଚିଆଗୁଡାର ହୀରଣ୍ୟ ଗଉଡ଼। ସେହିଭଳି ବେହେରାଗୁଡ଼ାର ହରା ସାନ୍ତା ବଜ୍ରପାତରେ ଆହତ ହୋଇଛନ୍ତି।

# ଫ୍ୟାଶନରେ ବାଉଁଶ ଅଳଙ୍କାର

ରାୟଗଡ଼ା ଅଫିସ,୭।୭

**ଚାଲିଛି ବାଉଁଶ ତିଆରି ରାଖି ପ୍ରସ୍ତୁତି**



ନାରୀଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ଗହଣା। ଗହଣା ବିଭିନ୍ନ ଧାତୁ ଯଥା ସୁନା, ରୁପା, ହୀରା, ପିତଳ ଆଦିରୁ ପ୍ରସ୍ତୁତ ହୋଇଥାଏ। କିନ୍ତୁ ବାଉଁଶରେ ଗହଣା କରି ଏବେ ପ୍ରଶଂସା ସାଉଣ୍ଟୁଛନ୍ତି ରାୟଗଡ଼ା ଜିଲା ଚାନ୍ଦିଲି ପଞ୍ଚାୟତ ଅଧୀନ ବଡ଼ ଚାନ୍ଦିଲି ଗ୍ରାମର କେତେଜଣ ଯୁବତୀ।

ବଡ଼ ଚାନ୍ଦିଲି ଗାଁର ପ୍ରାୟ ୨୫ ଜଣ ଯୁବତୀଙ୍କୁ ନେଇ ମା' ସନ୍ତୋଷୀ ବାଉଁଶ ଅଳଙ୍କାର ଉତ୍ପାଦକ ଗୋଷ୍ଠୀ ନାମରେ ଏକ ଗ୍ରୁପ୍ କରାଯାଇଛି। ସେମାନେ ଗତ ଏପ୍ରିଲରୁ ଜେକେ କାଗଜକଳରେ ଥିବା ସ୍ୱର୍ଶ ସୋସିଆଲ ଫାଉଣ୍ଡେଶନ ମାଧ୍ୟମରେ ଭୁବନେଶ୍ୱରର କଳିଙ୍ଗ ଅନୁଷ୍ଠାନରେ ଗହଣା ତିଆରି ତାଲିମ ନେଇଥିଲେ। ଏକାଦଶୀ ବାରିକ ସେମାନଙ୍କୁ ୧୫ ଦିନିଆ ତାଲିମ ପ୍ରଦାନ କରିଥିଲେ। ଲକ୍‌ଡାଉନ ଆଂଶିକ କୋହଳ ହେବା ପରେ ଏମାନେ ଏହି ଗହଣା ତିଆରି ଆରମ୍ଭ କରିଛନ୍ତି। ଗ୍ରାମାଞ୍ଚଳ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ଜେକେ କାଗଜକଳର ସିଏସ୍ଆର୍ କାର୍ଯ୍ୟକ୍ରମ ପାଇଁ ଏଭଳି ପ୍ରୟାସ କରାଯାଇଛି। ଗହଣା ତିଆରି ପାଇଁ ଆବଶ୍ୟକ କଞ୍ଚାମାଲ ଏବଂ ଯନ୍ତ୍ରପାତି ଜେକେ ସ୍ୱର୍ଶ ଫାଉଣ୍ଡେଶନ ପ୍ରଥମ ପର୍ଯ୍ୟାୟରେ ପ୍ରଦାନ କରିଛି। ବଜାରୀକରଣ ପରେ ଆର୍ଥିକ ସ୍ଥିତି ସୁଦୃଢ଼ ହେଲେ ସେମାନେ ନିଜେ ଖର୍ଚ୍ଚ ବହନ କରିବେ ବୋଲି ଜଣାପଡ଼ିଛି। ପ୍ରାକୃତିକ ଜିନିଷକୁ ଫ୍ୟାଶନରେ ରୂପାନ୍ତର କରିବାକୁ ପ୍ରୟାସ କରାଯାଉଛି।

ବାଉଁଶ ତିଆରି ଚୋକର, ନେକ୍‌ଲେସ୍, କମର ପଟି, କାନଫୁଲ, ହେଡ୍ କ୍ଲିପ୍ ଆଦି ପ୍ରସ୍ତୁତ କରାଯାଉଛି। ଏଗୁଡ଼ିକର ମୂଲ୍ୟ ୧୫୦ ରୁ ୪୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେସବୁ ତିଆରି କରିବାକୁ ୧ରୁ ୮ ଘଣ୍ଟା ଲାଗିଥାଏ। ଆଇଟିଡିଏ ଏବଂ ଓର୍‌ମାସ ପକ୍ଷରୁ ରାୟଗଡ଼ା ଏବଂ ଜେକେପୁରରେ ୨ଟି ଷ୍ଟଲ୍ କରାଯାଇ ବଜାରୀକରଣ ସୁବିଧା କରାଯିବ। ରକ୍ଷାବନ୍ଧନ ପାଇଁ ବାଉଁଶ ତିଆରି ରାଖି ପ୍ରସ୍ତୁତ କରାଯାଉଛି ବୋଲି କହିଛନ୍ତି ସନ୍ଧ୍ୟା ପୁୱାଲା, ଗୁପ୍ତେଶ୍ୱରୀ ଅଡ଼ଙ୍ଗକା କହିଛନ୍ତି। ୟୁଥ୍ ପ୍ରୋଗ୍ରାମ ମ୍ୟାନେଜର କାମିନୀ ସିଂ, ସ୍ୱର୍ଶ ସୋସିଆଲ ଫାଉଣ୍ଡେଶନ ଜେନେରାଲ ମ୍ୟାନେଜର, ସିଏସ୍ଆର୍ ଏବଂ ଷ୍ଟେଟ ହେଡ୍ ଉକ୍ତ ଗ୍ରୁପ୍ ପରିଚାଳନା କରିଛନ୍ତି।

# ନିଜ ସ୍ମରଣୀୟ ଦିନରେ ଗଛ ଲଗାଅ

ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି, ୭।୭ (ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ବନ ଖଣ୍ଡ ପକ୍ଷରୁ ଜିଲାସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ନବରଙ୍ଗପୁର ବନ ଖଣ୍ଡ ଅଧିକାରୀ ମଗର ଧନଜି ରାଓସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଜିଲ୍ଲାପାଳ ଅଜିତ କୁମାର ମିଶ୍ର, ଜିଲା ଜଜ ଅଶୋକ କୁମାର ପଣ୍ଡା, ଏସ୍‌ପି ପ୍ରହଲ୍ଲାଦ ସାହାଇ ମିନା, ଅତିରିକ୍ତ ଜିଲାପାଳ ରତ୍ନାକର ସାହୁ , ଉପଜିଲାପାଳ ଭାସ୍କର ରଇତ, ସିଆରପିଏଫ୍ କମାଣ୍ଡାଣ୍ଟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ବନ ଖଣ୍ଡ ଦ୍ୱାରା ସୃଷ୍ଟି କରାଯାଇଥିବା ସବୁଜ ସ୍ମୃତି ଉଦ୍ୟାନରେ ଅତିଥିମାନେ ଚାରା ଲଗାଇଥିଲେ। ସାଧାରଣ ଲୋକ ନିଜର ସ୍ମରଣୀୟ ଦିନରେ ଗଛ ଲଗାଇ ସବୁଜ ବନାନୀ ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ଖାଲି ସ୍ଥାନରେ ଚାରା ରୋପଣ କରି ସବୁଜ ବଳୟ ସୃଷ୍ଟି, ଜିଲାକୁ ସବୁଜ ସୁନ୍ଦରଭାବେ ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଅତିଥି କହିଛନ୍ତି। ଡାବୁଗାଁ ବ୍ଲକ ଅଧୀନ କେନ୍ଦୁଗୁଡା ଜଙ୍ଗଲ ସୁରକ୍ଷା ସମିତିକୁ ପୁରସ୍କୃତ କରାଯାଇଛି। ଜିଲାରେ ୮ଲକ୍ଷ ୫୦ହଜାର ଚାରା ରୋପଣ କରାଯିବା ଲକ୍ଷ୍ୟ ରହିଛି। ତେନ୍ତୁଲିଖୁଣ୍ଟି ବ୍ଲକ ମେରାକାନି ଗ୍ରାମବାସୀଙ୍କୁ ବନ ବିଭାଗ ପକ୍ଷରୁ ୩ ପ୍ରଜାତିର ୧ ହଜାର ବାଉଁଶ ଚାରା ଯୋଗାଇ ଦିଆଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଗ୍ରଗମୀ ଏଥିରେ ସହଯୋଗ କରିଥିଲା। ସ୍ଥାନୀୟ ବିଡ଼ିଓ ପଦ୍ମନାଭ ତ୍ରିପାଠୀ, ତହସିଲଦାର ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଏସିଏଫଓ ଧନୁର୍ଯ୍ୟାୟ ମହାପାତ୍ର, ମନସୁନ ଖେମୁଣ୍ଡୁ ଓ ରେଞ୍ଜର ପୂର୍ଣ୍ଣ ଚନ୍ଦ୍ର ନନ୍ଦ ପରିଚାଳନା କରିଥିଲେ।

# ସହର, ଗ୍ରାମାଞ୍ଚଳ ବିକାଶରେ ଖର୍ଚ୍ଚ ହେବ ୧୨୩୮ କୋଟି

ରାୟଗଡା ଅଫିସ, ୭।୭

ରାୟଗଡ ଜିଲା ଯୋଜନା କମିଟି ବୈଠକ ହସ୍ତତନ୍ତ ବୟାନ ଶିଳ୍ପ ଓ ହସ୍ତ କଳା ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଜିଲାପାଳ ସରୋଜ କୁମାର ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲାରେ ବିଜୁଳି, ଜଳ, ଓ ସଡ଼କର ସୁବ୍ୟବସ୍ଥା ଓ ଏହା ଉପରେ ଥିବା ଶତକଡ଼ା ବ୍ୟୟ ପରିମାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା।

୨୦୨୦-୨୧ ଆର୍ଥିକ ବର୍ଷର ବିଜୁ କେବିକେ ଯୋଜନାର ଆଲୋଚନା ଓ ଅନୁମୋଦନ କରାଯାଇଥିଲା। ବିଜୁ କେବିକେ ଯୋଜନାରେ ପ୍ରତି ବ୍ଲକ ପିଛା ୫୦ଲକ୍ଷ ହିସାବରେ ବିଜୁଳି, ସଡ଼କ ଓ ପାଣି ତଥା ୨୭୬ପ୍ରକଳ୍ପ ନିମନ୍ତେ ୫୫୦ଲକ୍ଷ ଟଙ୍କାର ବଜେଟ ଅନୁମୋଦନ କରାଯାଇଥିଲା। ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବିକାଶ ନିମନ୍ତେ ୧୨୩୮କୋଟି ୧୪ଲକ୍ଷ ଟଙ୍କାର ବାର୍ଷିକ ଯୋଜନା ଚିଠା ଅନୁମୋଦନ କରାଯାଇଥିଲା। ଜିଲାରେ ବିଜୁଳି, ସଡ଼କ ଓ ଗମନାଗମନ ସୁବ୍ୟବସ୍ଥା କରିବା ପାଇଁ ଲୋକ ପ୍ରତିନିଧିମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସାତ ଦିନ ମଧରେ ଲୋକପ୍ରତିନିଧି ନିଜ ନିଜର ଆବଶ୍ୟକ ଥିବା କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ଉପନିର୍ଦ୍ଦେଶକ ଜିଲା ଯୋଜନା କାର୍ଯ୍ୟାଳୟରେ ଦେବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ରାଜ୍ୟ ସଭା ସଦସ୍ୟ ଏନ୍ ଭାସ୍କର ରାଓ, ରାୟଗଡ ବିଧାୟକ ମକରନ୍ଦ ମୁଦୁଲି, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ , ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୋଜନା କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଥାଳି ବଜାଇ ରାସ୍ତା ଅବରୋଧ, ବିକ୍ଷୋଭ

ନବରଙ୍ଗପୁର/ ଝରିଗାଁ/ପାପଡାହାଣ୍ଡି/ଡାବୁଗାଁ/ ରାୟଗଡା ଅଫିସ/ପଦ୍ମପୁର/ଟିକିରି/ ଚନ୍ଦ୍ରପୁର/ଗୁଣପୁର/ମୁନିଗୁଡ଼ା, ୭।୭ (ବି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)





ନବରଙ୍ଗପୁର ଓ ରାୟଗଡ଼ା ଜିଲା ପଦ୍ମପୁରରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଜ୍ୟରେ ଦିନକୁ ଦିନ ହୁ ହୁ ହୋଇ ଡିଜେଲ, ପେଟ୍ରୋଲ, ଇନ୍ଧନ ଗ୍ୟାସ, ଖାଇବା ତେଲ ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶ ଛୁଆଁ ହେଲାଣି। ଏହା ବିରୋଧରେ ବୁଧବାର କଂଗ୍ରେସ ପକ୍ଷରୁ ରାଜ୍ୟ ବ୍ୟାପି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦର ବୃଦ୍ଧି ପ୍ରତିବାଦ ସହ ଧାନମଣ୍ଡି ରେ ଚାଷୀଙ୍କୁ ଅଣଦେଖା, ଟୋକେନ୍ ବ୍ୟବସ୍ଥାରେ ଅନିୟମିତତା, ଧାନର ଏମ୍‌ଏସ୍‌ପି ୨୯୩୦ ଟଙ୍କା କରିବାକୁ ନେଇ ସେମାନେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି।

ନବରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନଗର କଂଗ୍ରେସ ଏବଂ ବ୍ଲକ କଂଗ୍ରେସ କର୍ମକର୍ତ୍ତା ମିଳିତଭାବେ ଥାଳି ବଜାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀ,ବରିଷ୍ଠ ନେତା ସଦନ ନାୟକ, ନଗର କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀ, ବ୍ଲକ ସଭାପତି ଭୀମ ହରିଜନ, ସାଧାରଣ ସମ୍ପାଦକ ପ୍ରଦୀପ ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଝରିଗାଁ ବ୍ଲକ କଂଗ୍ରେସ ସଭାପତି ତମ୍ବୁଦାସ ପନକାଙ୍କ ନେତୃତ୍ୱରେ ବିଡ଼ିଓ ପ୍ରଶାନ୍ତ ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପାପଡାହାଣ୍ଡିରେ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି ଓ ଅନ୍ୟ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି.ସାଇ ରାଜୁଙ୍କ ତତ୍ତ୍ୱାବଧାନରେ କର୍ମୀମାନେ ଧାରଣା ଦେଇଥିଲେ। ପର୍ଯ୍ୟବେକ୍ଷକ ଡମ୍ବୁ ଅଗ୍ରୱାଲ,ବ୍ଲକ କଂଗ୍ରେସ ଉପସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ବ୍ଲକ ଅଧ୍ୟକ୍ଷ ବଇଁଶୀ ଧର ମାଝି ସାମିଲ ହୋଇଥିଲେ।

ରାୟଗଡା ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ବ୍ଲକ ଅଫିସଠାରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ ନେତା ଆପଲ ସ୍ୱାମୀ କାଡ୍ରାକାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ପଦ୍ମପୁର ବ୍ଲକ କଂଗ୍ରେସ ସଭାପତି ଉପେନ୍ଦ୍ର ସାହୁଙ୍କ ନେତୃତ୍ୱରେ କର୍ମୀମାନେ ପ୍ରତିବାଦ କରିଥିଲେ। ଏହି ସମୟରେ ଏମ୍‌ପିଙ୍କ ପ୍ରତିନିଧି ରାଜୀବ ସାହୁ, ରାଧା ସାହୁ, ସୁନୀଲ ଚୌଧୁରୀ,ମହେଶ ପାଟଖଣ୍ଡାଳ, ସୁଦର୍ଶନ ପାଣିଗ୍ରାହୀ, ପ୍ରଶାନ୍ତ ସାହୁ, ଫୁଲ ମାଝି, ମାନୁଆଲ ମାଝି, ଡ଼ମ୍ବ ସାହୁ, ପଙ୍କଜ କାଡ୍ରାକା ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। କାଶୀପୁର ଏବିଡିଓ ବଳରାମ ପାତ୍ରଙ୍କୁ କଂଗ୍ରେସ କର୍ମୀମାନେ ଦାବିପତ୍ର ଦେଇଛନ୍ତି। ବ୍ଲକ ସଭାପତି ଅଙ୍ଗଦ ନାଏକ, ଉପସଭାତି ବିପ୍ର ପୂଜାରୀ, ସ୍ୱାଧୀନତା ସଂଗ୍ରାମୀ ରାମ ବଇଠାରୁ ପ୍ରମୁଖ ଉପସ୍ଥିତ ଥିଲେ। ଗୁଣପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନଗର ସଭାପତି ଶ୍ରୀକାନ୍ତ ବେହେରାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ପ୍ରତିବାଦ ଜଣାଇ ଥିଲେ। ଏହି ସମୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଗମାଙ୍ଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମୁନିଗୁଡ଼ା ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାରଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସ୍ଲୋଗାନ ଦେଇ ଦଳୀୟ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରା, ଜିଲା ଓବିସି ସେଲ୍ ସଭାପତି ପ୍ରସାଦ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

**ଅର୍ଥ ମନ୍ତ୍ରଣାଳୟ ଅଧୀନକୁ ଆସିଲା ଡିପିଇ**

କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ଡିପିଇ)ବିଭାଗକୁ ଅର୍ଥ ମନ୍ତ୍ରଣାଳୟ ଅଧୀନକୁ ଆଣିଛନ୍ତି। ପୁଞ୍ଜି ପ୍ରତ୍ୟାହାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଉଥିବା କୁହାଯାଇଛି। ପୂର୍ବରୁ ଡିପିଇ ବୃହତ୍ ଶିଳ୍ପ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ରହିଥିଲା। ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟ ଅଧୀନରେ ମୋଟ ବିଭାଗ ସଂଖ୍ୟା ୬ରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କ ଘରୋଇକରଣ ପଦକ୍ଷେପ ସମ୍ପର୍କରେ ବଜେଟ ୨୦୨୧-୨୨ରେ ଘୋଷଣା କରାଯାଇଥିଲା।

**ସଂକ୍ଷେପରେ**

## ସେନ୍‌ସେକ୍ସ ୫୩ ହଜାର ସ୍ତର ଟପିଲା



**ମୁମ୍ବାଇ, ୭।୭:** ପ୍ରଥମଥର ଲାଗି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ୫୩ ହଜାର ପଏଣ୍ଟ ସ୍ତର ଟପିଛି। ବୁଧବାର ସେନ୍‌ସେକ୍ସରେ ୧୯୪ ପଏଣ୍ଟ ବଢ଼ିଥିବା ନଜରକୁ ଆସିଛି। ମେଟାଲ ଫାଇନାନ୍ସ ଏବଂ ବ୍ୟାଙ୍କିଙ୍ଗ ଷ୍ଟକ୍ ବଢିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟ ସମ୍ପ୍ରସାରଣ ଖବର ଶୁଣିବା ପରେ ନିବେଶକମାନେ ଶେୟାର କ୍ରୟ କରିଥିବା ଜଣାପଡିଛି। ମାତ୍ର ଡଲାର ତୁଳନାରେ ଟଙ୍କା ମୂଲ୍ୟ ଦୁର୍ବଳ ହେବା ଏବଂ ଅନ୍ତର୍ଜାତୀୟ ବଜାର ପ୍ରଭାବିତ ରହିବା ଯୋଗୁ ବଜାରକୁ ବେଶି ଅଭିବୃଦ୍ଧି ମିଳିପାରିନାହିଁ ବୋଲି ଟ୍ରେଡର କହିଛନ୍ତି। ସେନ୍‌ସେକ୍ସ ୦.୩୭% ଉର୍ଦ୍ଧ୍ୱରେ ରହି କାରବାର ବନ୍ଦ ହୋଇଥିବା ବେଳେ ନିଫ୍ଟି ୦.୩୯% ବଢି ୧୫,୮୭୯.୬୫ ପଏଣ୍ଟ ସ୍ତର ଛୁଇଁଛି। ବୁଧବାର ବିଦେଶୀ ପୁଞ୍ଜି ନିବେଶକ ୫୪୩.୩୦ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି।

# ତେଲ ଦର: ଟୁଇଟରରେ ଲୋକଙ୍କ ରୋଷ

**ନୂଆଦିଲ୍ଲୀ, ୭।୭**

କରୋନା କାଳରେ ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ଆକାଶଛୁଆଁ ହୋଇଛି। ବୁଧବାର ନୂଆଦିଲ୍ଲୀରେ ତେଲ ଦର ୧୦୦ ଟଙ୍କା ଛୁଇଁଛି। ତେଲର ଏଭଳି ଅହେତୁକ ଦର ବୃଦ୍ଧିକୁ ନେଇ ବୁଧବାର ନେଟିଜେନ୍ସ ଟୁଇଟରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଟୁଇଟରରେ ହାସ୍‌ଟ୍ୟାଗ୍ ପେଟ୍ରୋଲ-ଡିଜେଲ ପ୍ରାଇସ ହାଇକ୍ ଏବଂ ହାସ୍‌ଟ୍ୟାଗ୍ ପେଟ୍ରୋଲ ୧୦୦ ନଟ୍ ଆଉଟ ଭଳି ଟ୍ରେଣ୍ଡ କରୁଥିବା ଦେଖାଯାଇଛି। ଲୋକମାନେ ତେଲ ଦର ବୃଦ୍ଧିକୁ ନେଇ ଅତିଷ୍ଠ ହୋଇ ରହିଥିବା ବେଳେ ଟୁଇଟରରେ ସେମାନଙ୍କ ରୋଷ ଦେଖାଉଛନ୍ତି। ସରକାରଙ୍କୁ ତାଚ୍ଛଲ୍ୟ ଏବଂ ଗାଳି କରୁଥିବା ଦେଖାଯାଇଛି।

ଏଥିଲାଗି ଲୋକମାନେ ନୂଆ ମିମ୍ସ ଏବଂ ଜୋକ ବ୍ୟବହାର କରୁଛନ୍ତି। ଲୋକେ ବାଇସାଇକେଲ ଛବି ପୋଷ୍ଟକରି ଲେଖିଛନ୍ତି, ତେଲ ଦର ବଢ଼ିବା ପରେ ଭାରତୀୟମାନେ କେବଳ ଏଭଳି ବାଇକ ଚଳାଇବାକୁ ସକ୍ଷମ ହେବେ। ଟୁଇଟରରେ ଏହାକୁ 'ଦେଶୀ ବାଇକ ଆଫ୍‌ଟର ପେଟ୍ରୋଲ, ଡିଜେଲ ହାଇକ' ହାସ୍‌ଟ୍ୟାଗ୍‌ରେ ପୋଷ୍ଟ କରାଯାଇଛି। ନରେନ୍ଦ୍ର ମୋଦିଙ୍କୁ ସମାଲୋଚନାକରି ଏକ



ପୋଷ୍ଟରେ ଲେଖାଯାଇଛି, 'କାଶ ବୋ ବୁରେ ଦିନ ହି ୱାପସ ଆୟେ'( ସେହି ଖରାପ ଦିନ ପୁଣି ଫେରି ଆସୁ)। ଏଠାରେ ମୋଦିଙ୍କ ୨୦୧୪ ନିର୍ବାଚନ ସମୟର ଏକ ଫଟୋ ପୋଷ୍ଟ କରାଯାଇଛି, ଯେଉଁଥିରେ ଲେଖାଅଛି, 'ଅଚ୍ଛେ ଦିନ୍ ଆଏଙ୍ଗେ' (ଭଲ ଦିନ ଆସିବ)। ମାତ୍ର ଲୋକମାନେ ଦର ବୃଦ୍ଧି ସହୁଥିବାରୁ ସେମାନଙ୍କ ଅସନ୍ତୋଷ ଏଭଳି ଉପାୟରେ ଦେଖାଉଛନ୍ତି।

ଟୁଇଟରେ ୧୯୬୩ର ପେଟ୍ରୋଲ ବିଲ୍ ଉପରେ ଏକ ଫଟୋ ପୋଷ୍ଟ ହୋଇଛି, ଯେଉଁଠାରେ ତେଲ ଦର ଲିଟର ପିଛା ୭୨ ପଇସା ରହିଛି। ଏହା ବେଶି ଟ୍ରେଣ୍ଡ କରୁଥିବା ଦେଖାଯାଇଛି। ଏଥିରେ ଲୋକମାନେ ରିପ୍ଲାଇ କରି କହିଛନ୍ତି, 'ଯଦି ଟାଇମ ମେଶିନ ଥାନ୍ତା ତେବେ ସେହି ସମୟକୁ ଯାଇ ପେଟ୍ରୋଲ ଭରି ଆସିବା ସହଜ ହୋଇଥାନ୍ତା'। ଉଲ୍ଲେଖଯୋଗ୍ୟ, ବୁଧବାର ପେଟ୍ରୋଲ ୩୫ ପଇସା ଏବଂ ଡିଜେଲ ୨୩ ପଇସା ବଢ଼ିଛି। ନୂଆଦିଲ୍ଲୀ ଶେଷ ମେଟ୍ରୋ ସହର ଥିଲା ଯେଉଁଠାରେ ତେଲ ଦର ବର୍ତ୍ତମାନ ୧୦୦ ଛୁଇଁଛି। ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ ଏବଂ ପୁଣେ ଭଳି ସ୍ଥାନରେ ତେଲ ଦର ପୂର୍ବରୁ ଶତକ ମାରିଛି। କୋଲକାତାରେ ମଧ ଦର ୧୦୦ ଛୁଇଁଛି। ଅନ୍ୟ ଜଣେ ୟୁଜର ଲେଖିଛନ୍ତି, ତେଲ ଦରରେ ଷ୍ଟପେଜ ନାହିଁ। ପ୍ରତି ସକାଳେ ଉଠିଲେ ଏହି ଖବର। ଯେଭଳି ଆଉ କିଛି ଖବର ହିଁ ନାହିଁ। କେବଳ ନିର୍ବାଚନ ହିଁ ସାଧାରଣ ଲୋକଙ୍କୁ ଏଭଳି ସମସ୍ୟାରୁ ବଞ୍ଚାଇପାରିବ। ଅନ୍ୟ ଏକ ପୋଷ୍ଟରେ ଏମିତି କିଛି ଲେଖା ଅଛି, ପେଟ୍ରୋଲ ଡିଜେଲ ୧୦୦ ଛୁଇଁଥିବା ବେଳେ ମୋଦି କ୍ୟାବିନେଟ ସମ୍ପ୍ରସାରଣ କରୁଛନ୍ତି। ଏହା ମୋଦିଙ୍କ ମାଷ୍ଟରଷ୍ଟ୍ରୋକ। ଅନ୍ୟ ଜଣେ ୟୁଜର ଲେଖିଛନ୍ତି, ଦର ଦାମରୁ ଲୋକଙ୍କୁ ବର୍ତ୍ତମାନ ତ୍ରାହି ମିଳୁନି। ଏଭଳି ସ୍ଥିତିରେ ସରକାର ତେଲ ଦର ୧୦୦ ଟଙ୍କା କରିଛନ୍ତି। ଏଭଳି ପୋଷ୍ଟକୁ ଦେଖିଲେ ତେଲ ଦର ବୃଦ୍ଧିକୁ ନେଇ ଲୋକଙ୍କ ମଧ୍ୟରେ ହତାଶା ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଅଙ୍କିତ ଗୌତମ(୨୮) ନାମକ ଜଣେ ୟୁଜର କହିଛନ୍ତି, ତେଲ ଦର ବଢ଼ିବାରୁ ପୂର୍ବାପେକ୍ଷା ତାଙ୍କୁ ୩୦% ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଅତି ଦରକାର ନ ହେଲେ କାରକୁ ବର୍ତ୍ତମାନ ନା କହିବାକୁ ପଡୁଛି।

## କେନ୍ଦ୍ରକୁ ରାହୁଲଙ୍କ ଟାର୍ଗେଟ



**ନୂଆଦିଲ୍ଲୀ, ୭।୭:** ନୂଆଦିଲ୍ଲୀରେ ତେଲ ଦର ୧୦୦ ଛୁଇଁବାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଜୋର ଜବରଦସ୍ତ ଲୋକଙ୍କଠାରୁ ଟିକସ ଆଦାୟକରି ସରକାର ତାଙ୍କ ବିଭିନ୍ନ କାମ କରୁଥିବା ରାହୁଲ କହିଛନ୍ତି। ସେ କହିଛନ୍ତି, ଆପଣଙ୍କ କାର୍ ପେଟ୍ରୋଲ ଡିଜେଲରେ ହୁଏତ ଚାଲିଛି, ମୋଦି ସରକାର କିନ୍ତୁ ଜୋର ଜବରଦସ୍ତ ଟିକସ ଆଦାୟରେ ଚାଲିଛି।

# ଭିକେସି ପ୍ରାଇଡ୍‌ର ନୂଆ ବ୍ରାଣ୍ଡ ପରିଚୟ




**ନୂଆଦିଲ୍ଲୀ, ୭।୭**

ନୂତନ ପ୍ରଯୁକ୍ତି ବିଦ୍ୟା ସହ ଜୋତା ଶିଳ୍ପରେ ଭାରତର ଅଗ୍ରଣୀ ଭିକେସି, ଏହାର ଫ୍ଲାଗ୍‌ଶିପ୍ ବ୍ରାଣ୍ଡ ଭିକେସି ପ୍ରାଇଡ୍ ପକ୍ଷରୁ ନୂଆ ଚିନ୍ତାଧାରା ସହ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କମ୍ପାନୀ ପକ୍ଷରୁ ନୂଆ ଲୋଗୋ ବ୍ରାଣ୍ଡ୍ ଲାଇନକୁ କେରଳର ପର୍ଯ୍ୟଟନ ମନ୍ତ୍ରୀ ଏମ୍.ରିଆସ ଉନ୍ମୋଚନ କରିଥିଲେ। ନୂଆ ବ୍ରାଣ୍ଡ ପରିଚୟରେ ସେଭେନ ଡଟେଡ୍ ଫୁଟ୍ ମାର୍କକୁ ଏକ ବିଗ୍ ସ୍ୱଟ୍‌ରେ ମିଶ୍ରଣ କରି ପ୍ରାଇଡ୍ ସହିତ ପ୍ରଗତି ବିଷୟବସ୍ତୁ ଭିକେସି ପ୍ରାଇଡ୍ ବ୍ରାଣ୍ଡ ପରିଚୟର ଡିଜାଇନ ଭାଷାରେ କରାଯାଇଥିଲା। ନୂଆ ବିଗ୍ ସ୍ୱଟ୍‌ରେ ଉଦୀୟମାନ ସୂର୍ଯ୍ୟଙ୍କର ଏକ ଅନୁଭବ ରହିଛି। ବିଗ୍ ସ୍ୱଟ୍‌କୁ ଭିକେସି ଗୁଡ୍ ସ୍ୱଟ୍ ଭାବେ ନାମିତ କରାଯାଇଛି। ଭିକେସି ପ୍ରାଇଡ୍‌ର ବ୍ରାଣ୍ଡ ପରିଚୟ ଟାଇମଫେସ୍ ସଚ୍ଚୋଟତା, ନମ୍ରତା, ସୁଖ, କଠିନ ପରିଶ୍ରମର ୪ଏଚ୍ କୋର ଭିକେସି ମୂଲ୍ୟବୋଧକୁ ଅନ୍ତର୍ଭୁକ୍ତ କରିବା ପାଇଁ ସମ୍ମାନ ଏବଂ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ପ୍ରତିଫଳିତ କରେ। କାର୍ଯ୍ୟକ୍ରମ ଅବସରରେ ଭିକେସିର ଏମ୍‌ଡି ଭିକେସି ରଜାକ, ନିର୍ଦ୍ଦେଶକ ଏମ୍.ବାବୁ, ଭି.ରଫିକ, କେସି ଚାକୋ, ଏମ୍‌ଭି ଭେନୁଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ହଜାର ନିଯୁକ୍ତି ଦେବ ମାଲାବାର

**ନୂଆଦିଲ୍ଲୀ, ୭।୭**

ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ନୂଆ ଅଭିବୃଦ୍ଧି ଯୋଜନା ହାତକୁ ନିଆଯାଇଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ୫ ହଜାର ଲୋକଙ୍କୁ ନିଯୁକ୍ତି ଦେବା ନେଇ ଘୋଷଣା କରିଛି। କମ୍ପାନୀ ବର୍ତ୍ତମାନ ୧୦ ଦେଶରେ ୨୬୦ ଚେନ୍ ଷ୍ଟୋର ଦ୍ୱାରା ନିଜର ଉପସ୍ଥିତି ଜାହିର କରିଛି। ନୂଆ ନିଯୁକ୍ତି ଭାରତରେ ରିଟେଲ ଅପରେଶନ ସମେତ ଅନ୍ୟ ବିଭାଗଗୁଡ଼ିକରେ ହେବ। ଚଳିତ ଆର୍ଥିକ ବର୍ଷରେ ମାଲାବାର ଏହାର ରିଟେଲ ଉପସ୍ଥିତିକୁ ଆହୁରି ଦୃଢ କରିବାକୁ ଯୋଜନା ରଖିଛି। ମହାମାରୀ ଯୋଗୁ ନିଯୁକ୍ତି ବର୍ତ୍ତମାନ ପ୍ରଭାବିତ ହୋଇ ରହିଥିବା ବେଳେ ନିଯୁକ୍ତି ଆଶାୟୀଙ୍କ ଲାଗି ଏହା ଏକ ଖୁସିର ଖବର ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ରିଟେଲ ଜୁଏଲେରି ସେଲ୍, ଷ୍ଟୋର ଅପରେଶନ ଏବଂ ଆକାଉଣ୍ଟାଣ୍ଟ ଭଳି କ୍ଷେତ୍ରରେ ଲୋକଙ୍କୁ କମ୍ପାନୀ ଏହିସବୁ ନିଯୁକ୍ତି ଦେବ। ନିଯୁକ୍ତିରେ ମହିଳାଙ୍କୁ ପ୍ରାଥମିକତା ମିଳିବ। ସେହିଭଳି ବିଟେକ ଏବଂ ଏମ୍‌ବିଏ କରିଥିବା ଛାତ୍ରୀଛାତ୍ରଙ୍କୁ ଜୁଏଲେରି ରିଟେଲ ସେଲ୍ ଏବଂ ଅପରେଶନରେ ଇଣ୍ଟର୍ନଶିପ ଏବଂ ଟ୍ରେନିଂଶିପ ପ୍ରଦାନ କରାଯାଉଛି। ଏହାବାଦ ଡିଜାଇନ, ଡେଭଲପମେଣ୍ଟ, ଡିଜିଟାଲ ମାର୍କେଟିଂ, ଜୁଏଲେରି ମାନୁଫାକଚରିଂ, ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ, ପ୍ରକଳ୍ପ କାର୍ଯ୍ୟାନ୍ୱୟନ, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ, ବିଜ୍‌ନେସ ଆନାଲିଟିକ୍ସ, ଆଇଟି ଭଳି କ୍ଷେତ୍ରରେ ନିଯୁକ୍ତି ଦିଆଯିବ ବୋଲି ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି।

MALABAR GOLD & DIAMONDS
CELEBRATE THE BEAUTY OF LIFE

# ତନିଷ୍କ ପକ୍ଷରୁ 'ରାଜାଧୀରାଜ' ସମ୍ଭାର

**ଭୁବନେଶ୍ୱର,୭।୭**

ଦେଶର ଅଗ୍ରଣୀ ଗହଣା ବ୍ରାଣ୍ଡ ତନିଷ୍କ ପକ୍ଷରୁ ଚଳିତ ରଥଯାତ୍ରା ଉପଲକ୍ଷେ ସ୍ୱତନ୍ତ୍ର ଗହଣା ସମ୍ଭାର 'ରାଜାଧୀରାଜ' ଉନ୍ମୋଚନ କରାଯାଇଛି। ବୁଧବାର ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳର ଏକ ହେଟୋଲ ପରିସରରେ ଏହି ସମ୍ଭାରକୁ ଟାଇଟାନ୍ କମ୍ପାନୀ ଲିମିଟେଡ୍‌ର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ(ପୂର୍ବ), ଅମିତ ଧରାପ, ତନିଷ୍କ ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ(ପୂର୍ବ) ଅନିର୍ବାଣ ବାନାର୍ଜୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହାର ଶୁଭ ଉନ୍ମୋଚନ କରାଯାଇଛି।



ପବିତ୍ର ରଥଯାତ୍ରାକୁ ଗ୍ରାହକମାନଙ୍କ ଲାଗି ଉତ୍ସାହଜନକ କରିବା ପାଇଁ ତନିଷ୍କ ପକ୍ଷରୁ ସ୍ୱତନ୍ତ୍ର ଅଫରର ମଧ ଘୋଷଣା କରାଯାଇଛି। ତନିଷ୍କର ହୀରା ଗହଣାର ମୂଲ୍ୟ ଓ ସୁନାଗହଣାର ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଓଡ଼ିଶାର ସମସ୍ତ ତନିଷ୍କ ଷ୍ଟୋରରେ କେବଳ ସୀମିତ ସମୟ ପାଇଁ ଏହି ଅଫର ବୈଧ ରହିବ। ତନିଷ୍କର ଏହି ସଦ୍ୟତମ ଗହଣା ସମ୍ଭାର-ରାଜାଧୀରାଜ'ରେ ଥିବା ପେଣ୍ଡାଣ୍ଟ ଓ ରିଂ କୁ ସ୍ୱତନ୍ତ୍ର ଭାବେ ରଥଯାତ୍ରା ପରିପ୍ରେକ୍ଷୀରେ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ଟାଇଟାନ୍ କମ୍ପାନୀ ଲିମିଟେଡ୍‌ର ମୁଖ୍ୟ ଡିଜାଇନ୍ (ଗହଣା ଡିଭିଜନ)ର ଅଭିଷେକ ରସ୍ତୋଗୀ କହିଛନ୍ତି, କଠିନ ସମୟରେ ତନିଷ୍କର ନୂତନ ଭାବେ ଉପସ୍ଥାପିତ ଉକ୍ତ ପେଣ୍ଡାଣ୍ଟ ଓ ରିଂ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଡିଜାଇନ କରାଯାଇଛି। ଏହି ଅବସରରେ ତନିଷ୍କ ଭୁବନେଶ୍ୱର ଷ୍ଟୋର ପକ୍ଷରୁ ମାନିକ୍ ହଂସ, ଯୋଗେନ୍ଦ୍ର ହଂସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିବୃଦ୍ଧି ଆକଳନ କମାଇଲା ଫିଚ୍

**ନୂଆଦିଲ୍ଲୀ, ୭।୭**

ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ଆକଳନକୁ ଫିଚ୍ ରେଟିଂ ପକ୍ଷରୁ ୧୦%କୁ ହ୍ରାସ କରାଯାଇଛି। ଭାରତ ବଜାର ୧୨.୮% ଅଭିବୃଦ୍ଧି କରିବ ବୋଲି ଏହି ଏଜେନ୍ସି ପୂର୍ବରୁ ଆକଳନ କରିଥିଲା। କରୋନା ଦ୍ୱିତୀୟ ଲହର ଯୋଗୁ ଆର୍ଥିକ ସୁଧାର ବାଧାପ୍ରାପ୍ତ ହୋଇଛି। ସାରା ଦେଶରେ ଟିକାକରଣ ବଢ଼ିଲେ ଏହା ଖାଉଟିଙ୍କ ଆତ୍ମବିଶ୍ୱାସ ଏବଂ ଆର୍ଥିକ ସୁଧାର କ୍ଷେତ୍ରରେ ସହାୟତା କରିବ ବୋଲି ଫିଚ୍ ରିପୋର୍ଟରେ ପ୍ରକାଶ ପାଇଛି।

**ଫୁର୍‌ସତ୍**

# ସେଓ ବିକୁଥିଲେ ଦିଲୀପ କୁମାର

ଦୁନିଆ ଯାହାଙ୍କୁ ଦିଲୀପ କୁମାର ନାମରେ ଜାଣିଛି ପ୍ରକୃତରେ ତାଙ୍କ ନାଁ ଥିଲା ମହମ୍ମଦ ୟୁସୁଫ୍ ଖାନ୍। ପ୍ରଥମରୁ ଦିଲୀପଙ୍କ ଅଭିନୟ ପ୍ରତି ଆଦୌ ରୁଚି ନ ଥିଲା। ସିନେ ଜଗତରେ ସେ ଦିନେ ସର୍ବୋଚ୍ଚ ଆସନରେ ବସିପାରିବେ ତାହା କେବେ ସ୍ୱପ୍ନରେ ବି ଭାବି ନ ଥିଲେ। ପାକିସ୍ତାନର ପେଶାୱରଠାରେ ଜନ୍ମିତ ଦିଲୀପ କୁମାର ପିତାଙ୍କ ସହ ସେଓ ବେପାର କରୁଥିଲେ। ୧୯୪୩ ମସିହାରେ ବିଜ୍‌ନେସ୍ ପାଇଁ ଦିନେ ତାଙ୍କୁ ଦାଦର ଯିବାକୁ ପଡ଼ିଥିଲା। ଚର୍ଚ୍ଚ ଗେଟ୍ ଷ୍ଟେଶନରେ ଟ୍ରେନ୍‌କୁ ଅପେକ୍ଷା କରିଥିବାବେଳେ ସାଇକୋଲୋଜିଷ୍ଟ ଡାକ୍ତର ମାସନୀଙ୍କ ସହ ତାଙ୍କର ଦେଖା ହୋଇଥିଲା। ମସାନୀ 'ବମ୍ବେ ଟକିଜ୍'ର ମାଲିକାଣୀ ଦେବିକା ରାଣୀଙ୍କୁ ଭେଟିବାକୁ ଯାଉଥିବା ଦିଲୀପଙ୍କୁ କହିଥିଲେ। ଏଥି ସହ ଫିଲ୍ମ ଶୁଟିଂ ଦେଖିବା ପାଇଁ ତାଙ୍କ ସହ ଯିବାକୁ



ଡା. ମସାନୀ ଦିଲୀପ କୁମାରଙ୍କୁ ପ୍ରସ୍ତାବ ଦେଇଥିଲେ। ସେତେବେଳେ ବମ୍ବେ ଟକିଜ୍ ସବୁଠାରୁ ସଫଳ ଫିଲ୍ମ ପ୍ରଡକ୍ସନ ହାଉସ୍ ଥିଲା। ଦିଲୀପଙ୍କୁ ଦେଖିବା ପରେ ଦେବିକା ରାଣୀ ତାଙ୍କୁ ମାସିକ ୧୨୫୦ ଟଙ୍କାରେ ଚାକିରି ଅଫର କରିଥିଲେ। ପରେ ଦିଲୀପ କୁମାର ଅଭିନୟ କରନ୍ତୁ ବୋଲି ବମ୍ବେ ଟକିଜ୍ ମାଲିକାଣୀ ପ୍ରସ୍ତାବ ଦେଇଥିଲେ। ଜଣେ ରୋମାଣ୍ଟିକ୍ ହିରୋ ଭାବେ ଦିଲୀପ ଅଭିନୟ କରନ୍ତୁ ବୋଲି ଦେବିକା ରାଣୀ ଚାହୁଁଥିଲେ। ଏଥିପାଇଁ ସେ ୟୁସୁଫ୍ ଖାନ୍ ବଦଳରେ ଦିଲୀପ କୁମାର ନାମ ରଖନ୍ତୁ ବୋଲି ଦେବିକା ରାଣୀ ତାଙ୍କୁ କହିଥିଲେ। ହେଲେ ଏଥିରେ ଦିଲୀପ କୁମାର ରାଜି ହୋଇ ନ ଥିଲେ। ଭାରତୀୟ ସିନେମାର ପ୍ରଥମ କୁମାର କୁହାଯାଉଥିବା ଅଶୋକ କୁମାରଙ୍କ ଫିଲ୍ମ 'କିସ୍‌ମତ୍' ହିଟ୍ ହେବା ପରେ ୟୁସୁଫ୍ ଖାନ୍‌ରୁ ଦିଲୀପ କୁମାର ନାଁ ରଖିବାକୁ ସେ ରାଜି ହୋଇଥିଲେ। ଏହି ନାମରେ ସେ ପ୍ରଥମ କରି ଅମିୟ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶନାରେ ପ୍ରଥମ ଫିଲ୍ମ 'ଜ୍ୱାର ଭଟ୍ଟା'ରେ ଅଭିନୟ କରିଥିଲେ।

## ସ୍ୱାଧୀନତା ସଂଗ୍ରାମବେଳେ ଜେଲ ଯାଇଥିଲେ

ନିଜ ଆତ୍ମଜୀବନୀ 'ଦି ସବ୍‌ଷ୍ଟାନ୍ସ ଆଣ୍ଡ ଦି ଶାଡୋ'ରେ ଦିଲୀପ କୁମାର ଉଲ୍ଲେଖ କରିଛନ୍ତି, ଅଭିନୟ ଜଗତକୁ ଆସିବା ପୂର୍ବରୁ ଘରେ ଥିବାବେଳେ ଦିନେ ବାପାଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ପରେ ନିଜ ଗୋଡ଼ରେ ଛିଡ଼ା ହେବା ପାଇଁ ସେ ଘରୁ ପୁଣେ ପଳାଇଥିଲେ। ସେତେବେଳେ ବ୍ରିଟିଶ ଶାସନ ଚାଲିଥାଏ। ପୁଣେରେ ଥିବା ଏକ ବ୍ରିଟିଶ କ୍ୟାଣ୍ଟିନ୍‌ରେ ସହଯୋଗୀ ଭାବେ କାମ କରୁଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ ସାଣ୍ଡୱିଚ୍ ଇଂରେଜଙ୍କୁ ବେଶ୍ ପସନ୍ଦ ଆସିଥିଲା। ଦିନେ ଏକ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ କରି ବ୍ରିଟିଶ ଶାସନ ବିରୋଧରେ ସେ ଭାଷଣ ଦେଇଥିଲେ। ଏହି କାରଣରୁ ତାଙ୍କୁ ଗିରଫ କରାଯାଇ ଜେଲରେ ଭର୍ତ୍ତି କରାଯାଇଥିଲା। ଜେଲରୁ ମୁକୁଳିବା ପରେ ସେ ଘରକୁ ଫେରିଯାଇ ବାପାଙ୍କୁ ବେପାରରେ ସହଯୋଗ କରିବା ସହ ନିଜର ବିଭିନ୍ନ ବିଜ୍‌ନେସ୍ ଆରମ୍ଭ କରିଥିଲେ।

## ଦିଲୀପଙ୍କ ଜୀବନରେ ମଧୁବାଳା

ଅଭିନେତ୍ରୀ ମଧୁବାଳା-ଦିଲୀପଙ୍କ ଯୋଡ଼ି ସବୁଠାରୁ ଲୋକପ୍ରିୟ ଥିଲା। ଦିଲୀପ କୁମାର ମଧୁବାଳାଙ୍କ ପ୍ରେମରେ ପଡ଼ିଥିଲେ। 'ନୟା ଦୌର' ଫିଲ୍ମକୁ ନେଇ କୋର୍ଟରେ ମାମଲା ଚାଲିଥିବାବେଳେ ମଧୁବାଳାଙ୍କ ବାପା ଓ ଦିଲୀପ କୁମାରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଦିଲୀପ ତାଙ୍କ ପିତାଙ୍କୁ କ୍ଷମା ନ ମାଗିବାରୁ ଉଭୟଙ୍କ ବ୍ରେକ୍ ଅପ୍ ହୋଇଯାଇଥିଲା।



## ଶୋକ ବ୍ୟକ୍ତ କଲେ ଇସ୍ରାଏଲ ସରକାର

ଇସ୍ରାଏଲ ସରକାର ଏହି କିମ୍ବଦନ୍ତୀ କଳାକାରଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି। ଇସ୍ରାଏଲ ଇନ୍ ଇଣ୍ଡିଆ ଟୁଇଟର ଆକାଉଣ୍ଟରେ ଏକ ବାର୍ତ୍ତାରେ ଉଲ୍ଲେଖ କରାଯାଇଛି, କିମ୍ବଦନ୍ତୀ ଭାରତୀୟ ଅଭିନେତାଙ୍କ ପରଲୋକରେ ଆମେ ଅତ୍ୟନ୍ତ ଦୁଃଖିତ। ଦିଲୀପ କୁମାର ବେଶ୍ ପ୍ରସିଦ୍ଧ ଥିଲେ। ଇସ୍ରାଏଲରେ ମଧ ତାଙ୍କ ପ୍ରଶଂସକ ରହିଛନ୍ତି। ତାଙ୍କ ପରିବାରକୁ ସମବେଦନା।

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524



"ଦିଲୀପ କୁମାର ଅଦ୍ଭୁଦ କଳାର ଅଧିକାରୀ ଥିଲେ। ସିନେ ଜଗତକୁ ତାଙ୍କ ଅବଦାନ ଅତୁଳନୀୟ। ଗଙ୍ଗା ଯମୁନା ପରି ଚଳଚ୍ଚିତ୍ର ମାଧ୍ୟମରେ ସେ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟକୁ ଛୁଇଁଥିଲେ। ତାଙ୍କ ଦେହାନ୍ତରେ ଅତ୍ୟନ୍ତ ଦୁଃଖିତ।

**-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**



"ବଲିଉଡ୍‌ର ଏକ ଅଧ୍ୟାୟର ଶେଷ ହୋଇଛି। ୟୁସୁଫ୍ ସାହେବଙ୍କ ଚମତ୍କାର ଅଭିନୟ କଳା ଜଗତର ଏକ ବିଶ୍ୱ ବିଦ୍ୟାଳୟ ଭଳି। ଆମ ସମସ୍ତଙ୍କ ହୃଦୟରେ ସେ ଜୀବନ୍ତ ରହିବେ।

**-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



"ସିନେ ଜଗତର ମହାଦ୍ରୁମ ଉପୁଡ଼ି ଯାଇଛି। ପିଢି ପରେ ପିଢୀଙ୍କୁ ଦିଲୀପ କୁମାରଙ୍କ ଚଳଚ୍ଚିତ୍ର ଆକର୍ଷିତ କରି ରଖିବ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



"ଭାରତୀୟ ସିନେମାର କିମ୍ବଦନ୍ତୀ ଅଭିନେତାଙ୍କ ପରଲୋକରେ ଦୁଃଖିତ। ସିନେପ୍ରେମୀମାନେ ତାଙ୍କ ମୂଲ୍ୟବାନ ଅବଦାନକୁ ମନେ ପକାଇବେ।

**-ନବୀନ ପଟ୍ଟନାୟକ, ଓଡ଼ିଶା ମୁଖ୍ୟମନ୍ତ୍ରୀ**



"ଯେତେବେଳେ ଭାରତୀୟ ସିନେମାର ଇତିହାସ ଲେଖାଯିବ, ଏହା ସବୁବେଳେ ଦିଲୀପ କୁମାରଙ୍କ ପୂର୍ବରୁ ଏବଂ ତାଙ୍କ ପରେ ଭାବେ ଲିପିବଦ୍ଧ ହେବ। ତାଙ୍କ ଆତ୍ମାର ସଦ୍‌ଗତି ହେଉ। ଏପରି କ୍ଷତି ସହିବାକୁ ପରିବାର ଲୋକଙ୍କୁ ଭଗବାନ ଶକ୍ତି ଦିଅନ୍ତୁ।

**-ଅମିତାଭ ବଚ୍ଚନ, ଅଭିନେତା**



"ସିନେମା ଜଗତ ପ୍ରତି ଦିଲୀପ କୁମାରଙ୍କ ଅତୁଳନୀୟ ଅବଦାନ ଆସନ୍ତା ସବୁ ପିଢି ମନେ ରଖିବେ। ତାଙ୍କ ପରଲୋକରେ ମର୍ମାହତ। ଆତ୍ମାର ସଦ୍‌ଗତି ହେଉ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



"ଦାଦା ସାହେବ ୟୁସୁଫ୍ ଭାଇ ଚାଲିଗଲେ। ମୋ ଆଦର୍ଶଙ୍କୁ ହରାଇଛି। ଏହା ମୋର ବ୍ୟକ୍ତିଗତ କ୍ଷତି। ମୁଁ ଶବ୍ଦହୀନ।

**-ସୁବାସ ଘାଇ, ଚଳଚ୍ଚିତ୍ର ନିର୍ଦ୍ଦେଶକ**



"ଦିଲୀପ କୁମାର ସାର୍ ଫିଲ୍ମ ଜଗତର ଏକ ଯୁଗକୁ ନିଜ ସାଙ୍ଗରେ ନେଇ ଯାଇଛନ୍ତି। ତାଙ୍କ ପରିବାର ପାଇଁ ପ୍ରାର୍ଥନା କରୁଛି।

**-ଅକ୍ଷୟ କୁମାର, ଅଭିନେତା**



"ଦିଲୀପ କୁମାରଙ୍କ ନିଧନ କଥା ଶୁଣିବାକୁ ଏ ଯାଏ ପ୍ରସ୍ତୁତ ହୋଇନି। ଏହି କିମ୍ବଦନ୍ତୀ ଅଭିନେତା ଜଣେ ଅନୁଷ୍ଠାନ ଥିଲେ। ମୁଁ ଅତ୍ୟନ୍ତ ମର୍ମାହତ।

**-ଅଜୟ ଦେବଗନ୍, ଅଭିନେତା**



"ଦିଲୀପ କୁମାରଙ୍କ ସ୍ଥାନ ସର୍ବଦା ଅପୂରଣୀୟ ହୋଇ ରହିବ। ତାଙ୍କ ପରି କେହି ନାହାନ୍ତି। ଭଗବାନ ଅମର ଆତ୍ମାର ସଦ୍‌ଗତି କରନ୍ତୁ।

**-ମନୋଜ ବାଜପେୟୀ, ଅଭିନେତା**

## ଟ୍ରାଜେଡି କିଙ୍ଗ୍‌ଙ୍କୁ ଭୁଲିପାରିବନି ପାକ୍



ପାକିସ୍ତାନ ଦିଲୀପ କୁମାରଙ୍କ ଉଦାରତାକୁ ଭୁଲିପାରିବ ନାହିଁ। କଠିନ ସମୟରେ ଏସ୍‌କେଏମ୍‌ଟିଏଚ୍ ପ୍ରୋଜେକ୍ଟ ପାଇଁ ପାଣ୍ଠି ସଂଗ୍ରହରେ ସେ ସହଯୋଗର ହାତ ବଢ଼ାଇଥିଲେ। ଏହା ବାଦ୍ ମୋ ପିଢୀ ପାଇଁ ଦିଲୀପ କୁମାର ଜଣେ ମହାନ କଳାକାର ଓ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ।

**-ଇମ୍ରାନ ଖାନ, ପାକିସ୍ତାନ ପ୍ରଧାନମନ୍ତ୍ରୀ**

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ଶ୍ରୀମତୀ କନକଲତା ମହାନ୍ତି
ଆଦିମାତା କଲୋନୀ, ମଞ୍ଚେଶ୍ୱର ରେଳଡବା କାରଖାନା, ଭୁବନେଶ୍ୱର
ତିରୋଧାନ: ୨୮।୦୬।୨୦୨୧
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଆଦର୍ଶ, ଆଶୀର୍ବାଦ, ପତିବ୍ରତା, ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ମା' ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ଶତକୋଟି ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ୱାମୀ: ଧୀରେନ୍ କୁମାର ମହାନ୍ତି, ପୁତ୍ର: ପ୍ରକାଶ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ସରୋଜ କୁମାର ମହାନ୍ତି, ନାତି-ନାତୁଣୀ: ମିକୁଲ, ପିକୁଲ, ନନ୍ଦୁ, ନେହା।
ଧ-୨୧୦୩୩

ଏକାଦଶାହ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



ଁ ଚିତ୍ତରଞ୍ଜନ ଶର୍ମା
ଆବିର୍ଭାବ: ୩୦।୦୬।୧୯୭୫
ତିରୋଧାନ: ୦୮।୦୭।୨୦୧୦
SOM COMMUNICATION
Jail Chhak, Jharpada, BBSR-6
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ
ଧ-୭୦୯୨୯

# ସଂସ୍କୃତି, ସାହିତ୍ୟ ଓ ଶ୍ରୀଜଗନ୍ନାଥ

## ଅବଲୋକନ



ଡ. ପ୍ରଫୁଲ୍ଲ କୁମାର ସାହୁ

"୧୨ ଜୁଲାଇ ସୋମବାର ପୁରୀର ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା। ଚତୁର୍ଦ୍ଧାମୂର୍ତ୍ତି ଯାତ୍ରା କରିବେ ଶ୍ରୀଗୁଣ୍ଡିଚା ମନ୍ଦିରକୁ, ତାଙ୍କ ମାଉସୀ ଘରକୁ। ଏହି ଅବକାଶରେ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନାର ସ୍ଥିତି ଓ ବ୍ୟାପ୍ତିକୁ ନେଇ ଏହି ଆଲେଖ୍ୟଟି ପ୍ରସ୍ତୁତ କରିଛନ୍ତି ଡ. ପ୍ରଫୁଲ୍ଲ କୁମାର ସାହୁ।"

ଶ୍ରୀଜଗନ୍ନାଥ କେବଳ ଉତ୍କଳୀୟ ଧର୍ମ ଦର୍ଶନର ମୂଳପିଣ୍ଡ ନୁହନ୍ତି, ସେ ଓଡ଼ିଆ ଜାତିର ସାଂସ୍କୃତିକ ଆତ୍ମା। ସାମାଜିକ ଓ ରାଜନୈତିକ ଚେତନାର ପ୍ରତିଭୂ। ସେ ସର୍ବମୟ ଓ ସର୍ବମାନ୍ୟ। ଚିଠି ଖଣ୍ଡେ ଲେଖିଲେ 'ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ଶରଣ'ରୁ ଆରମ୍ଭ ହୁଏ ଲେଖା। ନୂଆ ସମ୍ବନ୍ଧଟିଏ ବାନ୍ଧିଲେ ପ୍ରଥମ ସାକ୍ଷୀ ହୁଅନ୍ତି ସର୍ବମଙ୍ଗଳ ଜଗନ୍ନାଥ। ଚଡ଼କ ପଡ଼ିଲେ ଜଗନ୍ନାଥ, ମଡ଼କ ପଡ଼ିଲେ ଜଗନ୍ନାଥ– ସୁଖରେ ଦୁଃଖରେ ସବୁ କଥାରେ ସେ ଆଦ୍ୟ ସ୍ମରଣୀୟ। ସେହି ଜଗନ୍ନାଥକୈନ୍ଦ୍ରିକ ଭାବ ଓ ଭାବନାକୁ ଆଧାର କରି ସୁନ୍ଦର, ସମୃଦ୍ଧ ଓ ସୃଜନଶୀଳ ହୋଇଛି ଓଡ଼ିଆ ଜାତିର ଜୀବନଚର୍ଯ୍ୟା। ଗଢ଼ିଉଠିଛି ନିବେଦନ ଓ ସମର୍ପଣର ସ୍ଥାପତ୍ୟ। ଭକ୍ତି ଓ ଲୁହର ଛଳଛଳ ଆବେଗରେ ଝରିପଡ଼ିଛି କବିତାର କମନୀୟ ପଂକ୍ତି।

ଓଡ଼ିଆ କାବ୍ୟ ସାହିତ୍ୟକୁ ତା'ର ଜନ୍ମ ଲଗ୍ନରୁ ଆଚ୍ଛନ୍ନ କରି ରଖିଛି ଜଗନ୍ନାଥ ଚେତନାର ଭିତ୍ତି ଓ ବ୍ୟାପ୍ତି। ଓଡ଼ିଆ ସାହିତ୍ୟର ଆଦିରୂପ 'ଚର୍ଯ୍ୟା ଗୀତିକା'ରେ ବୋଲାଯାଇଛି ମହାପ୍ରଭୁଙ୍କ ଯୌଗିକ ତତ୍ତ୍ୱର ମାହାତ୍ମ୍ୟ। ଶବରୀପା'ଙ୍କ ବୌଦ୍ଧଗାନ ଦୋହାରେ ନିହିତ ତା'ର ପ୍ରାକ୍ ଅଭିବ୍ୟକ୍ତି। ବାହାରକୁ ନଗ୍ନ ଶବ୍ଦର ସମୀକରଣ ପରି ଜଣାଗଲେ ବି ରଥବାହୁଡ଼ା ଗୀତ ଭାବରେ ଭକ୍ତମାନଙ୍କ ପାଇଁ ସେ ପଦାବଳୀରେ ରହିଛି ଏକ ନିଆରା ସମ୍ମୋହନ। ଓଡ଼ିଆ ସାହିତ୍ୟରେ ଆଦିକବି ସାରଳା ଦାସ ଥିଲେ ମା' ଶାରଳାଙ୍କର ଜଣେ ନିଷ୍ଠାପର ଭକ୍ତ। ମାଆଙ୍କ ଭକ୍ତ ହେଲେ ବି ତାଙ୍କୁ କମ୍ ବିଭୋର କରିନି ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ। ତେଣୁ ଶ୍ରୀଜଗନ୍ନାଥଙ୍କ ଠାରେ ଶୂଦ୍ରମୁନି ସ୍ଥାପନା କରିଛନ୍ତି ଆସ୍ଥା ଓ ଆତ୍ମୀୟତା। ଶ୍ରୀଜଗନ୍ନାଥ ହିଁ ଓଡ଼ିଶାର ଜାତୀୟତା, ଆଧ୍ୟାତ୍ମିକତା ତଥା ଜନଜୀବନର ପ୍ରାଣବିନ୍ଦୁ। ମହାଭାରତରେ ବର୍ଣ୍ଣିତ ଶବରୀ ନାରାୟଣ ହିଁ ସ୍ୱୟଂ ଦାରୁଦେବତା ଜଗନ୍ନାଥ। ବିଶାଳକାୟ ମହାଭାରତର ବିଭିନ୍ନ ପର୍ବରେ ସେ କରିଛନ୍ତି ଏହାର ବିସ୍ତୃତ ଅବତାରଣା। ଶ୍ରୀକୃଷ୍ଣଙ୍କୁ ନାୟକ ଭାବେ ଗ୍ରହଣ କରି ସାରଳା ଦାସ ଲେଖିଛନ୍ତି ମହାଭାରତ। କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ଅବତାରୀ ପୁରୁଷ ଭାବରେ ବର୍ଣ୍ଣନା କରି ଗାଇଛନ୍ତି ବନ୍ଦନା।

ସାରଳା ଦାସଙ୍କ ପରେ ଓଡ଼ିଆ ସାହିତ୍ୟକୁ ଏପରି ଏକ ଯୁଗ ଆସିଲା, ଯେଉଁ ଯୁଗକୁ କୁହାଯାଇପାରେ ନିରୁତା ଜଗନ୍ନାଥ–ଯୁଗ। ପଞ୍ଚସଖା ଭାବରେ ପରିଚିତ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସ ପ୍ରମୁଖ ଥିଲେ ଜଗନ୍ନାଥଙ୍କ ଭକ୍ତିରେ ପ୍ରମତ୍ତ ଜଣେ ଜଣେ ପରମ ସାଧକ। ଜଗନ୍ନାଥ ହିଁ ଥିଲେ ସେମାନଙ୍କ ସାହିତ୍ୟର ସର୍ବମୂଳ ଓ ପରମ ଅଧିଷ୍ଠାତା। ମହାପ୍ରଭୁଙ୍କ ପ୍ରତି ଅନୁରାଗ ଓ ନିଷ୍ଠାର ଚରମ ସୋପାନରେ ଉପନୀତ ହୋଇଥିଲେ ପଞ୍ଚସଖା ଯୁଗର ବୟୋଜ୍ୟେଷ୍ଠ କବି ବଳରାମ ଦାସ। ପ୍ରଭୁଙ୍କ ନାମ ସଂକୀର୍ତ୍ତନରେ ସର୍ବଦା ମତ୍ତ ରହୁଥିବାରୁ ସେ ମତ୍ତ ବଳରାମ ଦାସ ଭାବରେ ପରିଚିତ। ଶ୍ରୀଜଗନ୍ନାଥଙ୍କ ଅନୁଗ୍ରହରୁ ସେ ରଚନା କରିଥିଲେ ରାମାୟଣ ଗ୍ରନ୍ଥ। ଗ୍ରନ୍ଥର ନାମ ରଖିଥିଲେ 'ଜଗମୋହନ ରାମାୟଣ'। ବଳରାମ ଦାସଙ୍କ ଭକ୍ତିଭାବର ଚରମ ଉଲ୍ଲାସ ହେଉଛି ତାଙ୍କ 'ଭାବ ସମୁଦ୍ର'। ଏଥିରେ ବ୍ୟଞ୍ଜନାମୟ ଭାଷାରେ ଫୁଟିଉଠିଛି ବିଶୁଦ୍ଧ କବି ପ୍ରାଣର ମାର୍ମିକ ଆବେଦନ। ସେବକମାନଙ୍କ ଦ୍ୱାରା ସେ ଅପମାନିତ ଓ ଲାଞ୍ଛିତ ହେବା ପରେ ବାଙ୍କି ମୁହାଣ ସମୁଦ୍ର ତଟରେ ନିର୍ମାଣ କରିଛନ୍ତି ବାଲିରଥ। ବାଲିରଥ ଆଗରେ ଉଚ୍ଛୁଳି ଉଠିଛି କବିଙ୍କ ହୃଦୟର ଭାବ ସମୁଦ୍ର। ସେହି ଭାବ ସହିତ ଆପଣା କ୍ରୋଧ, ଅପମାନ, ବିଦ୍ରୋହକୁ ନୈବେଦ୍ୟ କରି ଅଜାଡ଼ି ଦେଇଛନ୍ତି ସେ ଆଞ୍ଜୁଳା ଆଞ୍ଜୁଳା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସର୍ବମାନ୍ୟତା ପ୍ରତିପାଦନ କରିବା କ୍ଷେତ୍ରରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତର ଭୂମିକା ସର୍ବାଧିକ। ଆମ ପୁରାଣ ଶାସ୍ତ୍ର ମଧ୍ୟରେ ଭାଗବତ ଶ୍ରେଷ୍ଠ। ସେଥିପାଇଁ ତାହା ମହାପୁରାଣ। ଏହି ମହାପୁରାଣ ସହିତ ମହାପ୍ରଭୁଙ୍କ ଲାବଣ୍ୟ ବିଗ୍ରହକୁ ସମନ୍ୱିତ କରି ଅତିବଡ଼ୀ ବସେଇ ଦେଲେ ଭାଗବତ ଟୁଙ୍ଗିରେ। ଯେଉଁଠି ସଞ୍ଜ ନଇଁଲେ ପୁରାଣ ଗୋସେଇଁଙ୍କ କଣ୍ଠରୁ ଭାସିଆସେ– "ନମସ୍ତେ ପ୍ରଭୁ ଜଗନ୍ନାଥ। ଅନାଥ ଜନଙ୍କର ନାଥ ॥ / ନମସ୍ତେ ପ୍ରଭୁ ବାସୁଦେବ। ଭକତ ଜନଙ୍କ ବାନ୍ଧବ ॥" କବି ଜଗନ୍ନାଥ ଦାସଙ୍କ ଲେଖନୀ ନିଃସୃତ ଭାଗବତର ପ୍ରତ୍ୟେକ ପଦ ଶୁଦ୍ଧ ଜୀବନଚର୍ଯ୍ୟା ତଥା ଆଧ୍ୟାତ୍ମିକ ଚେତନାର ଏକଏକ ମନ୍ତ୍ର। ସେ ମନ୍ତ୍ର ପ୍ରତି ଭକ୍ତି ଓ ଶ୍ରଦ୍ଧାଶୀଳ ଅନୁରକ୍ତି ନେଇ ଜନତା ଯୋଡ଼େ ଜଗନ୍ନାଥଙ୍କ ସହ ସମ୍ପର୍କ। ସାମାଜିକ ରୀତିନୀତି, ଖାଦ୍ୟପେୟ, ପର୍ବପର୍ବାଣି ଓ ବିବାହ ବ୍ରତରେ ବି ଲୋଡ଼ା ହୁଏ ଭାଗବତର ଦାର୍ଶନିକ ବାଣୀ। ପ୍ରତିଷ୍ଠା ହୁଏ ଶ୍ରୀଜଗନ୍ନାଥଙ୍କ ସର୍ବମାନ୍ୟତା। ପଞ୍ଚସଖାଙ୍କ ମଧ୍ୟରେ ବହୁ ବିଦିତ କବି ଅଚ୍ୟୁତାନନ୍ଦ ଥିଲେ ଶୂନ୍ୟବାଦୀ ଉତ୍କଳୀୟ ବୈଷ୍ଣବଧର୍ମର ଜଣେ ସିଦ୍ଧ ସାଧକ। ଅଚ୍ୟୁତାନନ୍ଦଙ୍କ ଦୃଷ୍ଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଲୀଳାମୟ ଶ୍ରୀକୃଷ୍ଣ ଏକ ଓ ଅଭିନ୍ନ। କବି ବହୁ ସଂହିତା, ଗୀତା, ମାଳିକା ଓ ଭଜନ ଜଣାଣ ଲେଖିଥିଲେ ବି 'ହରିବଂଶ' ତାଙ୍କର ଶ୍ରେଷ୍ଠ କୃତି। ଉତ୍କଳୀୟ ବୈଷ୍ଣବ ଧର୍ମର ଯୋଗସାଧନା ପରମ୍ପରାକୁ ଆପଣା ରଚନାବଳୀ ମାଧ୍ୟମରେ ପରିପୁଷ୍ଟ କରିଛନ୍ତି ପଞ୍ଚସଖା ଯୁଗର ଅନ୍ୟତମ କବି ଯଶୋବନ୍ତ ଦାସ। ତାଙ୍କ ଭକ୍ତି ଚେତନାର ବ୍ୟାପ୍ତି ଭିତରୁ ଉଦ୍‌ଭାସିତ ହୁଏ କବିର ଯୋଗୀପଣ। ପାଠକଙ୍କୁ ଅଭିଭୂତ କରିଦିଏ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ରକୁ ନେଇ ଯଶୋବନ୍ତଙ୍କର ଭାବମୟ ବର୍ଣ୍ଣନା। ପଞ୍ଚସଖା ଅନ୍ତର୍ଗତ ଶେଷ ସାଧକ ଶିଶୁ ଅନନ୍ତ ଦାସ ଉତ୍କଳୀୟ ବୈଷ୍ଣବ ଧର୍ମ ଓ ଦର୍ଶନର ଜଣେ ବିଶିଷ୍ଟ ଧର୍ମସାଧକ ଭାବେ ପରିଚିତ। ଜଗନ୍ନାଥଙ୍କ ପ୍ରତି ଅନନ୍ତଙ୍କ ଅମାପ ଭକ୍ତିର ନିଦର୍ଶନ ହେଉଛି ତାଙ୍କ ଶ୍ରେଷ୍ଠ କୃତି 'ହେତୁ ଉଦୟ ଭାଗବତ'।

ରୀତି ଯୁଗର ସାମାଜିକ ଜୀବନ ଓ କବିକର୍ମରେ ଭକ୍ତିଭାବନା ଥିଲା ଏକ ପ୍ରଧାନ ଅଙ୍ଗ। ରୀତି କବିମାନେ ରାମ ଓ କୃଷ୍ଣଙ୍କ ଲୀଳା ବର୍ଣ୍ଣନା କରିବା ମଧ୍ୟରେ ଆପଣା ଅନୁଭବ ପ୍ରତି ଆବିଷ୍ଟପଣ ଯୋଗୁଁ ବିଶ୍ୱସ୍ତ ଭାବେ ବିନ୍ୟସ୍ତ ଓ ବିସ୍ତାରିତ ହୋଇଛି ଜଗନ୍ନାଥ ଚେତନା। ଜଗନ୍ନାଥଙ୍କୁ ପାଇ ସକଳ ଦୁଃଖ ଭୁଲିଯାଇଥିବା ଦୀନକୃଷ୍ଣ ଆନନ୍ଦରେ ନାଚିନାଚି କହନ୍ତି– "କରି ସେହି ନାମ କୀର୍ତ୍ତନ, କରୁଥାଇ ଦୀନକୃଷ୍ଣ ସୁଖେ ନର୍ତ୍ତନ।" ବିପୁଳ କବି ଗୌରବର ଅଧିକାରୀ ଉପେନ୍ଦ୍ର ଭଞ୍ଜ ଥିଲେ ରୀତିଯୁଗର ସର୍ବଶ୍ରେଷ୍ଠ କବି। ରାମତାରକ ମନ୍ତ୍ରର ସିଦ୍ଧ ସାଧକ ହେଲେ ବି ଜଣେ ଆଧ୍ୟାତ୍ମିକ ଉପାସକ ଭାବରେ ଦାରୁବିଗ୍ରହ ମଧ୍ୟରେ ସେ ଉପଲବ୍ଧି କରିଛନ୍ତି ଶ୍ରୀଜଗନ୍ନାଥଙ୍କର ମହିମା ଓ ମହନୀୟତା। 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ପ୍ରଥମ ଛାନ୍ଦ ପାଠ କଲେ ମନେହୁଏ ଏହା ଜଗନ୍ନାଥଙ୍କ ପ୍ରଶସ୍ତିର ଏକ ସଂକ୍ଷିପ୍ତ ସଂସ୍କରଣ। ଏଥିରେ ସେ ପ୍ରତିପାଦନ କରିଛନ୍ତି ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ, ଜଗନ୍ନାଥ ତତ୍ତ୍ୱ, ତୀର୍ଥର ରହସ୍ୟ ତଥା ସ୍ନାନଯାତ୍ରାର ମହତ୍ତ୍ୱ। କବି ଜଗନ୍ନାଥଙ୍କୁ ପୂର୍ଣ୍ଣ ବ୍ରହ୍ମରୂପେ ଗ୍ରହଣ କରି ତାଙ୍କ ପୌରାଣିକ ବିବରଣୀ ଓ ମୂର୍ତ୍ତିତତ୍ତ୍ୱ ବଖାଣିଛନ୍ତି 'ପୁରୁଷୋତ୍ତମ ମାହାତ୍ମ୍ୟ' ଗ୍ରନ୍ଥରେ। ବିଦଗ୍ଧ କବିଙ୍କ ଶ୍ରୀଜଗନ୍ନାଥକୈନ୍ଦ୍ରିକ ଚଉପଦୀଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ, ସେ ଥିଲେ ଜଗନ୍ନାଥଙ୍କର ଜଣେ ଶ୍ରେଷ୍ଠ ଉପାସକ। ଆତ୍ମାକୁ ବାଧିଲେ ସେ କେତେବେଳେ ଆତ୍ମୀୟତା କାରଣରୁ ଅଭିମାନ କରିଛନ୍ତି ତ କେତେବେଳେ ଭକ୍ତର ଅଧିକାର ନେଇ ଭଗବାନଙ୍କ ବିରୁଦ୍ଧରେ ବାଢ଼ିଛନ୍ତି ଅଭିଯୋଗ। ସବୁଠି କିନ୍ତୁ ଲୁକ୍କାୟିତ ମହାପ୍ରଭୁଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାର ଅଭୀପ୍ସା। ଜଗନ୍ନାଥଙ୍କ ଅପୂର୍ବ ରୂପକାନ୍ତି ଦର୍ଶନ କରି ଭକ୍ତ କେତେବେଳେ ଭାବବିହ୍ୱଳ ହୋଇଛି ତ କେତେବେଳେ ଅଭିମାନ କରିଛି ତାଙ୍କ କରୁଣାରୁ ବଞ୍ଚିତ ହୋଇ। ଏ ଉଭୟ ଭାବକୁ କାବ୍ୟରୂପ ଦେବାରେ କବି ଖୁବ୍ ଅଙ୍ଗୀକାରବଦ୍ଧ। ସେଥିପାଇଁ ଜଗନ୍ନାଥଙ୍କୁ ପାଖରେ ପାଇ କବି ବନମାଳୀ ତନ୍ମୟ ହୋଇ ଗାଇ ଉଠନ୍ତି– "ଜଗନ୍ନାଥ ହୋ! କିଛି ମାଗୁ ନାହିଁ ତୋତେ/ ଧନ ମାଗୁ ନାହିଁ ଜନ ମାଗୁ ନାହିଁ, ମାଗୁଛି ଶରଧାବାଲିରୁ ହାତେ।" ପ୍ରାଚୀନ ଓ ମଧ୍ୟଯୁଗର ଆହୁରି ଅନେକ କବି ଜଗନ୍ନାଥକୈନ୍ଦ୍ରିକ ଅମୂର୍ତ୍ତ ଅନୁଭବକୁ ଶବ୍ଦରେ ସଜେଇଛନ୍ତି ଆପଣା ବାଗରେ।

ମୋ: ୯୪୩୮୮୫୫୦୮୮

## କବିତା

### ଲମ୍ପଟ ନାଗର

ହରିଶ୍ଚନ୍ଦ୍ର ବେହେରା

ଯେତେ ନିରେଖିଲେ ତୁ' ନୂଆ ଲାଗୁ
ନୂଆ ଲାଗେ ତୋ' କୁହାଟ।
ଜହ୍ନ ତୋର କିଏକି, ତା' ଛୁଆଁରେ
ତାରକସିର କାରୁକାର୍ଯ୍ୟଟିଏ ହୋଇଯାଉ।
ଉଭା ଲଙ୍ଗୁଳି ନଇଙ୍କୁ ଆଲିଙ୍ଗନ କରୁ
ସିପ ଶାମୁକାର ମୋତିମାଳା ପିନ୍ଧେଇ
ବେଳା ସୁନ୍ଦରୀକି ଚୁମା ଦେଉ।
ତୁ' ତ ଗୋଟେ ଲମ୍ପଟ ନାଗର
ବନ୍ଧ ବାଡ଼ ଭାଙ୍ଗି ଦେଉ
ସ୍ୱାଧିଷ୍ଠାନ ଚକ୍ରେ ଯେବେ ଉଠଇ ଜୁଆର।

ତୋତେ ଛୁଇଁଲେ ଲାଗେ
ଛୁଉଁଛିକି ଜାଭା ବୋର୍ଣ୍ଣିଓ ସୁମାତ୍ରାର
ପ୍ରବାଳ ନଅର
ହୀରା ନୀଳା ବୈଦୁର୍ଯ୍ୟ ବୋଝେଇ ଜାହାଜରେ
ଫେରୁଥିବା ଚାନ୍ଦ ସୌଦାଗର।
ସରିଯାଇଛି ଆ–କା–ମା–ବୈ ଗୀତ
ଅର୍ଘ୍ୟଥାଳିମାନ କରେ ସାଧବାଣୀ ବୋହୂଙ୍କର
ବୋଇତ ବନ୍ଦାଣ ଆଉ ମଙ୍ଗଳ ସଙ୍ଗୀତ।
ସାଗର ମନ୍ଥନ ପରେ
କ'ଣ ଅଛି ତୋ' ପାଖରେ ଅବଶିଷ୍ଟ
ନୋଳିଆର କେଇଟା ମାଛଧରା ଡଙ୍ଗା
ନାଆ ବୋଝେଇ ଜାଲ
ମଲା ମଗର ଶାଙ୍କୁଚର ନାକଫଟା ଗନ୍ଧ
ଆଉ କିଛି ଶିକାରୀଙ୍କ ଆଖି ଛଡ଼ା!
ମୁକ୍ତାଗର୍ଭୀ ହେବା ପାଇଁ
ଆଁ କରି ଚାହିଁଛି ସମୁଦ୍ର
କାହିଁ ସ୍ୱାତୀ ନକ୍ଷତ୍ରର ବର୍ଷା!!

କେଉଁ ମାଦକତା ଅଛି
କର୍ପୂର ସହ ଉଡ଼ିଯାଇଥିବା କନାକୁ ନେଇ
ଗାଉଥିବା ଝାଉଁବଣର ଗୀତରେ
କୁନି କଙ୍କଡ଼ାର ଭଙ୍ଗାଗଢ଼ା
କୁଟିକମ କାରୁକାର୍ଯ୍ୟରେ
ପରିତ୍ୟକ୍ତ କିଛି ପଇଡ଼ ଖୋଳ
ଛିଣ୍ଡା ପଲିଥିନ
ଅଣ୍ଡା ଖୋଳପାର ବିମର୍ଶ ଭାଗ୍ୟରେ!
ଝାଲ୍‌ମୁଢ଼ି ଚୁବାଉ ଚୁବାଉ କଳ୍ପନା କରି ହୁଏକି
ସେଦିନର ଅଖାଳ ସିଲେଇ ଆଉ
ଲବଣ ପୋକ୍ତାନ କଥା
ପର୍ତ୍ତୁଗାଲ ଦିନେମାର ଓଲନ୍ଦାଜ ବଣିକଙ୍କ
ବାଣିଜ୍ୟ କୋଠି ଆଉ ରାହାଜାନି କଥା!!
କୁଆଡ଼େ ଗଲା ପ୍ରେମ ପାଗଳି ସାଧବ ଝିଅ
ଭରା ଭରା ଚାନ୍ଦିନୀରେ
ପ୍ରବାସୀ ପ୍ରିୟତମ ପାଇଁ
ବାଢ଼ିଥିବା ଅର୍ଘ୍ୟ ଆଉ ପ୍ରେମର ନୈବେଦ୍ୟ!

ଏବେ ତ ଚାଲାଣ ହେଉଛି
ନାଲି କଙ୍କଡ଼ାର ନୀଳ ରକ୍ତ
ତଅପୋଇର ତତଲା ଲୁହ
ଦିନ ଆସିବ ପୂରା ଚାଲାଣ ହୋଇଯିବ
ମହୋଦଧିର ଅନାଘ୍ରାତ କଲିଜା।
କେଉଁ ଅଗସ୍ତି ଆସିବେ ଯେ
ନିଜ ପାପୁଲିରେ ଲୁଚେଇ ଦେବେ
ସପ୍ତସ୍ୱରା ସମୁଦ୍ରକୁ
ଗଣ୍ଡୁଷେ ମାତ୍ର ଜଳ କରି!!

ମୋ: ୯୪୩୭୮୧୩୭୦୮

### ଆସିଛୁ ଯଦି

ପ୍ରମୀଳା ଶତପଥୀ

କ'ଣ ନେଇ ଆସିଛୁ?
ସୁଖର କିରୀଟ ନା
ସେଇ ଆଦିମ ଅତ୍ୟାଚାରର
ଆଗ୍ନିକ ପଦାଘାତ?
ବନ୍ଦୀ ମୁଁ ଲୁହର ମହଲ ଭିତରେ
ଆଜି ବି ମୋ' ଛାତିରେ
ଅରକ୍ଷ ଅକ୍ଷରଙ୍କର ଅବନତ ସ୍ପର୍ଶ।

ହୀରା, ନୀଳାର ମାଗୁଣି ନାହିଁ
ଆସିଛୁ ଯଦି କାଢ଼ିଦେ
ମୋ' ପୁରାତନ ପଶ୍ଚାତ୍ତାପଙ୍କ ଅଙ୍ଗରୁ
ନିରାଧାର ଆଭୂଷଣ, ଯୋଖି ଦେ
ଉତ୍ତରଣର ପୂର୍ବ ମୁହୂର୍ତ୍ତରେ
ଖସିପଡୁଥିବା ସ୍ୱପ୍ନଙ୍କର
ସାଙ୍କେତିକ ଅଙ୍ଗୀକାର,
ପିନ୍ଧେଇଦେ ରୁଦ୍ରରୂପୀ ହୃଦୟରେ
ବିବେକର ସମ୍ବେଦୀ ଶୃଙ୍ଗାର
ଏମିତି ଗହଗହ ନିଆଁର ପଥରେ
କେତେକାଳ ଚାଲିହେବ କହ?

ଏବେ ପରା ଧରିପକେଇଲେ
ନସ୍କି ପଡୁଛି ଆଶାର ଶରୀର।
ତୁ, ଶୁଣିନାହୁଁ ଯାହା ମୁଁ ଶୁଣିସାରିଲିଣି,
ତୋତେ ଜଣାନାହିଁ, ଯାହା ମୁଁ ଜାଣିସାରିଲିଣି,
ଅଜଣାକୁ ଜାଣିବା ପରେ
ମୋର ଉଡ଼ିଯିବାର ଥିଲା
ପାରିଜାତର ମହକ ଆଡ଼େ।

କେବେଠୁଁ ମୋ' ଇଚ୍ଛାମାନଙ୍କୁ
ଚୋବେଇ ଖାଇସାରିଲାଣି
ନୀଳ ରାତିଟିଏ ଦେଖିବି ବୋଲି
ଭାବିଥିଲି ଯା'ର ଆଖି ଆକାଶରେ।

ଏଥର ଆସିଛୁ ଯଦି
ଲିଭେଇ ଦେ
ମୋ' ପରମାୟୁର କଳାପଟାରୁ
ବାକି ଥିବା ଗାର, ମୋ' ହାତରେ
ଧରେଇ ଦେ ମୋ' ମୃତ ଶରୀର,
ଯା'ପରେ ମୁଁ କ'ଣ ଆଉ ଦେଖିପାରିବି
ଅନ୍ଧାରର ଭଙ୍ଗାକାନ୍ଥକୁ ଆଉଜି
ଛିଡ଼ା ହୋଇଥିବାର ଦୃଶ୍ୟ
ନା ଥିବ ତୋ' ମୋ' ଭିତରେ
ଏ ଅଦୃଶ୍ୟ ପ୍ରାଚୀର...।

ମୋ: ୯୪୩୭୨୯୫୬୪୮

### ସମୟ ସରେନାହିଁ

ତ୍ରିନାଥ ପରିଡ଼ା

ସମୟ ସରେନାହିଁ କାହାସହ ସୁଖଦୁଃଖରେ
ସମୟ ସରିଯାଏ ପାର୍ଥିବ କାମ ଭିତରେ।
ସମୟ ସରେନାହିଁ ଆୟ ଆଉ ବ୍ୟୟରେ
ସମୟ ସରିଯାଏ ମଉଜ, ଉପଭୋଗରେ।
ସମୟ ସରେନାହିଁ ସତ୍ୟ ଆଉ ପ୍ରେମରେ
ସମୟ ସରିଯାଏ ଈର୍ଷା ଆଉ ଘୃଣାରେ।
ସମୟ ସରେନାହିଁ ସେବା ଆଉ ଦାନରେ
ସମୟ ସରିଯାଏ ଭୋଗ ଆଉ ରଣରେ।
ସମୟ ସରେନାହିଁ ଲାଳନପାଳନରେ
ସମୟ ସରିଯାଏ ପ୍ରଳୟ ରଚନାରେ।

ମୋ: ୯୦୭୮୦୧୬୫୮୨

## ପୁସ୍ତକ ପରିଚୟ

### ଚେର



**କବି:** ଅଭୟ ନାୟକ
**ପ୍ରକାଶକ:** ପଶ୍ଚିମା ପବ୍ଲିକେସନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୦୦/–

ମୋଟ ୩୬ଟି କବିତାର ଏକ ଅକ୍ଷର–ପସରା ବହିଟି। 'ଉତ୍ସର୍ଗ'ରୁ 'ମଲାଟ ଲିପି'ଯାଏଁ ସବୁଠି ଜୀବନ ଓ କବିତା ପ୍ରତି ଅଙ୍ଗୀକାରବଦ୍ଧତା। କବିଙ୍କ ଭାଷାରେ– "କବିଙ୍କୁ ଜ୍ୱଳନ, ପାଠକଙ୍କୁ ଗୁଞ୍ଜନ ଓ ଉଭୟଙ୍କୁ ଉଡ଼ାଣ ଦିଏ କବିତା। ମାଟିରୁ ଆକାଶ, କାଳରୁ କାଳାନ୍ତର, ପୁଣି ଜନ୍ମରୁ ଜଞ୍ଜାଳଯାଏ ସମସ୍ତଙ୍କୁ ଏକ ମଧୁର ଶିହରଣରେ ଯୋଡ଼େ କବିତା।" ବହିରେ ଥିବା କବିତାଗୁଡ଼ିକରୁ ବୁଝାପଡ଼େ ଯେ ଭାଷା, ସଂସ୍କୃତି ଓ ସମାଜର ଚେର ନ ଭେଦିଲେ କବିତା କବିର ଅନୁଭବୀ ଦସ୍ତାବିଜ୍ ହୋଇପାରିବ ନାହିଁ। 'ଗାଁ ଖୋଜିଯିବା ଆସ', 'ବାପା କହିଥିଲେ ବୋଲି', 'ଝୁମ୍ପା କେଲୁଣୀ', 'ଅଧାଗଢ଼ା ଏକ ଘରର ଛାତ ଉପରୁ', 'ଅଶ୍ରୁଯୋଗ', 'ରାତି ମେଘର ବାସର', 'ତାଲା ବନ୍ଦରେ ନନ୍ଦ ମାଝି', 'ଚେର', 'ବିସ୍ଥାପିତ', 'ଭିକ୍ଷାବୃତ୍ତି' ଓ 'ଦେଶ ବଦଳୁଛି' ଆଦି କବିତା କେବଳ କବିଙ୍କ ସମକାଳୀନ ସମୟର ସ୍ପନ୍ଦନ ନୁହେଁ, କାଳାନ୍ତରରେ ବି ଏହାର ସତ୍ୟଶୀଳତା ଅନୁଭବ୍ୟ। ଏଇ ଉଦ୍ଧୃତି ଦୁଇଟିକୁ ଦେଖନ୍ତୁ: ୧. "ମୋର ମନେଅଛି ପିଲାଦିନେ/ କେଲୁଣୀ ଆସେ ଆମ ଗାଁକୁ/ ଫି ବୁଧବାର/ ରାନ୍ଧୁଣୀ ଗାଧୁଆବେଳେ,/ ପିଲାମାନେ ସ୍କୁଲ୍ ଯିବାପରେ/ ଶେରେ ଚାଉଳରେ ବୋଉ କିଣେ/ ପାଣିକାଚ, ସିନ୍ଦୂର" ('ଝୁମ୍ପା କେଲୁଣୀ', ପୃ:୨୨)। ୨. "ଗୁଗୁଲ–ମ୍ୟାପ୍‌ରେ ଠାବ କରିବାକୁ ହେବ/ ଗାଁ ପରି ଦିଶୁଥିବା ଖଣ୍ଡେ ଭୂଗୋଳ।/ ପିଲାଙ୍କ ଡ୍ରଇଂ ଖାତାରେ/ ଅଙ୍କାଯାଇଥିବା ଗାଁର ଚିତ୍ର/ ସାଇତି ଥିବ, ବିଦ୍ୟାଧର" ('ଗାଁ ଖୋଜିଯିବା ଆସ', ପୃ: ୨୯)। କବିତାଗୁଡ଼ିକରେ ଏକ ଓଡ଼ିଶୀ ବୁନିଆଦି ଅଛି, ଯାହା ଅଭୟଙ୍କ କବିତାର ବହୁ ବୈଶିଷ୍ଟ୍ୟ ମଧ୍ୟରୁ ଅନ୍ୟତମ।

### ଲୋନାବଳାର ରାତିଏ ବର୍ଷା




**ଲେଖିକା:** ସୁନୀତା କର
**ପ୍ରକାଶକ:** ଦକ୍ଷ ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୨୦/–

୨୧ଟି ଗପ ବହିଟିରେ ସ୍ଥାନିତ। ଗଳ୍ପଗୁଡ଼ିକର କଳେବର ବେଶୀ ବଡ଼ ନୁହେଁ। ଚା' କପେ ପିଉପିଉ ବା ଟ୍ରେନ୍/ବସ୍‌ରେ ଯାଉଁଯାଉଁ ଅନାୟାସରେ ଯେକୌଣସି ଗପକୁ ପଢ଼ିନେଇହୁଏ। ଜୀବନର ଛୋଟଛୋଟ ଅନୁଭୂତିକୁ ନେଇ ଗଳ୍ପଗୁଡ଼ିକର ଆତ୍ମିକ–ପରିକଳ୍ପନା। ଭାଷା ସାଦାସିଧା। "ଲୋନାବଳାର ରାତିଏ ବର୍ଷା" ଗପଟିକୁ ଗାଳ୍ପିକା ବହିର ଶୀର୍ଷକ କରିଛନ୍ତି। ସ୍ୱାମୀ ଅଜିତ୍, ଶ୍ୱଶୁର ଓ ପୁଅକୁ ସାଙ୍ଗରେ ନେଇ ଲୋନାବଳା ବୁଲିଯାଇଛନ୍ତି ଗାଳ୍ପିକା। ଚରିତ୍ର ନିଜେ, ନିଜର ପରିବାର ବା ହୋଇପାରନ୍ତି ଏସବୁ କାଳ୍ପନିକ। କିନ୍ତୁ ଉପସ୍ଥାପନା ଏପରି ଯେ ମନେହେବ ସବୁ ଯେମିତି ସତ ଚରିତ୍ର, ଲେଖିକାଙ୍କ ଆଖପାଖର। ଗଳ୍ପରେ ତୁଙ୍ଗାର୍ଲି ଡ୍ୟାମ୍, ପାହାଡ଼, ଝରଣା ଆଦିର ଯେଉଁ ବର୍ଣ୍ଣନା, ତାହା ପାଠିକାପାଠକଙ୍କୁ ଚରିତ୍ରମାନଙ୍କର ସହଯାତ୍ରୀ କରିନିଏ। ତେଣୁ ପଢୁପଢୁ ସରିଯାଏ ଗପ, ତଥାପି ପଢ଼ିବା ତୃପ୍ତି ମେଣ୍ଟି ନ ଥାଏ। ଗଳ୍ପର ପ୍ରଥମ ଦୁଇ ତିନି ଧାଡ଼ି ଏହିପରି: "ଆରେ! ରୁହ ଟିକିଏ, ଧୀରେ ଚାଲ। ଡଗଡଗ ହୋଇ ମାଡ଼ିଚାଲିଛ କାହିଁକି? କ'ଣ ଖିରିହାଣ୍ଡି ଶୀତଳ ହୋଇଯାଉଛି କି?" ବ୍ୟଞ୍ଜନାରେ କଥା କହେ ସୁନୀତାଙ୍କ ଗପ। ପିନ୍ଧା 'ଚପଲ' ବି ମଣିଷର ଶ୍ରଦ୍ଧା ପାଏ ଲେଖିକାଙ୍କଠୁଁ। ଯେତେବେଳେ ସେ କହନ୍ତି– "ବିଚାରା ନିରିମାଖି ଚପଲ।/ ମୋ' ଲାଗି ଏ ପଥୁରିଆ ରାସ୍ତାରେ ଖଣ୍ଡିଆଖାବରା ହୋଇ କ୍ଷତାକ୍ତ" (ପୃ:୮୮)। ସେତେବେଳେ ତାଙ୍କ ଅନ୍ତର ତଳେ ଛପିଥିବା ମାନବୀୟ ସମ୍ବେଦନା ମୂର୍ତ୍ତିମନ୍ତ ହୋଇଉଠେ। ମାନବୀୟ ସମ୍ବେଦନାକୁ ଉଜାଗର କରିବା ଯଦି ଗୋଟେ ଭଲ ଗପର ସଂଜ୍ଞା ହୁଏ, ତେବେ ସୁନୀତାଙ୍କର ଏଇ ଗପଗୁଡ଼ିକ ଅବଶ୍ୟ ଭଲ ଗପ।

## କାଳକାଳକୁ

"ଚିନ୍ତନର ସ୍ଥାନ ପ୍ରଥମ, କାରଣ ଚିନ୍ତନ ଦୀର୍ଘଜୀବୀ ଓ ଦୂରଗାମୀ, କଥନର ସ୍ଥାନ ଦ୍ୱିତୀୟ"

– ସ୍ୱାମୀ ବିବେକାନନ୍ଦ



**ସ୍ୱାମୀ ବିବେକାନନ୍ଦ**ଙ୍କ ଆବିର୍ଭାବ ୧୨ ଜାନୁୟାରୀ ୧୮୬୩ରେ କଲିକତାରେ, ତିରୋଧାନ ୪ ଜୁଲାଇ ୧୯୦୨ରେ। ମୂଳ ନାମ ନରେନ୍ଦ୍ରନାଥ ଦତ୍ତ। ପାଶ୍ଚାତ୍ୟର ବସ୍ତୁବାଦୀ ପ୍ରଗତି ସଙ୍ଗେ ଭାରତୀୟ ଆଧ୍ୟାତ୍ମିକତାର ସମନ୍ୱୟ ସାଧନ ନିମିତ୍ତ ତାଙ୍କର ଉତ୍ସର୍ଗୀକୃତ ଉଦ୍ୟମ ବିଶ୍ୱ ଇତିହାସରେ ଅବିସ୍ମରଣୀୟ। ଯୋଗ ଓ ବେଦାନ୍ତ ଉପରେ ରଚିତ ତାଙ୍କର ବହୁ ପୁସ୍ତକ ଆଜି ଜଗତ ଓ ଜୀବନ ନିର୍ମାଣରେ ଉଜ୍ଜ୍ୱଳ ଦର୍ପଣ ସଦୃଶ। ୧୯୦୭ରେ ପ୍ରକାଶ ପାଇଛି ତାଙ୍କର ସମଗ୍ର ରଚନାବଳୀ।

## ରମ୍ୟ ରଚନା

# ଫେସ୍‌ବୁକ୍‌ରେ ପଖାଳ ଡାଲମା

ପରେଶ କୁମାର ପଟ୍ଟନାୟକ

ରାମବାବୁଙ୍କ ପ୍ରକୃତି ହେଲା ଖାଇବା ପୂର୍ବରୁ ତାଙ୍କ ଖାଦ୍ୟର ଗୋଟାଏ ଫଟୋ ନେବା ଓ ତାକୁ ଫେସ୍‌ବୁକ୍‌ରେ ପୋଷ୍ଟ କରିବା। ଫେସ୍‌ବୁକ୍ ଆସିବା ପୂର୍ବରୁ ତାଙ୍କର ଏପରି ଅଭ୍ୟାସ ନ ଥିଲା ବୋଲି ଅନୁମାନ କରାଯାଇପାରେ। ତାଙ୍କର ଖାଇବା ଥାଳିଟା ଫେସ୍‌ବୁକ୍‌ରେ ପୋଷ୍ଟ ହେବା ମାତ୍ରେ ଶତାଧିକ ୱାଃ ୱାଃ ଓ ଲାଇକ୍ ଗଦା ହୋଇଯାଉଥିଲା। ଚମତ୍କାର କମେଣ୍ଟ୍ସ ସବୁ ଭରି ହୋଇଯାଉଥିଲା। ରାମବାବୁ ଗର୍ବ କରିବା ସ୍ୱାଭାବିକ ଥିଲା।

ତେବେ ହଠାତ୍ ଏ ସମସ୍ତ ୱାଃ ୱାଃ କମିଗଲା, ଯେତେବେଳେ ତାଙ୍କର ବଦଳି ହୋଇଗଲା ଆଉ ଗୋଟାଏ ସିଟ୍‌କୁ। ଆଗରୁ ରାମବାବୁ 'ସନ୍ଧ୍ୟାର ପକ୍ଷୀ' ଖବରକାଗଜର ସାହିତ୍ୟ ପୃଷ୍ଠା ବୁଝୁଥିଲେ। ତାଙ୍କ ଖାଇବା ଥାଳି ପୋଷ୍ଟ ଉପରେ ଲାଇକ୍ ମାରୁଥିବା ଫେସ୍‌ବୁକାଳିମାନେ ଥିଲେ ମୁଖ୍ୟତଃ ଯୁବକବି। ଏବେ ତାଙ୍କର ବଦଳି ହୋଇଗଲା ଅର୍ଥନୀତି ଓ ବାଣିଜ୍ୟ ପୃଷ୍ଠାକୁ। ବଦଳି ପଛରେ ବି କିଛି ଅସହିଷ୍ଣୁ ଲୋକଙ୍କର ହାତଥିଲା ବୋଲି ଶୁଣାଯାଏ। ସବୁଠି ଚୁଗୁଲିଆ ଲୋକ ଥାଆନ୍ତି। 'ସନ୍ଧ୍ୟାର ପକ୍ଷୀ' ଖବରକାଗଜ ସେଥିରୁ ବାଦ୍ ଯିବ କିପରି? ଜଣେ ଚୁଗୁଲିଆ ଖବରକାଗଜର ମାଲିକଙ୍କୁ କହିଲା, ଆଜ୍ଞା! ରାମବାବୁ ଆପଣଙ୍କଠୁଁ ବେଶୀ ଲୋକପ୍ରିୟ ହେଲେଣି। ଦେଖୁନାହାନ୍ତି, ତାଙ୍କର ତରକାରି ଥାଳି ଉପରେ ଦୁଇଶହ ଲାଇକ୍ ଆସିଚି, କିନ୍ତୁ ଆପଣଙ୍କର ପାଇଖାନା ଉଦ୍‌ଘାଟନ ଫଟୋ ଉପରେ ଆସିଛି ମାତ୍ର ପାଞ୍ଚଟା ଲାଇକ୍। ଆଉ ଜଣେ ଚୁଗୁଲିଆ କହିଲା, ଆମ ଖବରକାଗଜ ଅଫିସ୍‌କୁ ଯେତେ ଲୋକ ଆସୁଛନ୍ତି, ସେଥିରୁ ଅଣିଭାଗ ରାମବାବୁଙ୍କୁ ଭେଟିବାକୁ ଆସନ୍ତି। ସେମାନେ ଅବଶ୍ୟ ଯୁବକବି। ମାତ୍ର ସେମାନଙ୍କର କବିତା ଛପିଲେ ସେମାନେ ରାମବାବୁଙ୍କୁ କୃତଜ୍ଞତା ଜଣାଇ ଫେସ୍‌ବୁକ୍‌ରେ ଲେଖନ୍ତି, ଆପଣଙ୍କୁ ପଚାରନ୍ତି ନାହିଁ। ଆଉ ଜଣେ ଚୁଗୁଲିଆ କହିଲା, ଆଜ୍ଞା! ଏଇ ଖବରକାଗଜ ବଳରେ ରାମବାବୁ ଏକାଡେମୀ ପୁରସ୍କାର ପାଇବାକୁ ଲାଗିଛନ୍ତି। ନୋହିଲେ ତାଙ୍କର କବିତାରେ ଦମ୍ କାହିଁ?

ରାମବାବୁଙ୍କର ବଦଳି ହୋଇଗଲା ଅର୍ଥନୀତି ଓ ବାଣିଜ୍ୟ ପୃଷ୍ଠାକୁ। ଏହି ସମୟର ଆଉ ଏକ ଘଟଣା। ସ୍ୱାଭାବିକ ଭାବରେ ନିଜର ଖାଇବା ଥାଳିକୁ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିଲେ ରାମବାବୁ। ସେଦିନର ଖାଦ୍ୟ ଥିଲା ପଖାଳ ଭାତ ଓ ଡାଲମା। ତା' ତଳେ ସେ ମନ୍ତବ୍ୟ ଲେଖିଥିଲେ, ପତ୍ନୀଙ୍କ ସୌଜନ୍ୟରୁ ଆଜିର ଖାଇବା ଏମିତି।

ଏହା ଉପରେ କଟୁ କମେଣ୍ଟ୍ସ ଗଦା ହୋଇଗଲା। ଜଣେ ଲେଖିଲେ, ହଇଓ ପଖାଳ ସାଙ୍ଗରେ ତ ଡାଲମା ଖାଉଚ, ତମର ରୁଚି ଗୋଟାଏ କ'ଣ? ରାମବାବୁ ପ୍ରତିବାଦ କଲେ, ମୋର ଯାହା ଇଚ୍ଛା ହେବ ମୁଁ ଖାଇବି। ତୁମର ଅସୁବିଧା କ'ଣ? ମନ୍ତବ୍ୟକାରୀ ଜଣେ ଅସନ୍ତୁଷ୍ଟ କବି, ଯାହାଙ୍କ କବିତାକୁ ରାମବାବୁ ଛପାଇ ନ ଥିଲେ। ସେ ଲେଖିଲେ, ତମର ରୁଚି ନାହିଁ ବୋଲି ଲେଖିଚି। ଯାଉନ, ସାରା ଓଡ଼ିଶା ବୁଲିଆସିବ। କାହାର ଏମିତି ବିକୃତ ରୁଚି ନ ଥିବ।

ଆଉ ଜଣେ ମନ୍ତବ୍ୟ ଲେଖିଲେ, ଶାସ୍ତ୍ରରେ କୁହାଯାଇଛି, ଭୋଜନକୁ ସର୍ବଦା ଆଢୁଆଳରେ ରଖିବ। ଆପଣ ଏଭଳି ଶାସ୍ତ୍ର ବିରୋଧୀ ଲୋକ ଯେ, ପ୍ରତିଦିନ ନିଜ ଖାଦ୍ୟର ଚିତ୍ର ପୋଷ୍ଟ କରୁଛନ୍ତି ଓ ଲାଇକ୍ ମାଗୁଛନ୍ତି।

ରାମବାବୁ ଏହାର ପ୍ରତିବାଦ କଲେ। ଯୋଉ ଶାସ୍ତ୍ରରେ ଏକଥା କୁହାଯାଇଛି, ସେଠି ଭୋଜନ ସହିତ ପତ୍ନୀକୁ ମଧ୍ୟ ଆଢୁଆଳରେ ରଖିବାକୁ କୁହାଯାଇଛି। ଆପଣ ଶାସ୍ତ୍ର ମାନି ସ୍ତ୍ରୀକୁ ଆଢୁଆଳରେ ରଖନ୍ତୁ ତ, ଜଣାପଡ଼ିବ ଆପଣଙ୍କର ତାକତ କେତେ? ମନ୍ତବ୍ୟକାରୀ ଜଣେ ମଧ୍ୟବୟସ୍କ କବି, ଯାହାଙ୍କ କବିତାର ଦୁଇଟି ଧାଡ଼ି ଆଜି ସାହିତ୍ୟ ପୃଷ୍ଠାରେ ଛପା ହେବାବେଳେ ସ୍ଥାନାଭାବରୁ କଟିଯାଇଥିଲା, କିନ୍ତୁ ତାହା ରାମବାବୁଙ୍କ ଷଡ଼ଯନ୍ତ୍ର ବୋଲି ସେ ମନେକରୁଥିଲେ ଓ ଅସନ୍ତୁଷ୍ଟ ହୋଇଥିଲେ। ଏବେ ସେ ଲେଖିଲେ, ଆଜ୍ଞା! ସ୍ତ୍ରୀଙ୍କୁ ବିବାଦ ମଧ୍ୟକୁ ଟାଣନ୍ତୁ ନାହିଁ। ଆମେ ବି ଟାଣିପାରିବୁ ଆପଣଙ୍କ ସ୍ତ୍ରୀଙ୍କୁ, ସପ୍ରମାଣ ଏମିତି ଲେଖିବୁ ଯେ ଆପଣ ଲୁଚିବାକୁ ବାଟ ପାଇବେନି।

ଏବେ ଜଣେ ମନ୍ତବ୍ୟକାରୀ ଲେଖିଲେ, ପଖାଳ ସାଙ୍ଗରେ ତୁମେ ଆଜି ଡାଲମା ଖାଇଲ, କଅଣ କାହାର ତାଡ଼ିପକେଇଲ କି? ଏତେ ଫଟେଇ ହଉଚ କାହିଁକି? ରାମବାବୁ ଏହାର ଉତ୍ତରରେ ଲେଖିଲେ, ଭାଇ! କିଛିଦିନ ତଳେ ମୁଁ ମଧ୍ୟ ଚିକେନ୍ ଆମ୍ବିଳ ବୋଲି ଗୋଟାଏ ପୋଷ୍ଟ କରିଥିଲି, ଆପଣ ସେଥିରେ ଚମତ୍କାର ବୋଲି ଲେଖିଥିଲେ। ଆଜି ହଠାତ୍ ଆପଣ ମତ ବଦଳାଇ ଦେଲେ କାହିଁକି?

ରାମବାବୁ ମନେପକାଇଲେ, ଏହି ମନ୍ତବ୍ୟକାରୀ କବିଙ୍କର ଅନ୍ତତଃ ସାତୋଟି କବିତା ଓ ଗୋଟିଏ ସାକ୍ଷାତ୍‌କାର ସେ ସାହିତ୍ୟ ପୃଷ୍ଠାରେ ଛପାଇଛନ୍ତି, ଅଥଚ କବିଟି ଏଡ଼େ ଅକୃତଜ୍ଞ! କିନ୍ତୁ ଅକୃତଜ୍ଞ କବିଟି ସତ ପୁରୁଷ ଭଳି ଲେଖିଲା, ମୁଁ ବାଣିଜ୍ୟ ଓ ଅର୍ଥନୀତି ବିଷୟରେ ଲେଖେନା। ରାମବାବୁ ବୁଝିପାରିଲେ ଏ ସତ କବିଟି ସାହିତ୍ୟ ପୃଷ୍ଠାରେ ଲେଖିବାକୁ ଚାହେଁ ଓ ରାମବାବୁଙ୍କୁ ବିରୋଧ କରି ସେ ବର୍ତ୍ତମାନ ଦାୟିତ୍ୱ ନେଇଥିବା ଶ୍ୟାମବାବୁଙ୍କ ପ୍ରିୟଭାଜନ ହେବାକୁ ଚାହେଁ। ଏଇମାନଙ୍କୁ ସତକବି କୁହାଯାଉ, ଯୋଉମାନଙ୍କ ପାଇଁ ଛପାହେବା ଏକମାତ୍ର ଉଦ୍ଦେଶ୍ୟ, ଏକମାତ୍ର ସତ୍ୟ।

ରାମବାବୁ ଚିନ୍ତିତ ଦିଶୁଥିଲେ ଏଇସବୁ ମନ୍ତବ୍ୟ ପଢ଼ିବା ପରେ। ଏହି ସମୟରେ ପତ୍ନୀ ସାମ୍ନାକୁ ଆସିଗଲେ ଓ ପଚାରିଲେ: "ଏସବୁ କ'ଣ ଚାଲିଛି? ମୋର ଖାଦ୍ୟ ପ୍ରସ୍ତୁତି ଉପରେ ଏତେସବୁ ବିରୂପ ମନ୍ତବ୍ୟ। ଏତେ କମ୍ ଲାଇକ୍? ମୋର ରୋଷେଇ କ'ଣ ଏତେ ଖରାପ?" ରାମବାବୁ ଆଶ୍ୱାସନା ଦେଇ କହିଲେ: "ନା ନା! ରୋଷେଇ ଠିକ୍ ହେଉଛି। କିନ୍ତୁ ଲୋକମାନଙ୍କର ପ୍ରକୃତି ବଦଳିଯାଇଛି। ଏଇଟା ହେଉଛି ସାହିତ୍ୟ ପୃଷ୍ଠା ଓ ଅର୍ଥନୀତି ପୃଷ୍ଠା ମଧ୍ୟରେ ପାର୍ଥକ୍ୟ।"

ପତ୍ନୀ ନାକ ସୁଁ ସୁଁ କରି କହିଲେ, ଆଗରୁ ଲୋକମାନେ ଏତେ ସୁନ୍ଦର କମେଣ୍ଟ୍ସ ଦେଉଥିଲେ ଯେ ଭାରି ଉତ୍ସାହ ଲାଗୁଥିଲା। ଆହୁରି ଭଲ ରୋଷେଇ କରି ତୁମକୁ ଖାଇବାକୁ ଦେବାକୁ ମନ ଡାକୁଥିଲା। କିନ୍ତୁ ଏବେ? ଏତେ ଅପମାନ! ମୁଁ ଆଉ ସହିପାରିବି ନାହିଁ। ରାମବାବୁ କହିଲେ, ମୁଁ କେବଳ ସେତିକି ପାଇଁ ତୁମ ରନ୍ଧାଥାଳି ଫେସ୍‌ବୁକ୍‌ରେ ପୋଷ୍ଟ କରୁଥିଲି। ଯେମିତି ତମେ ଖୁସି ହେବ। ଆଉ ପାଞ୍ଚଟା ସ୍ତ୍ରୀଙ୍କ ଭଳି ସ୍ୱାମୀ ଉପରେ ପିଆଜ କାଟ, ମସଲା ବାଟ ଭଳି ଦାୟିତ୍ୱ ଦେବ ନାହିଁ। ମୁଁ ଆରାମରେ ବସି ସାହିତ୍ୟ ଚର୍ଚ୍ଚା କରିପାରିବି।

ରାମବାବୁଙ୍କ କୈଫିୟତ ଶୁଣିବା ପୂର୍ବରୁ ପତ୍ନୀ ସ୍ଥାନ ତ୍ୟାଗ କରିଥିଲେ। ସେଦିନ ରାମବାବୁଙ୍କ ଘରେ ରୋଷେଇ ହୋଇ ନ ଥିବାର ଅନୁମାନ କରାଯାଇପାରେ। କାରଣ ରାମବାବୁ ପ୍ରକୃତିବଶତଃ ଖାଲି ଥାଳି ଓ ଗିନାର ଛବି ପୋଷ୍ଟ କରିଥିଲେ ଫେସ୍‌ବୁକ୍‌ରେ। ମନ୍ତବ୍ୟ ଲେଖିଥିଲେ, ଆଜି ପତ୍ନୀଙ୍କ ହରତାଳ ଓ ଆମର ଏକାଦଶୀ। ଏହି ପୋଷ୍ଟ ଉପରେ ଜଣେ ମନ୍ତବ୍ୟ ଲେଖିଲେ, ଚମତ୍କାର! ଅପୂର୍ବ! ସେହି ଭଦ୍ରଲୋକ ଅର୍ଥନୀତି ଉପରେ ଲେଖନ୍ତି ବୋଲି ଅନୁମାନ କରାଯାଏ।

ମୋ: ୯୪୩୭୦୦୦୩୪୫



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତ୍ପଥୀ

# ବ୍ରାଜିଲ-ଆର୍ଜେଣ୍ଟିନା ଫାଇନାଲ

**କୋପା ଆମେରିକା ଫୁଟ୍‌ବଲ**


କଲମ୍ବିଆକୁ ପରାସ୍ତ କରିବା ପରେ ଲିଓନେଲ ମେସିଙ୍କ ସମେତ ସାଥୀ ଆର୍ଜେଣ୍ଟିନା ଖେଳାଳି ଖୁସି ମନାଉଛନ୍ତି ।

**ବ୍ରାସିଲିଆ,୭।୭**

କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଦକ୍ଷିଣ ଆମେରିକାର ଦୁଇ ଫୁଟବଲ ପାୱାର ହାଉସ୍ ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ନେମାରଙ୍କ ବ୍ରାଜିଲ ଓ ଲିଇନେଲ ମେସିଙ୍କ ଆର୍ଜେଣ୍ଟିନା ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଶନିବାର ଐତିହାସିକ ମାରାକାନା ଷ୍ଟାଡିୟମରେ ଦୁଇଦଳ ମୁହାଁମୁହିଁ ହେବେ। ପ୍ରଥମେ ବ୍ରାଜିଲ ୧-୦ ଗୋଲରେ ପେରୁକୁ ସେମିରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପଟେ ମଙ୍ଗଳବାର ସ୍ଥାନୀୟ ମାନେ ଗାରିଞ୍ଚା ଷ୍ଟାଡିୟମରେ ଆର୍ଜେଣ୍ଟିନା ପେନାଲ୍ଟି ଶୁଟ୍ ଆଉଟ୍‌ରେ କଲମ୍ବିଆକୁ ୩-୨ରେ ହରାଇ ଫାଇନାଲରେ ପ୍ରବେଶ କରିଛି।

ସେମିଫାଇନାଲରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ସପ୍ତମ ମିନିଟ୍‌ରେ ଗୋଲ ଦେଇ ଆର୍ଜେଣ୍ଟିନା ଅଗ୍ରଣୀ ହାସଲ କରିଥିଲା। ଦଳ ତରଫରୁ ୨୩ ବର୍ଷୀୟ ଷ୍ଟ୍ରାଇକର ଲାଉଟାରୋ ମାର୍ଟିନେଜ ଗୋଲ ଦେଇ ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଆର୍ଜେଣ୍ଟିନା ଅଗ୍ରଣୀ ବଜାୟ ରଖିଥିଲା। ତେବେ ୬୧ତମ ମିନିଟ୍‌ରେ କଲମ୍ବିଆର ୨୪ ବର୍ଷୀୟ ୱିଙ୍ଗର ଲୁଇସ୍ ଡିଆଜ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ବଲ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଉଭୟ ଦଳ ପାଖାପାଖି ସମାନ ସ୍ଥିତିରେ ରହିଥିଲେ। ତେବେ କଲମ୍ବିଆ କଡ଼ା ଟକ୍କର ଦେବାକୁ ସକ୍ଷମ ହୋଇଥିଲା। ୩୦ ମିନିଟ୍‌ର ଅତିରିକ୍ତ ସମୟରେ ମଧ୍ୟ ଗୋଲ ସମ୍ଭବ ନ ହେବା କାରଣରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ଫଳରେ ପେନାଲ୍ଟିର ସହାୟତା ନିଆଯାଇଥିଲା। ଏଥିରେ ଆର୍ଜେଣ୍ଟିନା ତରଫରୁ ମେସି, ଲିଆଣ୍ଡ୍ରୋ ପ୍ୟାରେଡ୍ସ ଓ ଲାଉଟାରୋ ମାର୍ଟିନେଜ ଗୋଲ ଦେଇଥିଲେ। କିନ୍ତୁ ରୋଡ୍ରିଗୋ ଡି ପଲ ଗୋଲ ଦେଇପାରି ନ ଥିଲେ। ଅନ୍ୟପଟେ କଲମ୍ବିଆ ପକ୍ଷରୁ ଜୁଆନ କୁଆଡ୍ରାଡୋ ଓ ମିଗୁଏଲ ବୋର୍ଜା ଗୋଲ ଦେଇଥିଲେ। କଲମ୍ବିଆର ଡାଭିନସନ ସାଞ୍ଚେଜ୍, ୟେରି ମିନା ଓ ଏଡ୍‌ୱିନ କାର୍ଡୋନା ଗୋଲ ଦେବାରେ ବିଫଳ ହେବା କାରଣରୁ କଲମ୍ବିଆ ହାରିଥିଲା।

୧୯୯୩ ପରେ ଆର୍ଜେଣ୍ଟିନା କୌଣସି ମେଜର ଟାଇଟଲ ଜିତିପାରି ନାହିଁ। ମେସି ମଧ୍ୟ ନିଜ ଦେଶ ପାଇଁ କୌଣସି ବଡ଼ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିପାରି ନାହାନ୍ତି। ଘରୋଇ ପରିବେଶରେ ବ୍ରାଜିଲ କେବେ ବି କୋପା ଫାଇନାଲରେ ହାରିନାହିଁ। ୬ଟି ମ୍ୟାଚ୍‌ରୁ ବ୍ରାଜିଲ ୫ଟିରେ ବିଜୟୀ ହୋଇଛି। ଗତ ୧୪ଟି ସଂସ୍କରଣରେ ବ୍ରାଜିଲ ୯ଥର ଫାଇନାଲରେ ପ୍ରବେଶ କରିଛି ଓ ମୋଟ ଉପରେ ୯ଥର ଟାଇଟଲ ଜିତିଛି। ଦୁଇବର୍ଷ ତଳେ ପେରୁକୁ ଫାଇନାଲରେ ୩-୧ ଗୋଲରେ ପରାସ୍ତ କରି ବ୍ରାଜିଲ ଚାମ୍ପିୟନ ହୋଇଥିଲା।

ଆମେ ଏବେ ଫାଇନାଲକୁ ଉଠିଛୁ। ନେମାର ମଧ୍ୟ ଫାଇନାଲରେ ବ୍ରାଜିଲକୁ ଭେଟିବାକୁ ଚାହୁଁଥିବା କହିଛନ୍ତି। ଆମେ ବନ୍ଧୁ ହୋଇଥିବାରୁ ସେ ଏହି କଥା କହିଛନ୍ତି। ଏବେ ଆମେ ମୁକାବିଲାରେ ଅବତୀର୍ଣ୍ଣ ହେବୁ ବୋଲି ମେସି କହିଛନ୍ତି। ୮୧ ତମ ମିନିଟ୍‌ରେ ମେସି ଶର୍ଟ ରେଞ୍ଜ୍ ଗୋଲ ସ୍କୋର କରିବାରେ ବିଫଳ ହୋଇଥିଲେ। ଆର୍ଜେଣ୍ଟିନା ଗୋଲକିପର ଡାମିଆନ ମାର୍ଟିନେଜ ଚମତ୍କାର ସେଭ୍ କରିଥିଲେ।

## ଓଡ଼ିଶା ଏଫ୍‌ସିରେ ଆଇଜାକ୍



**ଭୁବନେଶ୍ୱର, ୭।୭ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ)ର ଅଷ୍ଟମ ସଂସ୍କରଣ ପୂର୍ବରୁ ଓଡ଼ିଶା ଏଫ୍‌ସି ୨୪ ବର୍ଷୀୟ ଭାରତୀୟ ଖେଳାଳି ଆଇଜାକ୍ ଭାନମାଲସାମାଙ୍କ ସହ ଚୁକ୍ତି କରିଛି। ଏହି ଇଣ୍ଡିଆନ ୱିଙ୍ଗର ଭୁବନେଶ୍ୱରଭିତ୍ତିକ ଦଳ ସହ ୨ ବର୍ଷୀୟା ଚୁକ୍ତି କରିଛନ୍ତି। ଆବଶ୍ୟକସ୍ଥଳେ ୩ୟ ବର୍ଷ ପାଇଁ ଚୁକ୍ତି ସୀମା ବଢ଼ିବା ବିକଳ୍ପ ରହିଛି। ୨୦୧୩ରେ ୧୯ ବର୍ଷରୁ କମ୍ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ଆଇଜାକ୍ ଏଆଇଏଫ୍‌ଏଫ୍ ଏଲିଟ ଏକାଡେମୀରେ ପ୍ରଦର୍ଶନକୁ ଶାଣିତ କରିଥିଲେ। ମିଜୋରାମର ଏହି ୱିଙ୍ଗର ଆଇ-ଲିଗ୍ ଦଳ ଶିଲଂ ଲାଜଂ ଦଳ ପକ୍ଷରୁ ଖେଳି ପେସାଦାର କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୭ରେ ସେ ପୁଣେ ସିଟି ଏଫ୍‌ସି ପକ୍ଷରୁ ଆଇଏସ୍ଏଲ ପଦାର୍ପଣ କରିଥିଲେ। ପରେ ସେ ଚେନ୍ନାଇନ୍ ଏଫ୍‌ସି ଏବଂ ଜାମସେଦପୁର ଏଫ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। କୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନଙ୍କ ପ୍ରଶିକ୍ଷଣରେ ସେ ଭୁଟାନ ବିପକ୍ଷରେ ଭାରତୀୟ ସିନିୟର ଦଳରୁ ଖେଳିଥିଲେ। ଓଡ଼ିଶା ପରିବାରକୁ ଆଇଜାକ୍‌ଙ୍କୁ ସ୍ୱାଗତ କରିଛନ୍ତି ଓଡ଼ିଶା ଏଫ୍‌ସି କ୍ଲବ ସଭାପତି ରାଜ ଅଥୱାଲ। ଆସନ୍ତା ସିଜନରେ ତାଙ୍କ ଉପସ୍ଥିତିରେ ଦଳ ନିଶ୍ଚିତ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଓଡ଼ିଶା ଏଫ୍‌ସି ଯୁବ ଦଳରେ ଯୋଗଦେବାକୁ ସେ ବ୍ୟଗ୍ର ବୋଲି ନିଜ ପ୍ରତିକ୍ରିୟାରେ ଆଇଜାକ୍ କହିଛନ୍ତି। ପ୍ରଶଂସକଙ୍କ ଆଶା ଆକାଂକ୍ଷାକୁ ଦୃଷ୍ଟିରେ ରଖି ଶେଷ ହ୍ୱିସିଲ ବାଜିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବି ବୋଲି ସେ ପ୍ରକାଶ କରିଛନ୍ତି।

## ରାଜ୍ୟପାଳଙ୍କଠାରୁ ଆଶୀର୍ବାଦ ନେଲେ ଦୂତୀ


ରାଜ୍ୟପାଳଙ୍କୁ ବୁଧବାର ଭେଟିବା ଅବସରରେ ଦୂତୀ ଚାନ୍ଦ। ନିକଟରେ ଅଛନ୍ତି ଏମ୍‌ପି ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୭।୭ (କ୍ରୀଡ଼ା ପ୍ରତିନିଧି):** ଟୋକିଓ ଅଲିମ୍ପିକ୍ସର ୧୦୦ ଓ ୨୦୦ ମିଟର ରେସ୍‌ରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିବା ସ୍ପ୍ରିଣ୍ଟ କୁଇନ ଦୂତୀ ଚାନ୍ଦ ବୁଧବାର ପୂର୍ବାହ୍ନରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ତାଙ୍କ ବାସଭବନରେ ଭେଟି ଆଶୀର୍ବାଦ ନେଇଛନ୍ତି। ରାଜ୍ୟପାଳ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଅଲିମ୍ପିକ୍ସରେ ଦୂତୀ ପଦକ ଜିତିବା ପାଇଁ ଶୁଭକାମନା ଜଣାଇଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଉପସ୍ଥିତ ଥିଲେ। "ରାଜ୍ୟପାଳଙ୍କଠାରୁ ଆଶୀର୍ବାଦ ନେବା ପରେ ମୋ ମନୋବଳ ଆହୁରି ବଢ଼ିଛି। ସେ ମୋତେ ଉତ୍ସାହିତ କରିବା ସହ ଅନେକ ମୂଲ୍ୟବାନ ପରାମର୍ଶ ଦେଇଛନ୍ତି। ଆଗାମୀ ଅଲିମ୍ପିକ୍ସରେ ଶ୍ରେଷ୍ଠ ପ୍ରଦର୍ଶନ କରି ମୁଁ ରାଜ୍ୟ ଓ ଦେଶକୁ ଗର୍ବିତ କରିବାକୁ ଚେଷ୍ଟା କରିବି" ବୋଲି ଦୂତୀ ପ୍ରକାଶ କରିଛନ୍ତି। ପଟିଆଲାରେ ଇଣ୍ଡିଆନ ଗ୍ରାଁ ପ୍ରି-୪ ଓ ଆନ୍ତଃରାଜ୍ୟ ଆଥ୍‌ଲେଟିକ ମିଟ୍‌ରେ ଭାଗନେଇ ଗତ ଶନିବାର ଓଡ଼ିଶା ଫେରିଥିବା ଦୂତୀ ବୁଧବାର ଅପରାହ୍ନରେ ହାଇଦ୍ରାବାଦ ଯାଇଛନ୍ତି। ସେଠାରେ ସେ କୋଚ୍ ନାଗାପୁରୀ ରମେଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରେନିଂ ଜାରି ରଖିବେ। ଭାରତୀୟ ଦଳ ପର୍ଯ୍ୟାୟକ୍ରମେ ଟୋକିଓ ଯିବା କାର୍ଯ୍ୟକ୍ରମ ରହିଛି। ଆଥ୍‌ଲେଟିକ ଟିମ୍ ୨୧ ତାରିଖରେ ନୂଆଦିଲ୍ଲୀରେ ଏକତ୍ରିତ ହୋଇ ଜାପାନ ଯିବା ସମ୍ଭାବନା ରହିଛି ବୋଲି ଦୂତୀ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଦୂତୀ ଇଣ୍ଡିଆନ ଗ୍ରାଁ ପ୍ରି-୪ରେ ୧୦୦ ମିଟର ଦୂରତ୍ୱକୁ ୧୧.୧୭ ସେକେଣ୍ଡରେ ଅତିକ୍ରମ କରି ମାତ୍ର ୨ ସେକେଣ୍ଡ ପାଇଁ ସିଧାସଳଖ ଅଲିମ୍ପିକ୍ସ ଯୋଗ୍ୟତାରୁ ବଞ୍ଚିତ ହୋଇଥିଲେ। ମାତ୍ର ର୍‍ୟାଙ୍କିଙ୍ଗ୍ ଆଧାରରେ ସେ ଉଭୟ ୧୦୦ ଓ ୨୦୦ ମିଟରରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ଘରୋଇ କ୍ରିକେଟ ସିଜନ ପାଇଁ ଓସିଏର ପ୍ରସ୍ତୁତି

**ଭୁବନେଶ୍ୱର,୭।୭(ସ୍ପୋର୍ଟ୍ସ ବ୍ୟୁରୋ):** ଘରୋଇ କ୍ରିକେଟ ସେସନ ଆରମ୍ଭ କରିବା ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତା'ର ପ୍ରସ୍ତୁତି ଓ ଯୋଜନା ବୃତ୍ତାନ୍ତ କରିବା ପରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ମଧ୍ୟ ଏ ନେଇ ଅଣ୍ଟା ଭିଡିଛି। ଘରୋଇ କ୍ରିକେଟ ସେସନ ଆରମ୍ଭ କରିବାକୁ ଓସିଏ ଏବେ ରାଜ୍ୟ ସରକାରଙ୍କ ଅନୁମତି ଲୋଡ଼ିଛି। ବିସିସିଆଇର ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ ଓ ଏ ନେଇ ରାଜ୍ୟର ପ୍ରସ୍ତୁତି ତଥା ଅଭ୍ୟାସ ଶିବିର ଆୟୋଜନ ନେଇ ମଧ୍ୟ ସରକାରଙ୍କ ଅନୁମତି ମଗାଯାଇଛି। ବୁଧବାର ଏ ସଂକ୍ରାନ୍ତରେ ଟୁର୍ନାମେଣ୍ଟ କମିଟି ଓ ଚୟନ କମିଟି (ସିନିୟର ଓ ଜୁନିୟର ପୁରଷ, ମହିଳା)କୁ ନେଇ ଓସିଏ ଆୟୋଜନ କରିଥିବା ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ଓସିଏ ଧୀରେ ଧୀରେ କ୍ରିକେଟ କାର୍ଯ୍ୟକଳାପ ଆରମ୍ଭ କରିବ। ନିୟମ ଅନୁଯାୟୀ ସୁରକ୍ଷିତ ବାୟୋ ବବଲରେ କ୍ରିକେଟର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜୁଲାଇ ୨୫ ତାରିଖରୁ କଟକ ଓ ଭୁବନେଶ୍ୱରରେ ସିନିୟର ଓ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ୩୭ଟି ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଲିଗ୍ ମ୍ୟାଚ୍‌ଗୁଡିକ ଦିନିକିଆ ଫର୍ମାଟ୍‌ରେ ଖେଳାଯିବ। ତେବେ ସୁପର ଲିଗ୍ ମ୍ୟାଚ୍‌ଗୁଡିକ ୩ଟି ଭିନ୍ନ ଫର୍ମାଟ(ଦିନିକିଆ, ଟି୨୦ ଓ ୨ ଦିନିଆ)ରେ ଆୟୋଜନ ହେବ। ସୁପର ଲିଗ୍‌ରେ ୮ଟି ଦଳ ରହିବେ। ଲିଗ୍‌ର ୬ଟି ଦଳ ସହିତ ଅବଶିଷ୍ଟ ଓଡ଼ିଶାର ଏ ଓ ବି' ଦଳ ମଧ୍ୟ ସୁପରଲିଗ୍‌ରେ ସାମିଲ ହେବେ। ସୁପରଲିଗ୍‌କୁ କ୍ୱାଲିଫାଏ କରିପାରି ନ ଥିବା ୩୧ ଦଳର ଖେଳାଳିଙ୍କୁ ପ୍ରଦର୍ଶନ ଭିତ୍ତିରେ ଚୟନକର୍ତ୍ତାମାନେ ଏହି ଦୁଇ ଦଳରେ ସାମିଲ କରିବେ। ଫଳରେ ୩୧ଟି ଦଳଗୁଡିକରୁ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ନିଜ ଦକ୍ଷତା ପ୍ରଦାନ କରିବା ଲାଗି ପୁନଃ ସୁଯୋଗ ମିଳିବ। ସେହିପରି ଭୁବନେଶ୍ୱରରେ ୧୬ ବର୍ଷରୁ କମ୍ ଆନ୍ତଃଜିଲା ଟୁର୍ନାମେଣ୍ଟ ମଧ୍ୟ ଜୁଲାଇ ୨୫ରୁ ଆରମ୍ଭ ହେବ। ଏଥିରେ ୩୬ଟି ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଲିଗ୍ ମ୍ୟାଚ୍‌ଗୁଡିକ ଦିନିକିଆ ଫର୍ମାଟରେ ଖେଳାଯିବ। ସେହିପରି ସୁପରଲିଗ୍ ମ୍ୟାଚ୍‌ଗୁଡିକ ୮ଟି ଦଳ ମଧ୍ୟରେ ଖେଳାଯିବ ଓ ଏଗୁଡିକ ୨ ଦିନିଆ ଫର୍ମାଟରେ ଖେଳାଯିବ। ସେହିପରି ଓସିଏ ମହିଳା କ୍ରିକେଟ ଟୁର୍ନାମେଣ୍ଟ ମଧ୍ୟ ଜୁଲାଇ ୨୫ ତାରିଖରୁ ଆରମ୍ଭ ହେବ। ଏହା ଭୁବନେଶ୍ୱରରେ ଉଭୟ ଦିନିକିଆ ଓ ଟି୨୦ ଫର୍ମାଟରେ ଖେଳାଯିବ। ଏହି ଟୁର୍ନାମେଣ୍ଟଗୁଡିକରେ ପ୍ରଦର୍ଶନକୁ ଭିତ୍ତିକରି ଚୟନକର୍ତ୍ତାମାନେ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ୨୩, ୧୯ ଓ ୧୬ ବର୍ଷରୁ ଓଡ଼ିଶା ପୁରୁଷ ଦଳ ଓ ୨୩ ଓ ୧୯ ବର୍ଷରୁ କମ୍ ମହିଳା ଦଳ ଚୟନ କରିବେ।





